# ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ମେ ୧୫/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, May 15/2022 | Page 16 | ₹ 7.00 | ★★

୧୮ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






## FRESHERS IN FIRST ATTEMPT

All the results given below are from Balangir +2 Science & Bhubaneswar Advanced Classes wings only

**2021 CHSE RESULT** — HIGHEST LAPTOP ACHIEVERS (99 OUT OF 285) IN WESTERN ODISHA

577 RUTUPARNA, 572 CHINMAYA, 569 RITAMBHARA, 569 SAMEER, 567 DEBASHISH, 567 SHOBHAN, 566 SANSKAR, 566 SWETAPADMA, 565 ANKIT, 564 SARAT, 564 SOURAV, 563 SHIBASHIS, 563 ANSHUMAN, 562 PRERANA, 562 HARISHANKAR, 561 ANKIT, 561 NISHADEVI, 561 PRIYANKA, 559 BIBEKANANDA, 559 SANSEET, 559 CHINMAY, 558 ITISHREE, 557 MIKI, 557 ISHWAR, 555 PRAGNYA, 554 BHOUMIK, 554 SOMNATH, 554 RASHMIREKHA, 553 RAAJ, 552 ANKITA, 551 RASHMITA, 550 BARSHARANI, 550 NAMRATA, 549 SABYASACHI, 549 SONAL, 548 BIKASH, 547 OMPRAKASH, 546 SAGARIKA, 546 SUBHASHREE, 544 AKARSHAN, 544 PUNYATOYA, 544 SIPRA, 544 BINODUBIDUSHI, 543 KIRTI NARAYAN, 543 MANISH, 542 SHIBANI, 540 PRATYUSH, 540 PRATYUSH, 540 DEBANSH

## ADMISSIONS: 22-23

# YUVODAYA

## CBSE & CHSE

XI-XII/ +2 Science with IIT & Medical Coaching

● BALANGIR ● BHUBANESWAR ● BERHAMPUR

CALLING 10th Board BSE/CBSE/ICSE appeared / appearing students for

**Summer Bridge Course**

Batches starting from 19th & 26th May, 2022

**SIP** SCHOOL INTEGRATED PROGRAM — School + IIT/Medical Coaching + Hostel

FRESHER NIT-RAIPUR 96% AMAN; FRESHER AIIMS-BBSR 96% SOUMESH; FRESHER SCB-CUTTACK 95% BIPLAB; FRESHER NIT-ROURKELA 95% GOURA S.

| | | | |
|---|---|---|---|
| 90% above | 32 | 26.02 | % |
| Passed/Appeared | 123/123 | 100.00 | % |
| First Divisions | 122 | 99.19 | % |
| 80% above | 62 | 50.41 | % |
| 70% above | 89 | 72.36 | % |
| 2nd Division | 1 | 0.81 | % |

**2021 CBSE RESULT** (90% ABOVE)

FRESHER SCB-CUTTACK 94.8% ARYAN, 94.8% SONALI, 94.8% ANKITESWAR, FRESHER AIIMS-DEOGHAR 94.6% SOM, 94.6% APARNA, 94.2% SUBHAM, 94% RAJESH, 93.6% AMIT, 93.6% PRAGNYA, 93.4% ASHUTOSH, 93.2% UTSAV, 92.6% SRUTI, 92.6% SUBHAMBIKA, 92.2% SUBHAM RAJ, 92% TRIDEV, 91.4% RAHUL, 91.2% BISHNUPRIYA, 91.2% OORJA, 91% PREM, 91% RAMOULARI, 90.8% SANKALP, 90.8% IPSITA, 90.8% JIYA, 90.4% SANSKAR, 90.4% SHIYA, 90% MADHUSMITA, 90% PRAPTEE, 90% JUSTIDEV

**NEET - 2022 CRASH COURSE** — Booking Open, Limited Seats, Hostels available

JEE CHAMPS - 2021: JYOTIRAJ IIT, MADRAS; AMAN NIT, RAIPUR; GOURA S. NIT, ROURKELA

● BHUBANESWAR ● BERHAMPUR ● BALANGIR

# YUVODAYA

## IIT-JEE/MEDICAL

### Advanced Classes

2021 Success Rate - 37.8%
Highest in Odisha at NEET

ARABINDA, ABHYUDAYA, ABHIJIT, ABHILASH, TANMAYA, PRABHU, UMESH, DEEPAK, SUNITA, CHANDAN, SUBHASH, SAMEER, BIDYUT, SIVABRATA, BINOD, MANAS, ABHILASH, TANMAYA, SATYA, SASWAT, MD. ASIF, SAURAV, SUDEEP, PRIYANKA, PRAGYAN, ETEESHREE, MALAYA, MANJIT, UMESH, AYUSH, ROSHAN, SWATI, SOHANG, BYASADEV, SUDIPTA, BYASADEV, DIPTIMAYEE, BALUNKESWAR, JYOTI, SMARANIKA, MONALISA, SANGRAM, NIRUPAMA, KHUSWANT, PRATIKSHYA, PREETI, GURUKRUPA, PRIYA, PREETI, ARPITA, MANJIT, RAMAKANTA, TULSI, S. SATYA

**NEET-2020** 55 OUT OF 240 — Odisha's Highest Success Rate — PRABHAS IIT, HYDERABAD

**NEET-2021: 45 out of 119 Govt. Medical College Selects**

672 Raghunath AIIMS, KALYANI; 661 Satyadish SCB, CUTTACK (AIIMS QUALIFIED); 659 Sonali SCB, CUTTACK (AIIMS QUALIFIED); 657 Pratik SCB, CUTTACK (AIIMS QUALIFIED); 655 Sitish SCB, CUTTACK (AIIMS QUALIFIED); 655 Manas SCB, CUTTACK (AIIMS QUALIFIED); 654 Sambit Nayak AIIMS, BBSR (AIIMS QUALIFIED); 654 Sambit Behera SCB, CUTTACK (AIIMS QUALIFIED); 645 Alok SCB, CUTTACK (AIIMS QUALIFIED)

642 Prabhudutta SCB, CUTTACK (AIIMS QUALIFIED); 636 Gulsan SCB, CUTTACK; 633 Sudesna MKCG, BRAHMAPUR; 633 Nitesh VIMSAR, BURLA; 631 Debashish VIMSAR, BURLA; 630 Radhamohan SCB, CUTTACK; 626 Lalit Mohan VIMSAR, BURLA; 623 Sachidananda VIMSAR, BURLA; 621 Bikash Bhoi MKCG, BRAHMAPUR

619 Abhilash VIMSAR, BURLA; 618 S.M. Soumyadarshi MKCG, BRAHMAPUR; 618 Paresh VIMSAR, BURLA; 617 S. Chidananda MKCG, BRAHMAPUR; 614 Anshuman VIMSAR, BURLA; 613 Ayesha VIMSAR, BURLA; 610 Suraj VIMSAR, BURLA; 610 Swasti Sagarika BBMC, BALANGIR; 608 Ashish VIMSAR, BURLA

608 Pritam VIMSAR, BURLA; 607 Subodh BBMC, BALANGIR; 604 Satyasundar BBMC, BALANGIR; 601 Samikshya SIMC, PURI; 600 Verolina BBMC, BALANGIR; 598 Sandeep FMMC, BALASORE; 597 Deepak BBMC, BALANGIR; 597 Sananda SIMC, PURI; 596 Bikash SIMC, PURI

595 Dipti SCB, CUTTACK; 594 Suman BBMC, BALANGIR; 594 Badal SLNMC, KORAPUT; Nicky SCB, CUTTACK; Rajlaxmi SCB, CUTTACK; Anshuman MKCG, BRAHMAPUR; Priyadarshini MKCG, BRAHMAPUR; Sweety VIMSAR, BURLA; Sourav Bhoi BBMC, BALANGIR

Consistently proclaimed **HIGHEST SUCCESS RATE at NEET** in last 3 consecutive years

**FOR CLASS-XI / +2 SCIENCE SUMMER BRIDGE COURSE:**
**Balangir:** City Office at Hatisal Pada, Ph. 9777884488, 9938086842
**Bhubaneswar:** 2-A, Kharavela Nagar, Ram Mandir Square Opp. St. Joseph's School, Ph. 9556279240, 9776415000, 7657045401
**Berhampur:** Utkal Ashram Road, Ph. 9437338316, 9437091905

**FOR CRASH COURSE & 1 YEAR IIT & MEDICAL COACHING:**
**Bhubaneswar:** Jayadev Vihar, Biju Pattnaik College Road Ph. 9437330577, 7381013202, 7077983222, 7381064208, 9040064200
**Berhampur:** Utkal Ashram Road, Ph. 9437091905, 9437338316
**Balangir:** City Office at Hatisal Pada, Ph. 9777884488, 9938086842

**YCAT** +3 SCIENCE (HONS) Physics, Chemistry, Mathematics, Botany, Zoology — SEAT BOOKING OPEN — YUVODAYA COLLEGE OF ADVANCED TECHNOLOGY, SAMBALPUR ROAD, BALANGIR - 767 001, Cell. 8249337434, 8763145054

Success has already made the NOISE, watch out for the result BLAST in the coming years

**ଫାର୍ମରେ ନିଆଁ :୨୦ ଗାଈ ଦଗ୍ଧ**

ରାଜଧାନୀ ଦିଲ୍ଲୀର ରୋହିଣୀ ସାଉଦା ଗ୍ରାମର ଏକ ଫାର୍ମରେ ନିଆଁ ଲାଗିବା ଫଳରେ ୨୦ଟି ଗାଈ ଜଳିଯାଇଛନ୍ତି। ଶନିବାର ଅପରାହ୍ଣ ସାଢ଼େ ଗୋଟେ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ୩ ପୋଲିସଙ୍କୁ ହତ୍ୟା କଲେ କୃଷ୍ଣସାର ମୃଗ ଶିକାରୀ

**ଭୋପାଳ,୧୪।୫:** ମଧ୍ୟପ୍ରଦେଶର ଗୁନା ଜିଲାରେ ଶୁକ୍ରବାର ବିଳମ୍ବିତ ରାତିରେ କୃଷ୍ଣସାର ମୃଗ ଶିକାରୀମାନେ ୩ ଜଣ ପୋଲିସଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଆରୋନ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଶିକାରୀ ରହିଥିବାରୁ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ପୋଲିସ ଅଧିକାରୀମାନେ ସେଠାକୁ ଯାଇଥିଲେ। ରାତି ପ୍ରାୟ ୨ଟା ୪୫ ସମୟରେ ପୋଲିସକୁ ଦେଖି ଶିକାରୀମାନେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ଗୁଳି ଚଳାଇଥିଲେ ହେଁ ଆକ୍ରମଣକାରୀ ଘଞ୍ଚ ଜଙ୍ଗଲ ମଧ୍ୟରେ ଖସି ପଳାଇ ଯାଇଥିଲେ ବୋଲି ଏସ୍‌ପି ରାଜୀବ ମିଶ୍ରା କହିଛନ୍ତି। ଘଟଣାସ୍ଥଳରେ ପ୍ରାଣ ହରାଇଥିବା ପୋଲିସ କର୍ମଚାରୀମାନେ ହେଲେ ସବ୍‌ଇନ୍ସପେକ୍ଟର ରାଜକୁମାର ଜାଟଭ, ହେଡ୍ କନ୍‌ଷ୍ଟେବଲ ସନ୍ତ କୁମାର ମୀନା ଏବଂ କନ୍‌ଷ୍ଟେବଲ ନୀରଜ ଭାର୍ଗବ। ପୋଲିସ ଗାଡ଼ି ଡ୍ରାଇଭର ମଧ ଶିକାରୀଙ୍କ ଗୁଳିରେ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଶିକାରୀମାନେ ମାରିଥିବା ୪ କୃଷ୍ଣସାର ମୃଗ ଓ ଏକ ମୟୂରର ମୃତଦେହ ଜବତ ହୋଇଛି। ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବ୍ୟକ୍ତିଗତ ଭାବେ ମାମଲାର ତଦାରଖ କରୁଛନ୍ତି। ଏହି ଘଟଣା ପରେ ଗ୍ୱାଲିୟର ଆଇଜି ଅନିଲ ଶର୍ମାଙ୍କୁ ହଟାଇ ଦିଆଯାଇଛି।

### ଶେଖ ମହମ୍ମଦ ବିନ୍ ଜାୟଦ୍ ୟୁଏଇ ରାଷ୍ଟ୍ରପତି



**ଆବୁଧାବି, ୧୪।୫:** ଆବୁଧାବି କ୍ରାଉନ୍ ପ୍ରିନ୍ସ ଶେଖ୍ ମହମ୍ମଦ ବିନ୍ ଜାୟଦ୍ ଶନିବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ନୂଆ ରାଷ୍ଟ୍ରପତି ହୋଇଛନ୍ତି। ବିନ୍ ଜାୟଦ ଫେଡେରାଲ ସୁପ୍ରିମ୍ କାଉନ୍‌ସିଲ ଦ୍ୱାରା ଏହି ତୈଳ ସମୃଦ୍ଧ ରାଷ୍ଟ୍ରର ତୃତୀୟ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ରାଷ୍ଟ୍ରପତି ତଥା ତାଙ୍କ ଭାଇ ଶେଖ ଖଲିଫାଙ୍କ ମୃତ୍ୟୁ ପରେ ଏମ୍‌ବିଜେଡ୍ ଭାବେ ଜଣା ୬୧ ବର୍ଷୀୟ ଜାୟଦ ପରବର୍ତ୍ତୀ ରାଷ୍ଟ୍ରପତି ହେବା ନେଇ ଚର୍ଚ୍ଚା ହେଉଥିଲା। ସେ ୟୁଏଇ ସଶସ୍ତ୍ର ବାହିନୀର ସୁପ୍ରିମ କମାଣ୍ଡର ରହିଛନ୍ତି। ମଜଭୁତ ବିଦେଶ ନୀତି, ପ୍ରତିରକ୍ଷା ଦକ୍ଷତା ବୃଦ୍ଧି ସହ ୟୁଏଇ ସେନାର ବିକାଶରେ ତାଙ୍କର ପ୍ରମୁଖ ଭୂମିକା ଥିବା କୁହାଯାଏ। ଶେଖ୍ ଖଲିଫା ଅସୁସ୍ଥ ଥିବାବେଳେ ଜାୟଦ ୟୁଏଇର ପ୍ରାୟ ସମସ୍ତ ପ୍ରମୁଖ ନୀତି ପ୍ରଣୟନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିଲେ। ସେ ଆବୁଧାବି ଶାସକ ହେବାର ଦିନକ ପରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।

### ମରାଠୀ ଅଭିନେତ୍ରୀ କେତକୀ ଚିଟାଲେଙ୍କ ବିରୋଧରେ ମାମଲା



**ପାୱାରଙ୍କ ବିରୋଧରେ ଅପମାନଜନକ ଫେସ୍‌ବୁକ୍ ପୋଷ୍ଟ**

**ମୁମ୍ବାଇ,୧୪।୫:** ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ବିରୋଧରେ ଅପମାନଜନକ ଫେସ୍‌ବୁକ୍ ପୋଷ୍ଟ ଶେୟାର କରିଥିବା ମରାଠୀ ଅଭିନେତ୍ରୀ କେତକୀ ଚିଟାଲେଙ୍କ ବିରୋଧରେ ମହାରାଷ୍ଟ୍ରର ଠାଣେ ସହରର କାଲୱା ଥାନାରେ ଶନିବାର ମାମଲା ରୁଜୁ ହୋଇଛି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ସିପି ନେତାମାନେ ଦାବି କରିଛନ୍ତି। ଟିଭି ଏବଂ ସିନେମା ଅଭିନେତ୍ରୀ କେତକୀ ଅନ୍ୟ ଦ୍ୱାରା ଲେଖାଯାଇଥିବା ଏକ ପୋଷ୍ଟକୁ ଶୁକ୍ରବାର ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ମରାଠୀ ଭାଷାରେ ଲେଖାଯାଇଥିବା ଉକ୍ତ ପୋଷ୍ଟରେ ପାୱାରଙ୍କୁ ଟାର୍ଗେଟ କରାଯାଇଥିଲା। ସେ ବ୍ରାହ୍ମଣଙ୍କୁ ଘୃଣା କରନ୍ତି, ତାଙ୍କ ପାଇଁ ନର୍କ ଅପେକ୍ଷା କରିଛି ଆଦି ଲେଖାଯାଇଥିଲା। ସ୍ୱପ୍ନିଲ ନେଟ୍‌କେଙ୍କ ଏତଲା କ୍ରମେ ଅଭିନେତ୍ରୀଙ୍କ ବିରୋଧରେ ଆଇପିସିର ଧାରା ୫୦୦ (ମାନହାନି), ୫୦୧ (ଅପମାନଜନକ ବିଷୟ ଛାପିବା), ୫୦୫(୨) (ଶତ୍ରୁତା, ଘୃଣା ବଢ଼ାଇବା ଓ ଗଣ୍ଡଗୋଳ ସୃଷ୍ଟି ଲାଗି ଗୁଜବ ପ୍ରସାର କରିବା) ଏବଂ ୧୫୩ ଏ'ରେ ମାମଲା ରୁଜୁ ହୋଇଛି।

# ରୁଷିଆରେ ହେବ ସେନା ବିଦ୍ରୋହ

**ୟୁକ୍ରେନ୍ ଗୋଇନ୍ଦା ମୁଖ୍ୟଙ୍କ ଦାବି**



ଭ୍ଲାଡିମିର ପୁଟିନ୍



କିର୍‌ୟିଲୋ ବୁଡାନୋଭ୍

### ବର୍ଷ ଶେଷ ସୁଦ୍ଧା ଯୁଦ୍ଧ ଜିତିପାରେ କିଭ୍

**କିଭ୍, ୧୪।୫**

ଆସନ୍ତା ଅଗଷ୍ଟ କିମ୍ବା ବର୍ଷ ଶେଷ ସୁଦ୍ଧା ରୁଷିଆ ସହ ଲଢ଼େଇରେ ୟୁକ୍ରେନ୍ ବିଜୟ ଲାଭ କରିବ। ଏଥିସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଶାସନରୁ ହଟାଇବାକୁ ସେଠାରେ ସେନା ବିଦ୍ରୋହର ପ୍ରସ୍ତୁତି ଚାଲିଥିବା ୟୁକ୍ରେନ୍ ଗୋଇନ୍ଦା ମୁଖ୍ୟ ଜେନେରାଲ କିର୍‌ୟିଲୋ ବୁଡାନୋଭ୍ ଦାବି କରିଛନ୍ତି। ବର୍ଷ ଶେଷ ଆଡ଼କୁ ଯୁଦ୍ଧରେ ଏକ ବଡ଼ ଧରଣର ମୋଡ଼ ଆସିବ। ପ୍ରତ୍ୟକ୍ଷ ଲଢ଼େଇ ସମାପ୍ତ ହେବା ସହ ଡୋନ୍‌ବାସ ଏବଂ କ୍ରିମିଆ ଉପଦ୍ୱୀପ ସମେତ ୟୁକ୍ରେନ୍ ଏହାର ସମସ୍ତ ଅଞ୍ଚଳ ଉପରେ ନିୟନ୍ତ୍ରଣ ଆଣିବ ବୋଲି ଏକ ସାକ୍ଷାତ୍‌କାରରେ ସେ ପ୍ରକାଶ କରିଛନ୍ତି। ପୁଟିନ୍ ରକ୍ତ କର୍କଟରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ସେ ଉଭୟ ମାନସିକ ଓ ଶାରୀରିକ ଭାବେ ଅସୁସ୍ଥ ଥିବା ବୁଡାନୋଭ୍ ମଧ ଦାବି କରିଛନ୍ତି।

ପୂର୍ବ ୟୁକ୍ରେନ୍‌ର ଡୋନ୍‌ବାସ ଅଞ୍ଚଳରେ ଏବେ ମଧ ରୁଷିଆ ସୈନ୍ୟ ଆକ୍ରମଣ ଜାରି ରଖିଛନ୍ତି। ତେବେ ପୂର୍ବାପେକ୍ଷା ରୁଷିଆ ୟୁକ୍ରେନ୍‌ରେ ଅଧିକ ଆଗେଇବାରେ ସକ୍ଷମ ହୋଇପାରୁ ନ ଥିବା ଦେଖାଯାଇଛି। ବଡ଼ ସହର ଭାବେ କେବଳ ଖେରସନ୍‌କୁ ମସ୍କୋ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ନେଇଥିବା ଦାବି କରିଛି। ଅପରପକ୍ଷେ ଖର୍କିଭରୁ ରୁଷୀୟ ସୈନ୍ୟଙ୍କୁ ପଛକୁ ହଟାଯାଇଥିବା ଏହାର ମେୟର ଶନିବାର ସୂଚନା ଦେଇଛନ୍ତି।

### ରୁଷିଆରେ ମିଶିପାରେ ଜର୍ଜିଆ ବିଚ୍ଛିନ୍ନାଞ୍ଚଳ

**ଜୁଲାଇ ୧୭ରେ ଗଣଭୋଟ**

ବିଚ୍ଛିନ୍ନତାବାଦୀଙ୍କ କବଳରେ ଥିବା ଜର୍ଜିଆର ଦକ୍ଷିଣ ଓସେଟିଆ ଅଞ୍ଚଳ ରୁଷିଆରେ ମିଶିପାରେ। ଆସନ୍ତା ଜୁଲାଇ ୧୭ରେ ଏ ନେଇ ସେଠାରେ ଗଣଭୋଟ କରାଯିବ ବୋଲି ରିପବ୍ଲିକ ଅଫ୍ ସାଉଥ୍ ଓସେଟିଆର ଆତ୍ମଘୋଷିତ ରାଷ୍ଟ୍ରପତି ଆନାଟୋଲି ବିବିଲୋଭ୍ ଘୋଷଣା କରିଛନ୍ତି। ସୀମା ସଂଲଗ୍ନ ରୁଷିଆରେ ମିଶିବା ପାଇଁ ସ୍ଥାନୀୟ ଲୋକେ ବେଶ୍ ଉତ୍ସୁକ ଥିବା ଏକ ବିବୃତିରେ ପ୍ରକାଶ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ୭୯ତମ ଦିନରେ ଏହି ଖବର ସାମ୍ନାକୁ ଆସିଛି। ୨୦୦୮ ରୁଷିଆ-ଜର୍ଜିଆ ଯୁଦ୍ଧରେ ଅନ୍ୟ ବିଚ୍ଛିନ୍ନାଞ୍ଚଳ ଦକ୍ଷିଣ ଓସେଟିଆ କେନ୍ଦ୍ରସ୍ଥଳ ଥିଲା। ଯୁଦ୍ଧ ପରେ ରୁଷିଆ ଏହାକୁ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଇଥିଲା। ତେବେ ବିଶ୍ୱର ଅଧିକାଂଶ ଦେଶ ଦକ୍ଷିଣ ଓସେଟିଆକୁ ଜର୍ଜିଆର ଅଂଶ ବୋଲି ସ୍ୱୀକାର କରିଥାନ୍ତି। ତେବେ ଏଠାରେ ଭୋଟ ହେବାକୁ ଜର୍ଜିଆ ନିନ୍ଦା କରିବା ସହ ତାହାକୁ କେବେ ଗ୍ରହଣ କରାଯିବ ନାହିଁ ବୋଲି କହିଛି। ୟୁକ୍ରେନ୍ ଉପରେ ଆକ୍ରମଣ ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡୋନ୍‌ବାସ ଅଞ୍ଚଳର ଡୋନେସ୍କ ଓ ଲୁହାନ୍‌ସ୍କକୁ ସ୍ୱାଧୀନ ଦେଶ ଘୋଷଣା କରିଛନ୍ତି। ଡୋନ୍‌ବାସ ଅଞ୍ଚଳ ମଧ ବିଚ୍ଛିନ୍ନତାବାଦୀଙ୍କ କବଳରେ ଥିବାବେଳେ ସେମାନେ ରୁଷିଆରେ ମିଶିବା ପାଇଁ ଇଚ୍ଛା କରୁଛନ୍ତି।

## ନାଟୋ ସଦସ୍ୟତା ପାଇଁ ଆବେଦନ କରିବ ଫିନ୍‌ଲାଣ୍ଡ

**ହେଲ୍‌ସିଙ୍କି, ୧୪।୫**

**ପୁଟିନ୍‌ଙ୍କୁ ଫୋନ୍ କରି ଜଣାଇଲେ ରାଷ୍ଟ୍ରପତି**

**ସୀମାରେ ନାଟୋ ଅଣୁ ଅସ୍ତ୍ର ମୁତୟନ କଲେ କଡ଼ା ଜବାବ ଦିଆଯିବ: ରୁଷିଆ**

ରୁଷିଆ ପକ୍ଷରୁ ବଢୁଥିବା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଫିନ୍‌ଲାଣ୍ଡ ଏବଂ ସୁଇଡେନ୍ ସାମରିକ ମେଣ୍ଟ ନାଟୋରେ ଯୋଗ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ମସ୍କୋର ବିରୋଧ ସତ୍ତ୍ୱେ ଏହାର ସୀମାବର୍ତ୍ତୀ ଦେଶ ଆମେରିକା ନେତୃତ୍ୱାଧୀନ ନାଟୋରେ ସାମିଲ ହେବାକୁ ଅଧିକ ତତ୍ପରତା ଦେଖାଇଛି। ଏ ସମ୍ପର୍କରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଜଣାଇବା ପାଇଁ ତାଙ୍କ ଫିନ୍‌ଲାଣ୍ଡ ପ୍ରତିପକ୍ଷ ସୌଲି ନିନିସ୍ତୋ ଏକ ଫୋନ୍ କଲ୍ କରିଛନ୍ତି। ଆସନ୍ତା କିଛି ଦିନ ଭିତରେ ଫିନ୍‌ଲାଣ୍ଡ ନାଟୋ ସଦସ୍ୟତା ପାଇଁ ଆବେଦନ କରିବ ବୋଲି ସେ ପୁଟିନ୍‌ଙ୍କୁ ସିଧାସଳଖ ଭାବେ ଜଣାଇଛନ୍ତି। ରୁଷିଆ ସହ ଫିନ୍‌ଲାଣ୍ଡ ଏକ ଲମ୍ବା ସୀମା ଶେୟାର କରୁଛି। ୧୯୧୭ରେ ଫିନ୍‌ଲାଣ୍ଡ ରୁଷିଆଠାରୁ ଅଲଗା ହୋଇଥିଲା। ତେବେ ଫିନ୍‌ଲାଣ୍ଡ ନାଟୋରେ ସାମିଲ ହେଲେ ଏହା ରୁଷିଆ ପାଇଁ ଏକ ବଡ଼ ବିପଦ ବୋଲି ପୁଟିନ୍ କହିଛନ୍ତି। ଏବେ ମସ୍କୋ ପକ୍ଷରୁ ଫିନ୍‌ଲାଣ୍ଡର ନିରାପତ୍ତା ଉପରେ କୌଣସି ବିପଦ ନାହିଁ। ନିରପେକ୍ଷ ନ ରହି ନାଟୋ ସଦସ୍ୟ ହେବା ଫିନ୍‌ଲାଣ୍ଡର ଏକ ବଡ଼ ଭୁଲ୍ ହେବ। ଏହା ପଡ଼ୋଶୀ ଭାବେ ଦୁଇ ଦେଶ ମଧ୍ୟରେ ଦୀର୍ଘ ବର୍ଷ ଧରି ରହିଥିବା ଭଲ ସମ୍ପର୍କ ଓ ସହଭାଗିତା ଉପରେ ଆଞ୍ଚ ଆଣିବ ବୋଲି ପୁଟିନ୍ କହିଛନ୍ତି। ରୁଷିଆ ସୀମାରେ ନାଟୋ ଆଣବିକ ଅସ୍ତ୍ର ମୁତୟନ କଲେ ଏହାର କଡ଼ା ଜବାବ ଦିଆଯିବ ବୋଲି ଡେପୁଟି ବହିର୍ବ୍ୟାପାର ମନ୍ତ୍ରୀ ଆଲେକ୍‌ଜାଣ୍ଡର ଗ୍ରୁସ୍‌କୋ ଚେତାବନୀ ଦେଇଛନ୍ତି। ଏପରିସ୍ଥିତିରେ ରୁଷିଆର ଏନର୍ଜି ସପ୍ଲାୟର ଆର୍‌ଏଓ ନର୍ଡିକ୍ ଫିନ୍‌ଲାଣ୍ଡକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଛି। ପୂର୍ବ ଯୋଗାଣ ବାବଦ ଦେୟ ଫିନ୍‌ଲାଣ୍ଡ ଦେଇ ନ ଥିବାରୁ ଏପରି କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ନାଟୋ ସଦସ୍ୟତା ପାଇଁ ଆବେଦନ କରିବାକୁ ଫିନ୍‌ଲାଣ୍ଡ କହିବା ପରେ ରୁଷିଆ ଏପରି କରିଥିବା ଚର୍ଚ୍ଚା ହେଉଛି।



ସୌଲି ନିନିସ୍ତୋ

### ଇଂଲଣ୍ଡରେ ଆଉ ୨ ମଙ୍କିପକ୍ସ ରୋଗୀ ଚିହ୍ନଟ

**ଲଣ୍ଡନ,୧୪।୫**

ଇଂଲଣ୍ଡରେ ଆଉ ୨ ଜଣ ମଙ୍କିପକ୍ସ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବ୍ରିଟେନ ସ୍ୱାସ୍ଥ୍ୟ ସୁରକ୍ଷା ସଂସ୍ଥା ପକ୍ଷରୁ ଶନିବାର ସ୍ପଷ୍ଟ କରାଯାଇଛି। ସେମାନେ ଗୋଟିଏ ପରିବାରର। ଗତ ସପ୍ତାହରେ ଚିହ୍ନଟ ହୋଇଥିବା ରୋଗୀଙ୍କ ସହ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ପୂର୍ବ ରୋଗୀ ନାଇଜେରିଆ ଯାଇଥିବାରୁ ସେଠାରେ ଉକ୍ତ ଭୂତାଣୁ ସଂସ୍ପର୍ଶରେ ଆସିଥିବା କୁହାଯାଇଥିଲା। ତେବେ ନୂଆ ରୋଗୀ ଦୁଇଜଣ କେଉଁଠୁ ମଙ୍କିପକ୍ସ ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ତାହା ଜାଣିବା ପାଇଁ ତଦନ୍ତ ଚାଲିଛି। ସେମାନଙ୍କଠାରୁ ଅନ୍ୟ କାହାକୁ ଯେପରି ଭୂତାଣୁ ନ ବ୍ୟାପେ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।

### ଦିଲ୍ଲୀରେ ହନୁମାନ ଚାଳିଶା ଗାନକଲେ ରାଣା ଦମ୍ପତି

**ନୂଆଦିଲ୍ଲୀ,୧୪।୫**

ମହାରାଷ୍ଟ୍ରରୁ ଶିବସେନା ଭଳି ସବୁଠୁ ବଡ଼ ବିପଦ ଅପସରି ଯିବା ଲାଗି ପ୍ରାର୍ଥନା କରି ସ୍ୱାଧୀନ ଏମ୍‌ପି ନବନୀତ ରାଣା ଓ ତାଙ୍କ ସ୍ୱାମୀ ତଥା ବିଧାୟକ ରବି ରାଣା ଶନିବାର ନୂଆଦିଲ୍ଲୀର ଏକ ହନୁମାନ ମନ୍ଦିରରେ ହନୁମାନ ଚାଳିଶା ଗାନ କରିଛନ୍ତି। ଗତ ମାସରେ ରାଣା ଦମ୍ପତି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବାସଭବନ ବାହାରେ ହନୁମାନ ଚାଳିଶା ଗାନ କରିବାକୁ କହିବା ପରେ ସେମାନଙ୍କୁ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା। ୧୨ ଦିନ ପରେ ସେମାନଙ୍କୁ ଜାମିନରେ ଛଡ଼ାଯାଇଥିଲା। ଅମରାବତୀର ଲୋକ ସଭା ସଦସ୍ୟ ନବନୀତ ତାଙ୍କ ସ୍ୱାମୀ ଓ ବହୁସଂଖ୍ୟାରେ ସମର୍ଥକଙ୍କ ସହ ପଦଯାତ୍ରାରେ କନଟପ୍ଲେସ୍ଥିତ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ମହାରାଷ୍ଟ୍ର ପାଇଁ ଉଦ୍ଧବ ଠାକ୍‌ରେ ସବୁଠୁ ବଡ଼ ବିପଦ ବୋଲି ସେ କହିବା ସହ ତାଙ୍କଠାରୁ ମହାରାଷ୍ଟ୍ରର ସୁରକ୍ଷା ପାଇଁ ପ୍ରାର୍ଥନା କରିବାକୁ ଆସିଥିବା କହିଥିଲେ।

## ନ୍ୟାୟ ନ ମିଳିଲେ ଅରାଜକତା ସୃଷ୍ଟି ହେବ

**ଶ୍ରୀନଗର,୧୪।୫(ପି.ଟି.)**

ଲୋକଙ୍କ ଅଧିକାର ଓ ମର୍ଯ୍ୟାଦା ସ୍ୱୀକୃତି ଓ ସୁରକ୍ଷିତ ବୋଲି ସେମାନେ ଅନୁଭବ କରିବା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଶନିବାର କହିଛନ୍ତି। ନ୍ୟାୟରୁ ବଞ୍ଚିତ କରାଇବା ପରୋକ୍ଷରେ ଅରାଜକତା ଆଡ଼କୁ ନେଇଯିବ ବୋଲି ସେ ମତ ଦେଇଛନ୍ତି।

ଶ୍ରୀନଗରରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ପକ୍ଷମାନେ ଅତ୍ୟଧିକ ମାନସିକ ଚାପରେ ରହିଥାନ୍ତି। ସେମାନଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲାଗି ଜଷ୍ଟିସ୍ ରମନା ଆଇନଜୀବୀ ଓ ବିଚାରପତିମାନଙ୍କୁ ଆହ୍ୱାନ ଦେଇଥିଲେ। ଭାରତ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ ଏବଂ ବ୍ୟୟବହୁଳ। ବିବାଦଗୁଡ଼ିକରେ ତ୍ୱରିତ୍ ନ୍ୟାୟ ପ୍ରଦାନ କରିବା ଏକ ସୁସ୍ଥ ଗଣତନ୍ତ୍ରର ହଲ୍‌ମାର୍କ ବୋଲି ସିଜେଆଇ କହିଥିଲେ। ଲୋକଙ୍କୁ ନ୍ୟାୟରୁ ବଞ୍ଚିତ କରାଇଲେ ସେମାନେ ଅଦାଲତକୁ ନ ଯାଇ ଅନ୍ୟ ବ୍ୟବସ୍ଥା ଖୋଜିବେ। ଫଳରେ ନ୍ୟାୟ ବ୍ୟବସ୍ଥାରେ ଅସ୍ଥିରତା ସୃଷ୍ଟି ହେବ ବୋଲି ସିଜେଆଇ କହିଛନ୍ତି।

ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟର ନୂଆ କମ୍ପ୍ଲେକ୍ସ ଶିଳାନ୍ୟାସ ପାଇଁ ଏଠାକୁ ଆସିଥିବା ସିଜେଆଇ କହିଥିଲେ, ଲୋକଙ୍କ ମର୍ଯ୍ୟାଦା ଓ ଅଧିକାର ସ୍ୱୀକୃତି ଓ ସୁରକ୍ଷିତ ବୋଲି ସେମାନେ ଯେତେବେଳେ ଅନୁଭବ କରିବେ, ସେତେବେଳେ ଶାନ୍ତି ବିରାଜମାନ କରିବ। ଭାରତରେ ଅଧିକାରର ସୁରକ୍ଷା କରିବା ଓ ସମ୍ବିଧାନର ଆଶା ଆକାଂକ୍ଷାକୁ ବଜାୟ ରଖିବା କୋର୍ଟଗୁଡ଼ିକର କର୍ତ୍ତବ୍ୟ। ଆଇନର ଶାସନ ଏବଂ ମାନବାଧିକାରର ସୁରକ୍ଷାରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଉଛି ସମସ୍ତଙ୍କୁ ତ୍ୱରିତ୍ ଓ ସୁଲଭ ନ୍ୟାୟ ପ୍ରଦାନ କରିବାରେ ନ୍ୟାୟ ବ୍ୟବସ୍ଥାର ଅକ୍ଷମତା ବୋଲି ଜଷ୍ଟିସ ରମନା କହିଛନ୍ତି।



ସିଜେଆଇ ଏନ୍.ଭି. ରମନା

## ଦଳରେ ଦୁର୍ବଳ ଶ୍ରେଣୀ ପାଇଁ ୫୦% ସଂରକ୍ଷଣ ଯୋଜନା

**ଉଦୟପୁର,୧୪।୫**

କଂଗ୍ରେସ ସଂଗଠନର ସବୁ ସ୍ତରରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁଙ୍କ ପ୍ରତିନିଧିତ୍ୱ ୫୦ ପ୍ରତିଶତକୁ ବଢ଼ାଇବାକୁ ଦଳ ଯୋଜନା କରିଥିବା ଶନିବାର ଘୋଷଣା କରାଯାଇଛି। ରାଜସ୍ଥାନର ଉଦୟପୁରଠାରେ ୩ ଦିନିଆ ଚିନ୍ତନ ଶିବିରର ଦ୍ୱିତୀୟ ଦିନରେ ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସ ନେତା କେ. ରାଜୁ ଏହା କହିଛନ୍ତି। ଦଳକୁ ପୁନର୍ଜୀବିତ କରିବା ଲାଗି ଚିନ୍ତନ ଶିବିରରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଲାଗି ଦଳରେ ସାଂଗଠନିକ ସଂସ୍କାର ଅଣାଯିବ। କଂଗ୍ରେସ ଅଧ୍ୟକ୍ଷାଙ୍କୁ ସହାୟତା କରିବା ଲାଗି ଏକ ସାମାଜିକ ନ୍ୟାୟ ପରାମର୍ଶ ପରିଷଦ ଗଠନ ହେବ ବୋଲି ରାଜୁ କହିଛନ୍ତି।

ଚିନ୍ତନ ଶିବିରରେ ଦଳର ସବୁଠୁ ଲୋକପ୍ରିୟ ଚେହେରା ପ୍ରିୟଙ୍କା ଗାନ୍ଧୀଙ୍କୁ ନେତୃତ୍ୱ ଦେବା କଥା ଉଠିଥିଲା। ଯଦି ରାହୁଲ ଗାନ୍ଧୀ ଦାୟିତ୍ୱ ନେବାକୁ ରାଜି ନ ହୁଅନ୍ତି, ତେବେ ପ୍ରିୟଙ୍କା ନେତୃତ୍ୱ ନେବା ଆବଶ୍ୟକ ବୋଲି ଉତ୍ତରପ୍ରଦେଶ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କହିଥିଲେ।



### କଂଗ୍ରେସର ଚିନ୍ତନ ଶିବିର

- ରାଜ୍ୟ ସଭା ସଦସ୍ୟତା ୨ ଥରରେ ସୀମିତ ରଖିବାକୁ ଆଲୋଚନା
- ପ୍ରିୟଙ୍କାଙ୍କୁ ନେତୃତ୍ୱ ଦେବା କଥା ଉଠିଲା

ଗୋଟିଏ ପରିବାର ଗୋଟିଏ ଟିକେଟ ପ୍ରସ୍ତାବ ବ୍ୟତୀତ ଜଣେ କଂଗ୍ରେସ ନେତା ସର୍ବାଧିକ ଦୁଇଥର ରାଜ୍ୟ ସଭାକୁ ଯିବା ପ୍ରସ୍ତାବ ଉପରେ ମଧ ଚିନ୍ତନ ଶିବିରରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଏହା ପରେ ସେମାନେ ଲୋକ ସଭା କିମ୍ବା ବିଧାନସଭା ପାଇଁ ନିର୍ବାଚନ ଲଢ଼ିପାରିବେ। ସେହିପରି ଦଳରେ ଯୁବ ନେତୃତ୍ୱକୁ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ହୋଇଥିବା କଂଗ୍ରେସ ନେତା ସଚିନ ପାଇଲଟ କହିଛନ୍ତି। ଅର୍ଦ୍ଧାଧିକ ଦଳୀୟ ନେତାଙ୍କ ବୟସ ୫୦ ବର୍ଷରୁ କମ୍ ହେବ। ମୁଖ୍ୟମନ୍ତ୍ରୀ ଚୟନରେ ମଧ ଯୁବ ନେତୃତ୍ୱକୁ ଅଗ୍ରାଧିକାର ଦିଆଯିବ ବୋଲି ସେ କହିଛନ୍ତି।

ଚିନ୍ତନ ଶିବିର ଅବସରରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ବରିଷ୍ଠ ନେତାମାନଙ୍କ ସହ ଦଳର ଗଣ ଆନ୍ଦୋଳନ ଓ ଜନସମ୍ପର୍କ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ କାର୍ଯ୍ୟଯୋଜନା ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଦେଶରେ ଦରଦାମ୍ ବୃଦ୍ଧି, ବେରୋଜଗାରୀ ଆଦି ସରକାରଙ୍କ ଭୁଲ୍ ନୀତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କଂଗ୍ରେସ ଅଧ୍ୟକ୍ଷା କହିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ ଜନଜାଗରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ।

## ମୁଣ୍ଡ୍‌କା ଅଗ୍ନିକାଣ୍ଡ: ଏବେ ବି ୨୯ ନିଖୋଜ

- କମ୍ପାନୀ ମାଲିକ ଗିରଫ, ବିଲ୍ଡିଂ ମାଲିକ ଫେରାର
- ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଘୋଷଣା କଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୪।୫**

ଦିଲ୍ଲୀର ମୁଣ୍ଡ୍‌କା ମେଟ୍ରୋ ଷ୍ଟେଶନ ନିକଟ ୪ ମହଲା ବିଲ୍ଡିଂ ଅଗ୍ନିକାଣ୍ଡ ଘଟଣାରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ବି ୨୯ ଜଣଙ୍କ ପତ୍ତା ମିଳିନାହିଁ। ଶନିବାର ସକାଳେ ବିଲ୍ଡିଂ ପରିସରରୁ ଦେହାବଶେଷ ମିଳିଥିବାରୁ ମୃତ୍ୟୁସଂଖ୍ୟା ୩୦କୁ ବୃଦ୍ଧି ପାଇପାରେ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।



ଅଗ୍ନିକାଣ୍ଡରେ ଆହତ ହୋଇଥିବା ୧୨ ଜଣଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ବିଲ୍ଡିଂର ଅଗ୍ନି ନିରାପତ୍ତା ସାର୍ଟିଫିକେଟ ନ ଥିଲା। ଏତେ ବଡ଼ ଅଟ୍ଟାଳିକାର ଗୋଟିଏ ପ୍ରବେଶ ଓ ଗୋଟିଏ ପ୍ରସ୍ଥାନ ପଥ ଥିଲା, ଯେଉଁଥିପାଇଁ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ମୁଖ୍ୟ ଅଗ୍ନିଶମ ଅଧିକାରୀ ଅତୁଲ ଗର୍ଗ କହିଛନ୍ତି।

ଏସିରେ ବିସ୍ଫୋରଣରୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ତଳ ମହଲାରେ ଅଫିସ ଥିବା ସିସିଟିଭି କ୍ୟାମେରା ଓ ରୋଟର ଉତ୍ପାଦନ କମ୍ପାନୀର ମାଲିକ ହରିଶ ଗୋଏଲ ଓ ତାଙ୍କ ଭାଇ ବରୁଣ ଗୋଏଲଙ୍କୁ ଗିରଫ କରାଯାଇଛି। ୨୭ ମୃତକଙ୍କ ମଧ୍ୟରୁ ମାତ୍ର ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମୃତକଙ୍କ ପରିବାର ଲାଗି ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡ ଘଟଣାରେ ଆଇପିସିର ଧାରା ୩୦୪, ୩୦୮, ୧୨୦ ଏବଂ ୩୪ରେ ମାମଲା ରୁଜୁ ହୋଇଥିବା ଡିସିପି ସମୀର ଶର୍ମା କହିଛନ୍ତି। ତେବେ ବିଲ୍ଡିଂର ମାଲିକ ମନୀଷ ଲାକ୍ରା ଫେରାର ହୋଇଯାଇଛନ୍ତି। ନିଆଁ ଲାଗିବା ବେଳେ ସେ ବିଲ୍ଡିଂରେ ଉପସ୍ଥିତ ଥିଲେ କି ନାହିଁ ଜଣାପଡ଼ି ନାହିଁ। ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।



ପଞ୍ଜାବ ଅମୃତସରର ଗୁରୁ ନାନକ ଦେବ ହସ୍ପିଟାଲରେ ଶନିବାର ନିଆଁ ଲାଗିବା ପରେ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି।

# ଧରିତ୍ରୀ
DHARITRI

ରବିବାର, ମେ ୧୫/୨୦୨୨ | Sunday, May 15/2022 | ପୃଷ୍ଠା-୧




**ଅଭିନୟରେ ସୁହାନାଙ୍କ ଏଣ୍ଟ୍ରି**
ଜୋୟା ଅଖତରଙ୍କ ଦ୍ୱାରା ନିର୍ଦ୍ଦେଶିତ ହିନ୍ଦୀ ଫିଲ୍ମ 'ଦ ଆର୍ଚିଜ୍' ଜରିଆରେ ସୁପରଷ୍ଟାର ଶାହରୁଖଙ୍କ ଝିଅ ସୁହାନା ଅଭିନୟ ଜଗତରେ ପାଦ ଥାପିଛନ୍ତି।

୧୦

୧୪

**ସେରେନାଙ୍କ ରେକର୍ଡ ସମକକ୍ଷ ହେଲେ ସ୍ୱିଟେକ୍**
ପୋଲାଣ୍ଡର ଇଗା ସ୍ୱିଟେକ କ୍ରମାଗତ ୨୭ଟି ମ୍ୟାଚ ଜିତି ସେରେନା ୱିଲିୟମ୍ସଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି।



# ମାଟି ଅନୁକୂଳ, ବ୍ୟବସ୍ଥା ଦୁର୍ବଳ

## ତୈଳବୀଜ ଚାଷରୁ ଦୂରେଇ ଯାଉଛନ୍ତି ଚାଷୀ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ବଜାରରେ ଖାଇବା ତେଲର ଅହେତୁକ ଦରବୃଦ୍ଧି ଖାଉଟିଙ୍କୁ କଲବଲ କରୁଛି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ତୈଳବୀଜ ଚାଷ ଏବଂ ସେଥିରୁ ତେଲ ଉତ୍ପାଦନ ଆଶାନୁରୂପ ହୋଇ ନ ପାରିବାରୁ ଏଭଳି ସ୍ଥିତି ଉପୁଜିଛି। ଓଡ଼ିଶା କଥା ଦେଖିଲେ, ଦିନକୁ ଖାଇବା ତେଲର ଆବଶ୍ୟକତା ପ୍ରାୟ ୧୭୦୦ ମେଟ୍ରିକ ଟନ୍। ତାହାର ପ୍ରାୟ ୯୦ ଭାଗ ବାହାରୁ ଭରଣା କରାଯାଉଛି। ଏଠି ପ୍ରଶ୍ନ ଉଠୁଛି ତୈଳବୀଜ ଚାଷ ପାଇଁ ଓଡ଼ିଶା ମାଟି ଅନୁକୂଳ ଥିବା ସତ୍ତ୍ୱେ ଚାଷୀମାନେ କାହିଁକି ଏଥିପ୍ରତି ଯଥେଷ୍ଟ ଆଗ୍ରହ ଦେଖାଉନାହାନ୍ତି ଏବଂ ରାଜ୍ୟରେ କାହିଁକି ଖାଇବା ତେଲ ଉତ୍ପାଦନ ଚାହିଦା ମୁତାବକ ହୋଇପାରୁନାହିଁ। ବିଶେଷଜ୍ଞଙ୍କ ମତରେ ଏହାର ପ୍ରମୁଖ କାରଣ ହେଉଛି ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ନ ମିଳିବା ଏବଂ ସରକାରୀ ସ୍ତରରେ ତୈଳବୀଜ ଚାଷ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ ନ ହେବା।

ରାଜ୍ୟରେ ଏବେ ବାର୍ଷିକ ୨ ଲକ୍ଷ ୭୨ ହଜାର ୪୦୦ ମେଟ୍ରିକ ଟନ୍ ତୈଳବୀଜ ଉତ୍ପାଦନ ହେଉଛି। ସେଥିରୁ ୮୧ ହଜାର ୭୨୦ ମେଟ୍ରିକ ଟନ୍ ତେଲ ବାହାରିପାରିବ ବୋଲି କୃଷି ବିଭାଗରୁ ସୂଚନା ମିଳିଛି। ତେବେ ରାଜ୍ୟରେ ଭିତ୍ତିଭୂମି ନ ଥିବାରୁ ତେଲ ଉତ୍ପାଦନ ହେଉନାହିଁ। କହିବାକୁ ଗଲେ ଓଡ଼ିଶାରୁ ଧୀରେ ଧୀରେ ଖାଇବା ତେଲ ଉତ୍ପାଦନ ଉଭାନ ହେବାରେ ଲାଗିଛି। ଆଉ ଆଗଭଳି ଗାଁଗଣ୍ଡାରେ ଘଣାତେଲ ମିଳୁନାହିଁ। ଯଦି କେଉଁଠି କାଁଭାଁ ରହିଛି ତେବେ ତାହା ସବୁଦିନେ ଚଳାଇବା ସମ୍ଭବ ହେଉନାହିଁ। ସେହିପରି ଚାଷୀମାନେ ☞ପୃଷ୍ଠା-୨



### ସାହସ ଦେଇଛି 'ସୂର୍ଯ୍ୟମୁଖୀ'

ଭାପୁର, ୧୪।୫(ଡି.ଏନ୍.ଏ.)

କୃଷି ବିଭାଗର ବିନା ପ୍ରୋତ୍ସାହନରେ 'ସୂର୍ଯ୍ୟମୁଖୀ' ଭଳି ଅର୍ଥକରୀ ତୈଳବୀଜ ଚାଷ କରି ସାହସର ପରିଚୟ ଦେଇଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଓସ୍ତପାଳ ଅଞ୍ଚଳର ଚାଷୀ। ଚଳିତବର୍ଷ ଭଲ ଫସଲ ହୋଇଥିବାରୁ ଏଥିରୁ ଦି ପଇସା ରୋଜଗାର କରିବା ଲାଗି ଆଶା ବାନ୍ଧିଛନ୍ତି ସେମାନେ। ଏଭଳି ଏକ ତୈଳବୀଜ ଚାଷରୁ ଆତ୍ମନିର୍ଭରଶୀଳ ହେବାର ଯଥେଷ୍ଟ ସମ୍ଭାବନା ଥିଲେ ମଧ୍ୟ କୃଷି ବିଭାଗର ଆନ୍ତରିକତା ଅଭାବ ସେମାନଙ୍କ ମନରେ ନିରାଶ ଭରିଦେଉଛି।

**ପ୍ରୋତ୍ସାହନ ମିଳିଲେ ବଢ଼ିବ ଫସଲ**

ଢେଙ୍କାନାଳ ଜିଲାର ଜଳବାୟୁ ସୂର୍ଯ୍ୟମୁଖୀ ଚାଷ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଓଡ଼ାପଡ଼ା ବ୍ଲକର ଓସ୍ତପାଳ, ସଦର ବ୍ଲକର ଚନ୍ଦ୍ରଶେଖରପ୍ରସାଦ, ବେଗୁନିଆପାଳ, ଭାପୁରର ବହୁ ଚାଷୀ ଖରିଫ ଧାନ ପରେ ପଡ଼ିଆ ପଡୁଥିବା ଜମିରେ ଅଣଧାନ ଫସଲ ଭାବେ ନିଜେ ଅର୍ଥ ଖଟାଇ ଏହି ଚାଷ କରୁଛନ୍ତି। ହେଲେ ଏଥିଲାଗି କୃଷି ବିଭାଗ ପକ୍ଷରୁ ଯେତିକି ପ୍ରୋତ୍ସାହନ ☞ପୃଷ୍ଠା-୨

# ମାନିକ୍ ଶାହା ତ୍ରିପୁରା ମୁଖ୍ୟମନ୍ତ୍ରୀ



ମାନିକ୍ ଶାହା

■ ନିର୍ବାଚନ ପୂର୍ବରୁ ବିପ୍ଳବ ବିଦା

ଅଗରତାଲା,୧୪।୫

ତ୍ରିପୁରା ବିଧାନସଭା ନିର୍ବାଚନକୁ ବର୍ଷେରୁ କମ୍ ସମୟ ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ପଦରୁ ବିପ୍ଳବ ଦେବ ଶନିବାର ଇସ୍ତଫା ଦେଇଛନ୍ତି। ଭାଜପା ଏମ୍‌ପି ମାନିକ୍ ଶାହା ତ୍ରିପୁରାର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବିପ୍ଳବଙ୍କ ଇସ୍ତଫା ପରେ ଅପରାହ୍ନରେ ଭାଜପା ବିଧାୟକ ଦଳ ବୈଠକ ବସି ଶାହାଙ୍କୁ ନେତା ନିର୍ବାଚନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ତ୍ରିପୁରା ଭାଜପା ସଭାପତି ୬୯ ବର୍ଷୀୟ ଶାହା ନୂଆ ମୁଖ୍ୟମନ୍ତ୍ରୀ ଘୋଷିତ ହେବା ପରେ ବିଦାୟୀ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରଠାରୁ ବିବାଦୀୟ ☞ପୃଷ୍ଠା-୨

# ରାୟଗଡ଼ା ଅବକାରୀ ଅଧୀକ୍ଷକ ଗିରଫ



ନୀନା ବେଉରା



ନୀହାର ରଞ୍ଜନ ମହାନ୍ତି

ଭୁବନେଶ୍ୱର (ବ୍ୟୁରୋ)/ମାହାଙ୍ଗା (ସ୍ୱ.ପ୍ର.)/ରାୟଗଡ଼ା ଅଫିସ, ୧୪।୫

ରାୟଗଡ଼ା ଅବକାରୀ ଅଧୀକ୍ଷକ ନୀନା ବେଉରାଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ଏକ ଘରୋଇ ଗାଡ଼ି (ଓଡି-୧୮-ଜି-୫୪୪୫)ରେ ନଗଦ ୬ ଲକ୍ଷ ୨୯ ହଜାର ଟଙ୍କା ଧରି ରାୟଗଡାରୁ ଭୁବନେଶ୍ୱର ଆସୁଥିବା ବେଳେ ଭିଜିଲାନ୍ସ ଟିମ୍ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ଜାତୀୟ ରାଜପଥ-୧୬ର ଖୋର୍ଦ୍ଧା ନିକଟ ତୋଟାପଡ଼ା ଛକରେ ତାଙ୍କୁ ଧରିବାରେ ସଫଳ ହୋଇଛି। ଏତେଗୁଡ଼ିଏ ଟଙ୍କା କେଉଁଠୁ ଆଣିଲ ବୋଲି ନୀନାଙ୍କୁ ପଚରାଯିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

■ ଗାଡ଼ିରୁ ୬.୨୯ ଲକ୍ଷ ଟଙ୍କା ଜବତ

■ ମଦ ବ୍ୟବସାୟୀଙ୍କଠାରୁ ଆଣିଥିଲେ ଟଙ୍କା: ଭିଜିଲାନ୍ସ

■ ଥାନାରେ ଦେଖାମିଳିଲାନି, ଭିଜିଲାନ୍ସରେ ହାଜର ହେଲେ ଆଇଆଇସି ସ୍ୱାମୀ

ଫଳରେ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସେ ଉକ୍ତ ଟଙ୍କା ମଦ ବ୍ୟବସାୟୀଙ୍କଠାରୁ ଆଣୁଥିଲେ ବୋଲି ସ୍ୱୀକାର କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏ ନେଇ ଭିଜିଲାନ୍ସ ୧୧/୨୨ ନମ୍ବରରେ ଏକ ମାମଲ ରୁଜୁ କରି ନୀନାଙ୍କୁ ଶନିବାର ☞ପୃଷ୍ଠା-୨

# ପୋଲିସକୁ ଚୋର ଭାବି ପିଟିଲେ

କୋରାପୁଟ/ମାଲକାନଗିରି, ୧୪।୫(ସ୍ୱ.ପ୍ର./ଡି.ଏନ.ଏ.)

ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ରାତିରେ ଧରିବାକୁ ଯାଇଥିବା ମାଲକାନଗିରି ପୋଲିସ ଉପରେ ସ୍ଥାନୀୟ ଗ୍ରାମବାସୀ ଚୋର ଭାବି ଆକ୍ରମଣ କରିଛନ୍ତି। କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ମାଟିଖାଲ ଗ୍ରାମରେ ଏପରି ଘଟଣା ଘଟିଛି। ଏହି ଗ୍ରାମରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ମାଲକାନଗିରି ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ର ଗ୍ରାମକୁ ୩୦ଜଣିଆ ଏକ ଟିମ୍ ପଠାଇଥିଲେ। ସାଦା ପୋଷାକରେ ଥିବା ପୋଲିସ ସମ୍ପୃକ୍ତ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଧରିବା ପାଇଁ ଚଢ଼ାଉ କରିଥିଲା। ଗ୍ରାମବାସୀ ପୋଲିସକୁ ଜାଣି ନ ପାରି ଚୋର ଭାବି ନିସ୍ତୁକ ମାଡ଼ ମାରିଥିଲେ। ପୋଲିସ ବ୍ୟବହାର କରିଥିବା ୨ଟି ମୋଟରସାଇକେଲକୁ ଭଙ୍ଗାରୁଜା କରିଥିଲେ। ପରେ ପୋଲିସ ଫାଙ୍କା ଗୁଳିଚଳାଇ ସେଠାରୁ ଖସି ଆସିଥିଲେ। ତେବେ ପ୍ରଦୀପ ନାୟକ ନାମକ ଜଣେ କନଷ୍ଟେବଲଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପରେ ମାଛକୁଣ୍ଡ ପୋଲିସ ଖବର ପାଇ ସେଠାରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରିଥିଲା। ତେବେ ମାଲକାନଗିରି ପୋଲିସ ମାଛକୁଣ୍ଡ ପୋଲିସକୁ ନ ଜଣାଇ ଚଢ଼ାଉ କରିବାରୁ ଏପରି ଅପ୍ରୀତିକର ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି।




# ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଉଦ୍ୟମ

■ ପରିବାର ୧୨ବର୍ଷ ବାସନ୍ଦ

■ ନ୍ୟାୟ ନ ମିଳିବାରୁ ଚରମ ନିଷ୍ପତ୍ତି

ଛତ୍ରପୁର,୧୪।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ଅଫିସ ଆଗରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ହେଲେ ରମ୍ଭା ଥାନା ଅଧୀନ ବୋରିଗାଁର ବାଦଲ ସାହୁ। ଦୀର୍ଘ ୧୨ ବର୍ଷ ଧରି ବାଦଲଙ୍କ ପରିବାରକୁ ବୋରିଗାଁ ଲୋକେ ବାସନ୍ଦ କରି ରଖିଛନ୍ତି। ଏନେଇ ସେ ବାରମ୍ବାର ରମ୍ଭା ଥାନା ଓ ହୁମ୍ମା ଫାଣ୍ଡିକୁ ନ୍ୟାୟ ପାଇଁ ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ କିଛିଦିନ ତଳେ ଗାଁରେ ଗାଳିଗୁଲଜ ଓ ଗଣ୍ଡଗୋଳ ନେଇ ସେ ଗିରଫ ମଧ୍ୟ ହୋଇଥିଲେ। ଶନିବାର ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଦିନସାରା ଅପେକ୍ଷା ସତ୍ତ୍ୱେ ଏସ୍‌ପିଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ☞ପୃଷ୍ଠା-୨



ବାଦଲ ସାହୁ

**ଆଜିର ସମ୍ପାଦକୀୟ**

**ପରିବର୍ତ୍ତନର ଆଶା**

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରହୁ

ପୁରୀ ଅଫିସ,୧୪।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏହି ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ ରଖିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଇଣ୍ଡିଆନ୍ ନ୍ୟାଶନାଲ୍ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର୍ (ଇନ୍‌ଟାକ୍)ହେରିଟେଜ୍ ପକ୍ଷରୁ ଶନିବାର ଚିଠି ଲେଖାଯାଇଛି। ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା ହେତୁ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖାଯାଉ ବୋଲି



■ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଇନ୍‌ଟାକ୍

■ ଆମ୍‌ସାର ଆଇନ ଅନୁଯାୟୀ କାର୍ଯ୍ୟ ହେଉ

ଇନଟାକ୍ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି। ଯେହେତୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ☞ପୃଷ୍ଠା-୨

# 'ପୁରୁଷ' ଘୋଷିତ ମହିଳା ପୋଲିସ ଚାକିରି ପାଇବେ

ମୁମ୍ବାଇ, ୧୪।୫

ପୋଲିସ ବିଭାଗରେ ଚାକିରି ପାଇଁ ଆବେଦନ କରିଥିଲେ। ଲିଖିତ ଓ ଶାରୀରିକ ପରୀକ୍ଷାରେ ୨୦୦ରୁ ୧୭୧ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲେ। ହେଲେ ଡାକ୍ତରୀ ରିପୋର୍ଟରେ ଯେଉଁ ଫଳାଫଳ ଆସିଲା ତାହା ଆଶାୟୀ ଯୁବତୀଙ୍କୁ କେବଳ ବିସ୍ମିତ କରି ନ ଥିଲା, ବରଂ ଚିନ୍ତାରେ ମଧ୍ୟ ପକାଇ ଦେଇଥିଲା। ମେଡିକାଲ ଟେଷ୍ଟ ରିପୋର୍ଟରେ ସେ ଜଣେ 'ପୁରୁଷ' ବୋଲି ଦର୍ଶାଯିବା ପରେ ତାଙ୍କ ନିଯୁକ୍ତି ହୋଇପାରି ନ ଥିଲା। ଫଳରେ ସେ ବାଧ୍ୟ ହୋଇ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଆଶାୟୀଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ କହିବା ସହ ୨ ମାସ ମଧ୍ୟରେ ତାଙ୍କୁ ପୋଲିସ ବିଭାଗରେ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଶାରୀରିକ ଅସଙ୍ଗତିରେ ଆବେଦନକାରୀଙ୍କ କୌଣସି ଦୋଷ ନାହିଁ ବୋଲି ଜଷ୍ଟିସ୍ ରେବତୀ ମୋହିତ ଏବଂ ମାଧବ ଜମାଦାରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି।

ଘଟଣା ଅନୁସାରେ, ୨୦୧୮ରେ ମହାରାଷ୍ଟ୍ରର ଯୁବତୀ ଜଣକ ୧୯ ବର୍ଷର ହୋଇଥିବାବେଳେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗରେ ପୋଲିସ ବିଭାଗରେ ଚାକିରି ପାଇଁ ଆବେଦନ କରି ଆବଶ୍ୟକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେତେବେଳେ ସେ ନିଜକୁ ଜଣେ ମହିଳା ବୋଲି ଦର୍ଶାଇଥିଲେ। କିନ୍ତୁ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ମେଡିକାଲ ଟେଷ୍ଟ ରିପୋର୍ଟରେ ଯୁବତୀଙ୍କ ଶରୀରରେ ଗର୍ଭାଶୟ ଓ ଡିମ୍ବାଣୁ ନ ଥିବା ଜଣାପଡ଼ିଥିଲା। ଆଉ ଏକ ଟେଷ୍ଟରେ ତାଙ୍କ ଶରୀରରେ ଉଭୟ ପୁରୁଷ ଏବଂ ମହିଳା କ୍ରୋମୋଜୋମ୍ ଥିବା ରିପୋର୍ଟ ଆସିଥିଲା। ତେଣୁ ଏହି ଆଧାରରେ ତାଙ୍କୁ 'ପୁରୁଷ' ବୋଲି ଘୋଷଣା କରାଯାଇଥିଲା। ନିଯୁକ୍ତିରୁ ବାଦ୍ ପଡ଼ିବା ପରେ ଯୁବତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ଶାରୀରିକ ଅସଙ୍ଗତି ବିଷୟରେ କିଛି ଜାଣି ନ ଥିବା କହିଥିଲେ। ସେ ପିଲାବେଳୁ ଜଣେ ଝିଅ ଭାବେ ଚଳି ଆସିଛନ୍ତି। ଏପରି କି ପରିବାର ଲୋକେ ତାଙ୍କ ନାଁ ମଧ୍ୟ ଜଣେ ଝିଅଙ୍କ ଭଳି ରଖିବା ସହ ସମସ୍ତ ସାର୍ଟିଫିକେଟରେ ଲିଙ୍ଗ ବର୍ଗରେ ସେ ନିଜକୁ ଜଣେ ମହିଳା ଭାବେ ଦର୍ଶାଇଆସିଥିବା କହିଥିଲେ। ତେଣୁ ରାଜ୍ୟ ସରକାର ତାଙ୍କୁ ନିଯୁକ୍ତିପତ୍ର ଦେବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଆବେଦନରେ ଦର୍ଶାଇଥିଲେ। ଅଦାଲତ ଏହାକୁ ଏକ ସହାନୁଭୂତି ମାମଲା ଭାବେ ବିଚାର କରିବାକୁ କହିବା ସହ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମହାରାଷ୍ଟ୍ର ସରକାର ତାଙ୍କୁ ପୋଲିସ ଚାକିରି ଦେବା ପାଇଁ ବିଚାର କରୁଛନ୍ତି।







## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମାମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକାଶ କଇଁଆ**
**ଚିଲିକା ମାଛ।**

କଇଁଆ କୋଳି ଖଟା। ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହବ, ଚିଲିକାରୁ ମାଛ ଆସିବ, ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ବା ଅନିଶ୍ଚିତ କଥା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଗେ ଉଦର**
**ପଛେ ସୋଦର।**

ଆଗେ ପେଟ ଚିନ୍ତା, ପଛେ ଆତ୍ମୀୟସ୍ୱଜନଙ୍କ ଚିନ୍ତା। ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ନିଜ ସ୍ୱାର୍ଥ ପୂରଣ ଲାଗି ସଦା ଚେଷ୍ଟିତ। ନିଜେ କିପରି ସୁଖ ସୁବିଧାରେ ରହିବେ, ଭଲରେ ଖାଇପିଇ ଚଳିବେ ତାହାକୁ ଅଧିକ ଗୁରୁତ୍ୱ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଛେଚିଲେ ଗ୍ରାମବାସୀ

**ଗାଡ଼ି ସହ ବ୍ରାଉନ୍‌ସୁଗାର ଜବତ**

ଭୋଗରାଇ, ୧୪।୫(ଡି.ଏନ.ଏ.): ଅନେକ ସମୟରେ ନିଶାବେପାରୀମାନେ ପୋଲିସ କିମ୍ବା ଅବକାରୀ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଖସିଯିବାରେ ସକ୍ଷମ ହେଉଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ୍ ଥାନା ଉଦୟପୁର ଗ୍ରାମବାସୀ ଏକାଠି ହୋଇ ୨ ବେପାରୀଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି। ଶନିବାର ଦୁଇ ବଙ୍ଗୀୟ ନିଶା ବେପାରୀଙ୍କୁ ଗ୍ରାମର ସାହସୀ ଯୁବକମାନେ କୌଶଳକ୍ରମେ କାବୁ କରି ସେମାନଙ୍କଠାରୁ ୧୮ଟି ବ୍ରାଉନ୍‌ସୁଗାର ପୁଡ଼ିଆ ଜବତ କରିଛନ୍ତି। ପରେ ଉଭୟଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ଥୁକ ପିଟିବା ପରେ ଆଣିଥିବା ଟାଟା ମ୍ୟାଜିକ ସହ ତାଳସାରୀ ମେରାଇନ୍ ଥାନାରେ ଜିମା ଦେଇଛନ୍ତି। ଦୁଇ ନିଶାବେପାରୀ ହେଲେ ପଶ୍ଚିମବଙ୍ଗ ଦୀଘା ଥାନା ଅଞ୍ଚଳ ବିଲାମୁଣ୍ଡା ଗ୍ରାମର ଦିପୁ ସିଟ୍ ଓ ଦେବୁ ସିଟ୍। ଏମାନଙ୍କଠାରୁ ଜବତ ହୋଇଥିବା ବ୍ରାଉନ୍‌ସୁଗାର ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଦୁଇ ନିଶାବେପାରୀଙ୍କ ସହିତ ଗାଡ଼ିକୁ ମେରାଇନ ଥାନାରେ ରଖାଯାଇ ଏକ ମାମଲା ରୁଜୁ କରାଯାଇଛି।

# ବଡ଼ ପ୍ରତିଷ୍ଠାନର ଅଗ୍ନି ନିରାପତ୍ତା ଅଡିଟ୍ ହେବ

**ଦିଲ୍ଲୀ ନିଆଁ ପରେ ଚେତା ପଶିଲା**

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଦିଲ୍ଲୀ ଅଗ୍ନିକାଣ୍ଡରେ ୨୭ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏହି ଘଟଣା ପରେ ଓଡ଼ିଶା ସରକାରଙ୍କ ଚେତା ପଶିଛି । ଓଡ଼ିଶା ଅଗ୍ନି ନିରୋଧକ ଏବଂ ଅଗ୍ନି ନିରାପତ୍ତା ରୁଲ୍ସ-୨୦୧୭କୁ କଡ଼ାକଡ଼ି ପାଳନ କରିବାକୁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ସମସ୍ତ ଜିଲାର ସହକାରୀ ଅଗ୍ନିଶମ ଅଧିକାରୀ, ସମସ୍ତ ସର୍କଲର ଡେପୁଟି ଅଗ୍ନିଶମ ଅଧିକାରୀ ଓ ରାଜ୍ୟର ରେଞ୍ଜ ଫାୟାର ଅଫିସରଙ୍କୁ ଶନିବାର ଏ ନେଇ ଚିଠି ଲେଖିଛନ୍ତି। ହୋଟେଲ, ଲଜ୍, ଗେଷ୍ଟ ହାଉସ, ଶିକ୍ଷାନୁଷ୍ଠାନ, ସିନେମା ହଲ୍, ମଲ୍ଟିପ୍ଲେକ୍ସ, ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ, ଅଫିସ୍ ବିଲ୍ଡିଂ, ବିଜ୍‌ନେସ ଅଫିସ, ଅଡିଟୋରିୟମ, କୋଚିଂ ସେଣ୍ଟର, କନ୍‌ଭେନଶନ ହଲ୍, ହଷ୍ଟେଲ, କଳକାରଖାନା, ଶିଳ୍ପାନୁଷ୍ଠାନ ଆଦିରେ ଅଗ୍ନିଶମ ନିରାପତ୍ତା ଅଡିଟ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତ ପ୍ରମାଣପତ୍ର ଯେପରି ଲାଗିବ ସେଥିଲାଗି ପଦକ୍ଷେପ ନେବାକୁ ସମସ୍ତ କ୍ଷେତ୍ରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି ।

ବିଭିନ୍ନ ପ୍ରତିଷ୍ଠାନରେ ଯାଞ୍ଚ କରିବା ଲାଗି ସମସ୍ତ ଅଗ୍ନିଶମ ଅଧିକାରୀ ତଥା ସହକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନି ନିରାପତ୍ତା ନେଇ ବିଭିନ୍ନ ମାର୍କେଟ କମିଟିର ସହଭାଗିତାରେ ପଦକ୍ଷେପ ନେବା ଲାଗି କୁହାଯାଇଛି । ଜିଲା ମୁଖ୍ୟାଳୟ ଡାକ୍ତରଖାନା, ଜିଲାପାଳଙ୍କ ଅଫିସ୍ ଏବଂ ବହୁତଳ ଅଟ୍ଟାଳିକାଗୁଡ଼ିକରେ ଆସନ୍ତା ୨୧ ତାରିଖ ସୁଦ୍ଧା ଅଗ୍ନି ନିରାପତ୍ତା ଯାଞ୍ଚ ଶେଷ କରିବାକୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଜନଗହଳିପୂର୍ଣ୍ଣ ହାଟ ବଜାରଗୁଡ଼ିକରେ ଅଗ୍ନି ନିରାପତ୍ତା ପାଇଁ ବିଭିନ୍ନ ବଜାର କମିଟି ସହିତ ସହଯୋଗ କରିବାକୁ ସମସ୍ତ ଅଗ୍ନିଶମ ଷ୍ଟେଶନ ଅଧିକାରୀମାନଙ୍କୁ କୁହାଯାଇଛି। ଏଥିସହିତ ହାଟଗୁଡ଼ିକରେ ବସୁଥିବା ଦୋକାନୀମାନେ ଖୋଲା ବିଦ୍ୟୁତ୍ ତାର ବ୍ୟବହାର ନ କରିବାକୁ କୁହାଯାଇଛି। ସେଗୁଡ଼ିକ ଅତ୍ୟଧିକ ଲୋଡ୍ ସମ୍ଭାଳି ନ ପାରି ଶର୍ଟସର୍କିଟ ହେବାର ସମ୍ଭାବନା ରହିଛି। ବିଭିନ୍ନ ପ୍ରତିଷ୍ଠାନରେ ଥିବା ସୁପରଭାଇଜର ଅଗ୍ନି ନିରାପତ୍ତା ସୁରକ୍ଷା ନିଶ୍ଚିତ କରିବାକୁ ଅଗ୍ନିଶମ କେନ୍ଦ୍ର ଅଧିକାରୀମାନଙ୍କୁ କୁହାଯାଇଛି। ଅଗ୍ନିଜନିତ ବିପଦ ସମୟରେ ୧୧୨କୁ ଡାଏଲ କରିବା ଲାଗି ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ମାଟି ଅନୁକୂଳ,...

ପୂର୍ବରୁ ସୋରିଷ, ବାଦାମ, ରାଶି, ସୂର୍ଯ୍ୟମୁଖୀ, ଅଳସି ମଞ୍ଜି ସ୍ଥାନୀୟ ବଜାରରେ ବିକ୍ରି କରି ଭଲ ଦି'ପଇସା ପାଉଥିଲେ। ଏବେ ଏହି ଚାଷରୁ ସେମାନେ ମୁହଁ ଫେରାଇନେଇଛନ୍ତି। ଯାହା ବି ତୈଳବୀଜ ଉତ୍ପାଦନ ହେଉଛି ତାହା ଅନ୍ୟ ରାଜ୍ୟକୁ ବିକ୍ରି ହୋଇ ସେଠାରୁ ତେଲ ଓଡ଼ିଶାକୁ ଆସୁଛି। ରାଜ୍ୟରେ ଦୈନିକ ୧୫୦୦ରୁ ୧୭୦୦ ମେଟ୍ରିକ ଟନ୍ ତେଲ ଆବଶ୍ୟକ ହେଉଛି। ମାତ୍ର ସରକାରୀ ପ୍ରୋତ୍ସାହନ ଓ ବଜାର ସୁବିଧା ମିଳୁ ନ ଥିବାରୁ ଲଘୁ ଉଦ୍ୟୋଗୀ ତେଲ ଉଦ୍ୟୋଗ କରିବାକୁ ଆଗ୍ରହ ଦେଖାଉନାହାନ୍ତି । କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, କେନ୍ଦୁଝର ଆଦି ଜିଲାରେ ଚିନାବାଦାମ ପ୍ରଚୁର ଉତ୍ପାଦନ ହେଉଥିଲା। ମାତ୍ର ଗତ ଦୁଇ ଦଶନ୍ଧି ମଧ୍ୟରେ ଏସବୁ ଜିଲାରେ ଉତ୍ପାଦନ ବହୁମାତ୍ରାରେ ହ୍ରାସ ପାଇଛି। ୨୦ଟି ଜିଲାରେ ଉତ୍ପାଦନ ହାର ତଳକୁ ତଳ ଖସି ଚାଲିଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ତୈଳବୀଜ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହା ଏକ ଅର୍ଥକରୀ ଫସଲ। ଚାଷୀଙ୍କ ଆୟ ବଢ଼ାଇବାରେ ସୂର୍ଯ୍ୟମୁଖୀ, ସୋରିଷ ଓ ଚିନାବାଦାମ ଭଳି ଫସଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରାଜ୍ୟର ଅଧିକାଂଶ ଜିଲାରେ ଏହି ଚାଷ ପାଇଁ ମୃତ୍ତିକା ଓ ପାଗ ଅନୁକୂଳ ରହିଛି। ମାତ୍ର ଏବେ ଉପଯୁକ୍ତ ମୂଲ୍ୟ ନ ମିଳିବାରୁ ଚାଷୀ ଏହି ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଉଦାହରଣ ଭାବେ ସୂର୍ଯ୍ୟମୁଖୀ ମଞ୍ଜି କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ୬୦୧୫ ଟଙ୍କା ଥିବା ବେଳେ ଚାଷୀମାନେ ୩ ହଜାର ଟଙ୍କାରେ ବିକିବାକୁ ବାଧ ହେଉଛନ୍ତି। ସରକାର କେବଳ ଧାନ ଉତ୍ପାଦନକୁ ଗୁରୁତ୍ୱ ଦେଉଥିବା ବେଳେ ତୈଳବୀଜ ଚାଷ ନଜର ଆଢୁଆଳରେ ରହିଯାଉଛି।

ଓଡ଼ିଶା ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ରାଜ୍ୟରେ ବାର୍ଷିକ ସାଢ଼େ ୫ ଲକ୍ଷ ଟନ୍ ତେଲର ଆବଶ୍ୟକତା ଥିବା ବେଳେ ତେଲ ଉତ୍ପାଦନ ଅତି ନଗଣ୍ୟ। ଚିନାବାଦାମ ଚାଷରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲା। ଏବେ ରାଜ୍ୟରେ ଅଧା ଚାଷୀ ଚିନାବାଦାମ ଚାଷ କରୁନାହାନ୍ତି। ଯାହାକିଛି ଉତ୍ପାଦନ ହେଉଛି ତାହା ରାଜସ୍ଥାନ, ଗୁଜରାଟକୁ ଚାଲିଯାଉଛି। ସୋୟାବିନ ତେଲ ଉତ୍ତରପ୍ରଦେଶ ଓ ଗୁଜରାଟରୁ ଆମଦାନୀ କରାଯାଉଛି। ସେହିପରି ପାମୋଲିନ, ସନ୍‌ଫ୍ଲାୱାର(ସୂର୍ଯ୍ୟମୁଖୀ) ତେଲ ଅନ୍ୟ ଦେଶରୁ ଆମଦାନୀ ହେଉଛି। ଓଡ଼ିଶାରେ ବ୍ୟବସାୟିକ ଉତ୍ପାଦନ ଆଦୌ ନାହିଁ। ସରକାରୀ ସ୍ତରରେ ମଧ୍ୟ ସେପରି ଉଦ୍ୟମ ହେଉ ନାହିଁ। ଅନ୍ୟ ରାଜ୍ୟ ଓ ଦେଶ ଉପରେ ଓଡ଼ିଶାକୁ ନିର୍ଭର କରିବାକୁ ପଡୁଛି । କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ବର୍ତ୍ତମାନ ବଡ଼ ବଡ଼ କମ୍ପାନୀ ସହ ତାଳଦେଇ ଚାଲିବା ସମ୍ଭବ ହେଉ ନ ଥିବାରୁ ରାଜ୍ୟରେ ତେଲ ଉତ୍ପାଦନ ହୋଇପାରୁନାହିଁ। ସୋରିଷ ତେଲ କିଛିମାତ୍ରାରେ ଉତ୍ପାଦନ ହେଉଥିଲେ ମଧ୍ୟ ତାହା ମୂଲ୍ୟଯୁକ୍ତ ହୋଇପାରୁନାହିଁ। ପ୍ରଚାର ପ୍ରସାର ଅଭାବ ଯୋଗୁ ବଜାରରେ ତାହାର ଚାହିଦା ରହୁନାହିଁ। ଘଣାତେଲ କରି ପରିବାର ଚଳାଉଥିବା କେନ୍ଦ୍ରାପଡ଼ା ଜିଲାର ଦୟାନିଧି ସାହୁ କହିଛନ୍ତି, ପୂର୍ବପୁରୁଷରୁ ଘଣା ସୋରିଷ ଓ ନଡ଼ିଆ ତେଲ କରି ଚଳି ଆସୁଥିବା ବେଳେ ଗତ ୫ ବର୍ଷ ହେବ ତେଲ ବାହାର କରିବା ସମ୍ଭବ ହେଉନାହିଁ। ଖର୍ଚ୍ଚ ଉଠୁ ନ ଥିବାରୁ ଘଣା ବନ୍ଦ ହୋଇଯାଇଛି। ସୋରିଷ ଉତ୍ପାଦନ କମିଯାଇଛି। ସୋରିଷ ସାଢ଼େ ତିନି କିଲୋ ପେଡ଼ା ହେଲେ ୧ ଲିଟର ତେଲ ବାହାରିବ। ସମସ୍ତ ଖର୍ଚ୍ଚକୁ ମିଶାଇଲେ ୧ ଲିଟର ସୋରିଷ ତେଲ ପାଇଁ ପ୍ରାୟ ୨୮୦ରୁ ୩୦୦ ଟଙ୍କା ଖର୍ଚ୍ଚ ହେଉଛି। ବଜାରରେ ବିଭିନ୍ନ ବ୍ରାଣ୍ଡର ତେଲ ୨୦୦ରୁ ୨୨୦ ଟଙ୍କାରେ ମିଳୁଥିବାରୁ ଘଣାତେଲ ଦୋକାନୀ ନେଉନାହାନ୍ତି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ସୂର୍ଯ୍ୟମୁଖୀ ଗବେଷଣା ପ୍ରକଳ୍ପର କୃଷିବିତ୍ ଡ. ଅନୀତା ମହାପାତ୍ର କହିଛନ୍ତି, ଚାଷୀମାନେ ସୂର୍ଯ୍ୟମୁଖୀ ଉତ୍ପାଦନ କରିବା ପରେ ତାହାକୁ କିଣିବାକୁ ବଜାର ସୁବିଧା ମିଳୁ ନାହିଁ। ସୂର୍ଯ୍ୟମୁଖୀ ପାଇଁ ରାଜ୍ୟର କୌଣସି ସ୍ଥାନରେ ଧାନ ଭଳି ମଣ୍ଡି ବ୍ୟବସ୍ଥା ନାହିଁ। ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ମିଳୁ ନାହିଁ। ଫଳରେ ଚାଷୀମାନେ କମ୍ ମୂଲ୍ୟରେ ବିକିବାକୁ ବାଧ ହେଉଛନ୍ତି। ଚାଷୀ କ୍ଷତି ସହୁଥିବାରୁ ଏଥିପ୍ରତି ଆଗ୍ରହ ବଢୁ ନାହିଁ। ଏଥିପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

### ସାହସ ଦେଇଛି ...

ମିଳିବା କଥା, ତାହା ମିଳୁନାହିଁ। ବୈଷୟିକ ସହାୟତା ଓ ସରଞ୍ଜାମ ତ ଦୂରର କଥା, ଉନ୍ନତ କିସମର ବିହନ ମଧ୍ୟ ଯୋଗାଇ ଦିଆଯାଉନାହିଁ। ତେଣୁ ଇଚ୍ଛା ଓ ଆବଶ୍ୟକ ସୁବିଧା ଥିଲେ ବି ଅନେକ ଯୁବଚାଷୀ ଏହି ଚାଷ କରିବାକୁ ଆଗ୍ରହୀ ହେଉନାହାନ୍ତି। ଅପରପକ୍ଷେ ଅନେକ ଚାଷୀ ତୈଳବୀଜ ଚାଷକୁ ନେଇ କାର୍ଯ୍ୟକାରୀ ସରକାରୀ ଯୋଜନା ଏବଂ ପ୍ରୋତ୍ସାହନ ସମ୍ପର୍କରେ ଜାଣିପାରୁନାହାନ୍ତି। ତେଣୁ ସେମାନେ ପାରମ୍ପରିକ ଧାନ ଓ ପରିବା ଚାଷରୁ ବାହାରି ପାରୁନାହାନ୍ତି। ସେହିପରି ଧାନଚାଷ ପରେ ବହୁ ଏକର ଜମି ପଡ଼ିଆ ପଡୁଛି। ତେଣୁ ଜିଲା କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି 'ସୂର୍ଯ୍ୟମୁଖୀ' ଭଳି ଲାଭଜନକ ତୈଳବୀଜ ଫସଲ ଲାଗି ପ୍ରୋତ୍ସାହିତ କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କଳାଙ୍ଗ ପଞ୍ଚାୟତ କୃଷି ଅଧିକାରୀ ସୁରଜ ପ୍ରସାଦ ସାହୁ କୁହନ୍ତି, ଚଳିତବର୍ଷ ସୂର୍ଯ୍ୟମୁଖୀ ଚାଷ ପାଇଁ ବିହନ ଆସିନାହିଁ। ଏଥିପୂର୍ବରୁ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇ ଦିଆଯାଇଥିଲା। ଜଳସେଚନ ସୁବିଧା ଥିବା ଜମିରେ ଚାଷ କରିବାକୁ ଆଗ୍ରହୀ ଥିବା ଚାଷୀଙ୍କୁ ପ୍ରାଥମିକତା ଦିଆଯିବ।

### ଏକରରେ ହାରାହାରି ଦେଢ଼ଗୁଣା ଲାଭ

-ଗତ ଦୁଇବର୍ଷ ହେଲା ପରୀକ୍ଷାମୂଳକ ଭାବେ 'ସୂର୍ଯ୍ୟମୁଖୀ' ଚାଷ କରୁଛି। ଗୋଟିଏ ଏକର ଜମିରେ ଚାଷ ପାଇଁ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୨୫ ହଜାର ଟଙ୍କାର ତେଲ ବାହାରୁଛି। ଗୁଣାତ୍ମକଯୁକ୍ତ ହୋଇଥିବାରୁ ଏହି ତେଲର ଚାହିଦା ସ୍ଥାନୀୟ ବଜାରରେ ଅଧିକ। **-କାମେଶ ପରିଡ଼ା, ସୂର୍ଯ୍ୟମୁଖୀ ଚାଷୀ**

### ସହାୟତା ମିଳୁ ନ ଥିବାରୁ ଉତ୍ସାହ କମୁଛି

-'ସୂର୍ଯ୍ୟମୁଖୀ' ଏକ ଲାଭଜନକ ଫସଲ। ଏହାର ଚାହିଦା ମଧ୍ୟ ବଢୁଛି। ତେବେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସହାୟତା ମିଳୁ ନ ଥିବାରୁ ଉତ୍ସାହ କମିଯାଉଛି। ଆବଶ୍ୟକ ବିହନ, ସାର, କୃଷି ଉପକରଣ ଯୋଗାଇଦେଲେ ଚାଷୀ ଲାଭବାନ ହୋଇପାରନ୍ତା।

**-ପ୍ରଶାନ୍ତ ଖଟୁଆ, ସୂର୍ଯ୍ୟମୁଖୀ ଚାଷୀ**

### ରାୟଗଡ଼ା ଅବକାରୀ ...

କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ନୀନାଙ୍କ ସ୍ୱାମୀ ନୀହାର ରଞ୍ଜନ ମହାନ୍ତି କଟକ ଜିଲା ମାହାଙ୍ଗା ଥାନା ଅଧିକାରୀ ବୋଲି ଜାଣିବା ପରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ରାତି ପ୍ରାୟ ୩ଟାବେଳେ ଥାନାରେ ପହଞ୍ଚି ତାଙ୍କୁ ଖୋଜିଥିଲା। ମାତ୍ର ଆଇଆଇସି ମହାନ୍ତି ଥାନାରେ ନ ଥିଲେ। ଏପରିକି ଥାନା ପରିସରରେ ଥିବା ତାଙ୍କ ସରକାରୀ ବାସଭବନରେ ମଧ୍ୟ ତାଲା ପଡ଼ିବା ସହ ମୋବାଇଲ୍ ଫୋନ ସୁଇଚ୍ ଅଫ୍ ରହିଥିଲା। ଫଳରେ ଭିଜିଲାନ୍ସ ଟିମ୍ ଆଇଆଇସି ମହାନ୍ତିଙ୍କ ସରକାରୀ ବାସଭବନକୁ ସିଲ୍ କରି ଦେଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ଆଇଆଇସି ମହାନ୍ତିଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଜରିଆରେ ତାଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ହାଜର ହେବାକୁ କୁହାଯାଇଥିଲା। ତଦନୁଯାୟୀ ଶନିବାର ପୂର୍ବାହ୍ନରେ ସେ ଭୁବନେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ହାଜର ହୋଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି। ହେଲେ ଭିଜିଲାନ୍ସ ଟିମ୍ ତାଙ୍କୁ ଯୋଗାଯୋଗ କରି ନ ଥିବା ଆଇଆଇସି ମହାନ୍ତି କହିଛନ୍ତି।

ନୀନା ଏବଂ ତାଙ୍କ ସ୍ୱାମୀ ଆଇସିସି ମହାନ୍ତିଙ୍କର ସମ୍ପୃକ୍ତି ଥିବା ଭୁବନେଶ୍ୱର ସମେତ ରାୟଗଡ଼ା ଓ କଟକ ଜିଲାର କେତେକ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି। ସେଥିମଧ୍ୟରେ ରାୟଗଡ଼ା ସହରର ରାଣୀଗୁଡ଼ା ଫାର୍ମ ଅଞ୍ଚଳରେ ଥିବା ନୀନାଙ୍କ ଭଡ଼ାଘରକୁ ସ୍ଥାନୀୟ ଭିଜିଲାନ୍ସ ଡିଏସ୍‌ପି ଟାଉନ ଥାନା ପୋଲିସ ସହାୟତାରେ ଶନିବାର ସିଲ୍ କରିଛନ୍ତି। ସେହିପରି ଭୁବନେଶ୍ୱର ପଳାଶପଲ୍ଲୀରେ ଥିବା ବାସଭବନ, କଟକ ଚାଉଳିଆଗଞ୍ଜରେ ଥିବା ନୀନାଙ୍କ ବାପଘର, ଆଇଆଇସି ମହାନ୍ତିଙ୍କ ଘର ଏବଂ ମାହାଙ୍ଗା କ୍ୱାର୍ଟର୍ସରେ ଚଢ଼ାଉ ଚାଲିଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଚଢ଼ାଉ ଶେଷ ହୋଇ ନ ଥିବାବେଳେ ସେମାନଙ୍କ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଆଇଆଇସି ମହାନ୍ତିଙ୍କୁ ଭିଜିଲାନ୍ସର ପଚରାଉଚରା ଏବଂ ତାଙ୍କ ସ୍ତ୍ରୀ ନୀନା ଗିରଫ ହେବା ପରେ ଉଭୟଙ୍କୁ ନେଇ ଅନେକ ଚର୍ଚ୍ଚା ହେଉଛି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ଅଭିଯୁକ୍ତ ଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଆଇଆଇସି ମହାନ୍ତି ଘଣ୍ଟ ଘୋଡ଼ାଇବା ନେଇ ଅଭିଯୋଗ ହୋଇଥିଲା। ଏପରି କି ଏହି ମାମଲାରେ ଜେଏମ୍ଏଫ୍‌ସି କୋର୍ଟର ବାରମ୍ବାର ସମନ ସତ୍ତ୍ୱେ ଆଇଆଇସି ମହାନ୍ତି ହାଜର ନ ହୋଇ ବିବାଦକୁ ଆସିଥିଲେ। ସେହିପରି ରାୟଗଡ଼ାରେ ଗତବର୍ଷ ଅବକାରୀ ଏସ୍‌ପି ଥିବା ପ୍ରସନ୍ନ କୁମାର ନାୟକ ଜଣେ ମଦ ବ୍ୟବସାୟୀଙ୍କ ମ୍ୟାନେଜରଙ୍କୁ ଲାଞ୍ଚ ମାଗୁଥିବା ସମୟର ଭିଡିଓ ଭାଇରାଲ ହେବା ପରେ ସରକାର ତାଙ୍କୁ ଅନ୍ୟତ୍ର ବଦଳି କରିବା ସହ ୨ କନଷ୍ଟେବଲଙ୍କୁ ନିଲମ୍ବନ କରିଥିଲେ। ଏହାପରେ ୨୦୨୧ରେ ନୀନା ରାୟଗଡ଼ା ଅବକାରୀ ଏସ୍‌ପି ରୂପେ ଯୋଗ ଦେଇଥିଲେ। ଏହାପରେ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରିବାରେ ବ୍ୟତିକ୍ରମ ହୋଇଥିବା ନେଇ ତାଙ୍କ ନାମରେ ଅନେକ ଅଭିଯୋଗ ହୋଇଥିଲା।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ...

ରହିଛି, ଏଣୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟକୁ ସ୍ଥଗିତ ରଖିବା ଦରକାର। ଏଥିସହ ପ୍ରକଳ୍ପ କାର୍ଯ୍ୟ ମେଘନାଦ ପ୍ରାଚୀରକୁ ପ୍ରଭାବିତ କରିପାରେ, ଏଣୁ ଆମସାର୍ ଆଇନ ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ କରିବାକୁ ଇନ୍‌ଟାକ୍ ଉଲ୍ଲେଖ କରିଛି। ମାମଲାର ଶୁଣାଣି ବେଳେ ଏଏସ୍ଆଇ ନିଜ ପକ୍ଷ ରଖିଥିବା ହେତୁ, ସମ୍ପ୍ରତି ପ୍ରକଳ୍ପ କାର୍ଯ୍ୟ ରଖିଲେ କୌଣସି ପ୍ରକାର ବିଳମ୍ବ ହେବ ନାହିଁ ବୋଲି ଚିଠିରେ କୁହାଯାଇଛି।

ଇନ୍‌ଟାକ୍ ଓଡ଼ିଶା ଚାପ୍ଟର ଆବାହକ ଅଭୟ ଭୂଷଣ ତ୍ରିପାଠୀ କହିଛନ୍ତି, ଗତ ୯ ତାରିଖରେ ସମ୍ପୃକ୍ତ ମାମଲା ଉପରେ ହାଇକୋର୍ଟ ଶୁଣାଣି କରିଛନ୍ତି। ହାଇକୋର୍ଟଙ୍କୁ ସାନି ରିପୋର୍ଟ ମାଗିଛନ୍ତି। ଏଏସ୍ଆଇ ରିପୋର୍ଟ ଦାଖଲ କରିବା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଆମସାର୍ ଆକ୍ଟ ପରିସର ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ହେବା କଥା। ଶହେମିଟର ଭିତରେ ହେଉଥିବା କାର୍ଯ୍ୟକୁ ଏଏସ୍ଆଇ ବିରୋଧ କରୁଛି। ଶହେମିଟର ପରିଧି ମଧ୍ୟରେ ନିର୍ମାଣ ଶ୍ରୀମନ୍ଦିର ଭିତ୍ତିଭୂମିକୁ ପ୍ରଭାବିତ କରିପାରେ। ଏଏସ୍ଆଇ ଡିଜି ନିର୍ମାଣସ୍ଥଳ ପରିଦର୍ଶନ କରି ଦେଇଥିବା ରିପୋର୍ଟରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ ରହିଛି। ସମଗ୍ର ଓଡ଼ିଶାବାସୀ ଏହାକୁ ନେଇ ଚିନ୍ତିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଜଣେ ଐତିହ୍ୟପ୍ରେମୀ। ଏଣୁ ସମ୍ପ୍ରତି ହାଇକୋର୍ଟ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖାଯାଉ। ଯେହେତୁ ହାଇକୋର୍ଟ ପ୍ରକଳ୍ପ କାର୍ଯ୍ୟ ଉପରେ ରହିତାଦେଶ ଦେଲେ ନାହିଁ। ତେଣୁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଅପିଲ୍ କରିଛୁ। ଓଡ଼ିଶାବାସୀଙ୍କ ମନୋଭାବ ଓ ମାନସିକତାକୁ ବୁଝି ନିଷ୍ପତ୍ତି ନିଅନ୍ତୁ। ସେହିଭଳି ଆମସାର୍ ଆକ୍ଟ ପରିସର ମଧ୍ୟରେ ରହି ଯାହା କାର୍ଯ୍ୟ କରାଯାଉଛି ତାହା କରାଯାଉ। ଆଇନକୁ ଡେଇଁ କୌଣସି କାର୍ଯ୍ୟ ନ ହେଉ। ଶ୍ରୀମନ୍ଦିରର ସୁରକ୍ଷା ଭୂମିକାରେ ଗଜପତିଙ୍କୁ ଦେଖାଯାଉଥିବା ବେଳେ ସେ କିଭଳି ଭାବେ ପ୍ରକଳ୍ପ ପାଇଁ ନିର୍ମାଣ କାର୍ଯ୍ୟ କରିବାକୁ ରାଜିହେଲେ ତାହା ବିସ୍ମୟ କଳାଭଳି କଥା। ଏନେଇ ପୂର୍ବରୁ ମଧ୍ୟ ପ୍ରଶ୍ନ ଉଠାଇଛୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମାମଲା କୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଥମୁନାହିଁ। ଅନୁମତି ନ ଥିବା ସତ୍ତ୍ୱେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଠିକାସଂସ୍ଥା ଓ ଜିଲା ପ୍ରଶାସନ ମିଳିତ ଭାବେ କାମ ବଢାଉଛନ୍ତି। ଏନ୍ଏମ୍ଏର ଏନ୍ଓସି ପତ୍ର ଆଧାରରେ କାର୍ଯ୍ୟ କରାଯାଉଛି। ମାମଲାରେ ହାଇକୋର୍ଟ ରାୟ ନ ଆସିବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହେବା ଦରକାର ବୋଲି ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଶରତ କୁମାର ରାୟଗୁରୁ ଦାବି କରିଛନ୍ତି। ସେ କହିଛନ୍ତି, ଏଏସ୍ଆଇ ସବୁ ସମୟରେ ଚିଠି କରି ରାଜ୍ୟ ସରକାରଙ୍କୁ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଅବମାନନା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଆମସାର୍-ଆକ୍ଟ (୧୯୫୮) ୩୦ଏ ଅନୁଯାୟୀ ପ୍ରକଳ୍ପର ଅଂଶୀଦାର ଓ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଏତଲା ଦିଆଯାଇପାରିବ। ମାତ୍ର ଏଏସ୍ଆଇ ଚୁପ୍ ରହିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଆଇନଜୀବୀ କହିଛନ୍ତି।

### ମାନିକ୍ ଶାହା ...

ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଆସିଥିବା ବିପ୍ଳବ ଦେବ ଶନିବାର ଅଚାନକ ରାଜଭବନ ଯାଇ ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଏହା ପରେ ନୂଆ ନେତା ନିର୍ବାଚନ ଲାଗି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେ ଅଗରତାଲାରେ ପହଞ୍ଚିଥିଲେ। ଦଳୀୟ ସଂଗଠନକୁ ମଜଭୁତ କରିବା ଲାଗି ସେ କାର୍ଯ୍ୟ କରିବା ଭାଜପା ଚାହେଁ ବୋଲି ଇସ୍ତଫା ଦେବା ପରେ ବିପ୍ଳବ କହିଥିଲେ। ଗତ ଗୁରୁବାର ସେ ଦିଲ୍ଲୀ ଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ରାଜ୍ୟ ବ୍ୟାପାର ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ତ୍ରିପୁରା ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ଜାରି ରହିଥିବା ନେଇ ଚର୍ଚ୍ଚା ହୋଇଆସୁଛି। ୨୦୧୮ ଫେବୃଆରୀରେ ଅନୁଷ୍ଠିତ ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ବିଜୟୀ ହେବା ପରେ ବିପ୍ଳବ ଦେବ ମୁଖ୍ୟମନ୍ତ୍ରୀ ହୋଇଥିଲେ। ରାଜ୍ୟରେ ତୃଣମୂଳ କଂଗ୍ରେସର ପ୍ରଭାବ ବଢୁଥିବାରୁ ଆଗାମୀ ନିର୍ବାଚନରେ ଭାଜପାକୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି କୁହାଯାଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଯାଇଥିବା ଚର୍ଚ୍ଚା ହେଉଛି। ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ଭାଜପା ପାଇଁ ନୂଆ ନୁହେଁ। ଏହା ପୂର୍ବରୁ ଭାଜପା ଶାସିତ ଉତ୍ତରାଖଣ୍ଡ, ଗୁଜରାଟ ଓ କର୍ଣ୍ଣାଟକରେ ନିର୍ବାଚନ ପୂର୍ବରୁ ସରକାରର ନେତୃତ୍ୱ ପରିବର୍ତ୍ତନ କରାଯାଇଥିଲା।

### ଏସ୍‌ପି ଅଫିସ ...

ଶେଷରେ ନିରାଶ ହୋଇ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କ ଶରୀରର ଅଧିକାଂଶ ଭାଗ ଜଳିଯାଇଛି। ତାଙ୍କୁ ପୋଲିସ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ପ୍ରଥମେ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ଅବସ୍ଥା ଗୁରୁତର ଥିବାରୁ ବାଦଲଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କଟକ ପଠାଯାଇଛି। ଘଟଣା ସମ୍ପର୍କରେ ଛତ୍ରପୁର ହସ୍ପିଟାଲରେ ତାଙ୍କୁ ପଚରା ଯାଇଥିଲେ ହେଁ ସେ କିଛି କହିପାରି ନ ଥିଲେ। ଗଞ୍ଜାମ ଏସ୍‌ପିଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏହା ଏକ ଦୁଃଖଦ ଘଟଣା ବୋଲି ସେ କହିଛନ୍ତି । ଗାଁରେ ଗାଳିଗୁଲଜ ଓ ଗଣ୍ଡଗୋଳ ନେଇ ବାଦଲଙ୍କ ନାମରେ ରମ୍ଭା ଥାନାରେ ହୋଇଥିବା ଏକ ଏତଲାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିଥିଲା। ଏନେଇ ବାଦଲଙ୍କୁ ପୋଲିସ ଗିରଫ ପରେ ସିଆରପିସି ୪୧ ଧାରାରେ ତାଙ୍କୁ ଥାନାରୁ ଛାଡି ଦିଆଯାଇଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ଉକ୍ତ ମାମଲାର ଯାଞ୍ଚ ଚାଲିଥିବା ସେ କହିଛନ୍ତି। ସନ୍ଧ୍ୟାରେ ହଠାତ ବାଦଲ ଆସି କାହିଁକି ଦେହରେ ନିଆଁ ଲଗାଇଲେ ଏବଂ ଏସ୍‌ପି ଅଫିସ ଭିତରକୁ ଆସିଥିଲେ କି ନାହିଁ ସେ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭ କରି କାମଗୁଡ଼ିକୁ ସମ୍ପନ୍ନ କରିବାରେ କିଛି ଅସୁବିଧା ହେବ ନାହିଁ। ବନ୍ଧୁମାନଙ୍କ ପରାମର୍ଶାନୁସାରେ ପାରିବାରିକ ଝାମେଲା ସମାଧାନ ଆଡ଼କୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ଘରେ କିମ୍ବା ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ସାଙ୍ଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ, ଗମନାଗମନ ଓ ଜମିଜମା କ୍ଷେତ୍ରରେ ବିବାଦର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ପ୍ରତ୍ୟୁଷରୁ ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ। ପଡ଼ୋଶୀଙ୍କ ସହାୟତାରେ ନୂତନ ବୈବାହିକ ସମ୍ପର୍କ ସ୍ଥାପନ ହୋଇଯିବ ।

**କର୍କଟ** ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅଫିସ୍ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ଆର୍ଥିକ ଅଭାବ ଦେଖାଦେଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟରୁ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାର ସୂଚନା ରହିଛି ।

**କନ୍ୟା** ସମସ୍ୟା ଜଡ଼ିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିବେ। ଯାନବାହନରେ ଲାଭ, ଦୋକାନ ବାଡ଼ିରେ ଉନ୍ନତି ସାଙ୍ଗକୁ ଗୃହ ଭୂମି ଲାଭ ଯୋଗ ରହିଛି। ପ୍ରଶାସନ, କଚେରି ମାମଲା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା** ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ସହ ନିଜକୁ ଆଡ୍‌ଜଷ୍ଟ କରାଇ ଚଳିବା ଭଲ ହେବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜିର କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଅପ୍ରିୟ ସତ୍ୟ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** ଆଜି ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ଅପରାହ୍ନେ ସୁଖବର ଆସିପାରେ।

**ମକର** ଶୁଭ ଗ୍ରହ ପ୍ରଭାବରୁ ଆଜି ଯାହାକୁ ଯାହା ମାଗିବେ, ସେହି ବ୍ୟକ୍ତି କଦାପି ମନା କରିବ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିପାରନ୍ତି । କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅର୍ଥାଭାବ କାରଣରୁ ଚଳିବାରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିବେ। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ** ବନ୍ଧୁଙ୍କ ପ୍ରାୟୋଜିତ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ସମସ୍ୟା ଥିବା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

# ଦନ୍ତା ଆକ୍ରମଣରେ ମହିଳା ମୃତ

ଠାକୁରମୁଣ୍ଡା,୧୪।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ଶନିବାର ଦନ୍ତା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କରଞ୍ଜିଆ ଥାନା ଅଧୀନ ସରୁଭା ଗ୍ରାମର ମାନି ନାଏକ। ଶନିବାର ପୂର୍ବାହ୍ନରେ ମାନି ଓ ତାଙ୍କ ସ୍ୱାମୀ ରାଜେନ୍ଦ୍ର ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ମାନିଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ବନ ବିଭାଗ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ପଠାଇଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା।

# ତଣ୍ଟିଚିପି ମାରିବା ପରେ ନିଆଁ ଲଗାଇ ଦେଇଥିଲେ ସ୍ୱାମୀ

**ମା' ସହ ୨ ଶିଶୁ ପୋଡ଼ି ମରିବା ଘଟଣା**

ସାରସକଣା, ୧୪।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଉଛଗାଁ ଗ୍ରାମ ଡ଼ିପାସାହିଠାରେ ପୋଡ଼ିହୋଇ ମା' ସହ ୨ ଶିଶୁଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ପାରିବାରିକ କଳହରୁ ସ୍ତ୍ରୀ ଓ ଦୁଇ ପିଲାଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଥିବା ସ୍ୱାମୀ ମଙ୍ଗଳ ମାର୍ଣ୍ଡି ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍‌ଡିପିଓ କେ.କେ. ହରିପ୍ରସାଦ କହିଛନ୍ତି। ଘଟଣାସ୍ଥଳରୁ ପୋଲିସ ଦିଆସିଲ କାଠି, ବେକରେ ବନ୍ଧାଯାଇଥିବା କପଡା ଓ ଦଉଡି ଜବତ କରିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ବିଳମ୍ବିତ ରାତିରେ ମଙ୍ଗଳ ମାର୍ଣ୍ଡିଙ୍କ ଘରେ ନିଆଁ ଲାଗିଯାଇଥିଲା। ଏହି ନିଆଁରେ ପୋଡ଼ି ହୋଇ ତାଙ୍କ ସ୍ତ୍ରୀ ସୁରୁକୁନି, ୫ବର୍ଷର ଝିଅ ସରିତା ଓ ୩ ମାସର ପୁଅ ଜଗଦୀଶ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ହଠାତ୍ ନିଆଁ ଲାଗି ସ୍ତ୍ରୀ, ପିଲା ପୋଡ଼ିଗଲେ ବୋଲି ମଙ୍ଗଳ ପୋଲିସ ଆଗରେ ମିଛ ଅଭିନୟ କରିଥିଲେ ହେଁ ପରେ ଦୋଷ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ମଙ୍ଗଳଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୦୫,୭୯,୬୯୯ | ୬୨,୮୭,୧୮୭ | ୪୭,୫୧,୪୧,୮୭୨ |
| ଭାରତ | ୪,୩୧,୧୯,୧୧୨ | ୫,୨୪,୨୦୧ | ୪,୨୫,୭୬,୮୧୫ |
| ଓଡ଼ିଶା | ୧୨,୮୮,୨୯୦ | ୯୧୨୬(+୫୩) | ୧୨,୭୮,୯୮୦ |

ଶନିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୨୮ ବର୍ଷ ପରେ ନିର୍ଦ୍ଦୋଷ

## ଫୁଡ୍ ଲାଇସେନ୍ସ ନ ଥିବାରୁ ତଳ କୋର୍ଟ ଦେଇଥିଲେ ଦଣ୍ଡାଦେଶ

**କଟକ ଅଫିସ୍, ୧୪।୫**

ଫୁଡ୍ ଲାଇସେନ୍ସ ନ ଥିବା ଅଭିଯୋଗରେ ଦଣ୍ଡିତ ହୋଇଥିବା ଟିଫିନ୍ ଷ୍ଟଲ ଦୋକାନୀ ୨୮ ବର୍ଷ ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ୧୯୯୪ ମେ ୨୬ରେ ବଲାଙ୍ଗୀର ଜିଲା ତତ୍କାଳୀନ ଫୁଡ୍ ଇନ୍ସପେକ୍ଟର ଚିତ୍ତରଞ୍ଜନ ଦାସ ଅଗଲ୍‌ପୁର ଗସ୍ତ କରି ଭିକା ସାହୁଙ୍କ ଟିଫିନ୍ ଷ୍ଟଲ୍ ଯାଞ୍ଚ କରିଥିଲେ। ଉକ୍ତ ଷ୍ଟଲରେ ବିକ୍ରି ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ରହିଥିଲା। ସାକ୍ଷୀମାନଙ୍କ ଉପସ୍ଥିତିରେ ଖାଦ୍ୟ ସାମଗ୍ରୀ ଯାଞ୍ଚ କରିବା ସହ ଫୁଡ୍ ଇନ୍ସପେକ୍ଟର ଦୋକାନୀଙ୍କୁ ଖାଦ୍ୟ ବିକ୍ରି ଲାଇସେନ୍ସ ଦେଖାଇବାକୁ କହିଥିଲେ, ହେଲେ ସେ ଏହା ଦେଖାଇବାରେ ବିଫଳ ହୋଇଥିଲେ। ପରେ ତଦନ୍ତ ସମୟରେ ଅଭିଯୁକ୍ତ ଭିକାଙ୍କ ପୁଅ ଡେଙ୍ଗୁନୁ ସାହୁଙ୍କ ନାମରେ ଯେଉଁ ଫୁଡ୍ ଲାଇସେନ୍ସ ଥିଲା ତାହା ୧୯୮୮ ଡିସେମ୍ବର ୩୧ଠାରୁ ବୈଧ ଶେଷ ହୋଇଥିବା ବେଳେ ଆଉ ପୁନଃ ନବୀକରଣ ହୋଇ ନ ଥିବା ଜଣାପଡ଼ିଥିଲା। ବୈଧ ଲାଇସେନ୍ସ ବିନା ଉଭୟ ବାପ ଓ ପୁଅ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗରେ ସେମାନଙ୍କ ବିରୋଧରେ ଖାଦ୍ୟପଦାର୍ଥ ଅପମିଶ୍ରଣ ନିରୋଧୀ(ପିଏଫ୍ଏ) ଆଇନରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ସ୍ଥାନୀୟ ଜେଏମ୍ଏଫ୍ସି ଅଦାଲତ ୨ ଅଭିଯୁକ୍ତ ଭିକା ଏବଂ ତାଙ୍କ ପୁଅ ଡେଙ୍ଗୁନୁଙ୍କୁ ୬ମାସ ସଶ୍ରମ ଜେଲ୍ ଦଣ୍ଡାଦେଶ ସହ ୫୦୦ଟଙ୍କା ଲେଖାଏ ଜରିମାନା ଦେଇଥିଲେ। ପରେ ତାହା ୩ ମାସ ଜେଲ୍‌ଦଣ୍ଡାଦେଶକୁ ହ୍ରାସ ହେବା ସହ ଜରିମାନା ଅପରିବର୍ତ୍ତିତ ରହିଥିଲା। କୋର୍ଟଙ୍କ ଉକ୍ତ ରାୟ ବିରୋଧରେ ଅଭିଯୁକ୍ତଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ଆବେଦନକାରୀ ଭିକାଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ଯଦିଓ ଡେଙ୍ଗୁନୁଙ୍କ ନାମରେ ଥିବା ଲାଇସେନ୍ସ ଅବଧି ଶେଷ ହୋଇଯାଇଥିଲା, ଟିଫିନ୍ ଷ୍ଟଲ୍‌ରେ ଚଢ଼ାଉ ସମୟରେ ସେ ଉପସ୍ଥିତ ନ ଥିଲେ। ତେଣୁ ଅପମିଶ୍ରିତ ଖାଦ୍ୟ ବିକ୍ରି କରିବା ଅଭିଯୋଗରେ ତାଙ୍କୁ ଦଣ୍ଡିତ କରିବା ଉଚିତ୍ ହେବ ନାହିଁ ବୋଲି ଦର୍ଶାଇ ଆବେଦନକାରୀଙ୍କୁ ମୁଖ୍ୟ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ସମୁଦ୍ରକୁ ଗଲେ ୨ କୋଟି କଇଁଛ ଶାବକ



ଗହୀରମଥାଠାରେ ଅଲିଭ୍ ରିଡ୍‌ଲେ କଇଁଛ ଶାବକଙ୍କୁ ସମୁଦ୍ରରେ ଛଡ଼ାଯାଉଛି।

**ରାଜନଗର, ୧୪।୫(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଗହୀରମଥାରେ ୫ ଦିନ ହେଲା ବିରଳ ଦୃଶ୍ୟ ଦେଖିବାକୁ ମିଳୁଛି। ଗାତରୁ ବାହାରି ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଶାବକ ସମୁଦ୍ରକୁ ଯାଇ ବିଚରଣ କରୁଛନ୍ତି। ୫ ଦିନ ମଧ୍ୟରେ ୨ କୋଟି ୨ ଲକ୍ଷ ୨୪ ହଜାର କଇଁଛ ଶାବକ ସମୁଦ୍ରକୁ ଯାଇସାରିଲେଣି। ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଗତ ୧୦ ତାରିଖରେ ୫୩ ଲକ୍ଷ ୭୬ ହଜାର କଇଁଛ ଶାବକ ଗାତରୁ ବାହାରି ସମୁଦ୍ରକୁ ଯାଇଥିବାବେଳେ ୧୧ରେ ୬୦ ଲକ୍ଷ ୮୦ ହଜାର, ୧୨ ତାରିଖରେ ୫୮ ଲକ୍ଷ ୮୮ ହଜାର, ୧୩ରେ ୨୫ ଲକ୍ଷ ୬୦ ହଜାର ଓ ୧୪ ତାରିଖ ସକାଳେ ୩ ଲକ୍ଷ ୨୦ ହଜାର କଇଁଛ ଶାବକ ସମୁଦ୍ରକୁ ଯାଇଛନ୍ତି। ଭୋର ଏବଂ ଅପରାହ୍ଣ ସମୟରେ କଇଁଛ ଶାବକ ଗାତରୁ ବାହାରି ସିଧା ସମୁଦ୍ରକୁ ଯାଉଛନ୍ତି। ଏହି ସମୟରେ କଇଁଛ ଛୁଆଙ୍କୁ କୁକୁର, ବିଲୁଆ ଓ ଶିକାରୀ ପକ୍ଷୀମାନେ ଖାଇଦେବାର ଆଶଙ୍କା ଥିବାରୁ ବନ ବିଭାଗ ପକ୍ଷରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ରାଜନଗର ଡିଏଫ୍ଓ ଡ. ଯଜ୍ଞଦତ୍ତ ପତି ଗହୀରମଥାର ନାସୀ-୨ରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। କଇଁଛ ଶାବକ ଗାତରୁ ବାହାରି ଯେପରି ଏଣେତେଣେ ନ ଯାଆନ୍ତି କିମ୍ବା କୌଣସି ବନ୍ୟଜନ୍ତୁ ଏ ଅଞ୍ଚଳକୁ ନ ଆସନ୍ତି ସେଥିପାଇଁ ୨ କିମି ୪୦୦ ମିଟର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ଚଳିତବର୍ଷ ମାର୍ଚ୍ଚ ଶେଷ ସପ୍ତାହରେ ନାସୀ-୨ରେ ୫ ଲକ୍ଷ ୧ ହଜାର ୧୪୭ ଅଲିଭ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନରେ ସାମିଲ ହୋଇଥିଲେ। ସନ୍ଧ୍ୟା ସମୟରେ ମା' କଇଁଛଗୁଡ଼ିକ ବେଳାଭୂମିର ବାଲୁକା ଶଯ୍ୟାରେ ୪୦ରୁ ୪୫ ସେମିର ମାଠିଆ ଆକୃତିର ଗାତ ଖୋଳି ଅଣ୍ଡାଦାନ କରିଥିଲେ। ପ୍ରତି କଇଁଛ ୧୦୦ରୁ ୧୮୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଅଣ୍ଡାଦାନ ପରେ ମା' କଇଁଛ ଗାତକୁ ବାଲିରେ ଘୋଡ଼ାଇ ଚାଲିଯାଇଥାଏ। ଅଣ୍ଡାଦାନର ୪୫ରୁ ୬୦ ଦିନ ମଧ୍ୟରେ ଅଣ୍ଡା ଫୁଟି ସେଥିରୁ ଛୁଆ ବାହାରିଥାନ୍ତି। ଗତ ୫ଦିନ ହେଲା ଅଲିଭ ରିଡ୍‌ଲେ ଶାବକ ଗାତରୁ ବାହାରି ସିଧା ସମୁଦ୍ରକୁ ଯାଉଛନ୍ତି।





ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଶନିବାର ବିଶିଷ୍ଟ ଲେଖକ ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ 'ଭୋର ମୋତିର କାନଫୁଲ'ର ଲୋକାର୍ପଣ ଅବସରରେ ଲେଖକଙ୍କ ସହ ଅନ୍ୟମାନେ।

# 'ଜୀବନୀ, ଅନୁଭୂତି ଲେଖିବା ସ୍ୱାର୍ଥପରତା'

## ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଆତ୍ମଜୀବନୀ 'ଭୋର ମୋତିର କାନଫୁଲ' ଉନ୍ମୋଚିତ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ଜଣେ ଲୋକର ଜୀବନ, ବର୍ଷ ବର୍ଷର ଅନୁଭୂତିକୁ ସେ ନିଜେ ଲେଖିବା ହେଉଛି ସ୍ୱାର୍ଥପରତା। ଆଜିର ସନ୍ଧ୍ୟା ହେଉଛି ଏହି ସ୍ୱାର୍ଥପରତାର ନମୁନା। ଶନିବାର ପ୍ରେସ୍‌କ୍ଲବଠାରେ ନିଜର ଏକ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ ପୁସ୍ତକ 'ଭୋର ମୋତିର କାନଫୁଲ'କୁ ଲୋକାର୍ପଣ କରିବା ଅବସରରେ ବିଶିଷ୍ଟ ଲେଖକ ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ଏହା କହିଛନ୍ତି। କେତକୀ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେ କହିଲେ, ବାହାରେ ରହିଥିଲେ ମଧ୍ୟ ଓଡ଼ିଶା ହେଉଛି ମୋ ନିଜ ଦେଶ। ଓଡ଼ିଶାରେ ରହିବା, ଓଡ଼ିଶାକୁ ନେଇ ଲେଖିବାକୁ ମୁଁ ବେଶି ପସନ୍ଦ କରେ। ପ୍ରାୟ ସବୁ ଲେଖା ଓଡ଼ିଶାକୁ ନେଇ ବୋଲି ସେ କହିଛନ୍ତି। ମଣିଷ ଜୀବନରେ କବିତାର ଗୁରୁତ୍ୱ ସମ୍ପର୍କରେ ସେ କହିଲେ, କବିତା ଭଲପାଇବାକୁ ସୁଯୋଗ ଦିଏ। ସେ ଭଲପାଇବା କାହା ସହ ବି ହୋଇପାରେ। ଜଣେ ଅନ୍ୟକୁ ଭଲ ପାଇଲେ ହିଁ କବିତା ଲେଖିହେବ। ଲେଖିଥିବା ବହିରେ ସେ ହୃଦୟର କଥାକୁ ବର୍ଣ୍ଣନା କରିଛନ୍ତି, ଯାହା ପାଠକଙ୍କୁ ଭଲ ଲାଗିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୩୬୦ ପୃଷ୍ଠାର ଏହି ଆତ୍ମଜୀବନୀ ପୁସ୍ତକକୁ ଜ୍ୟୋତି ରଞ୍ଜନ ସ୍ୱାଇଁ ଡିଜାଇନ କରିଥିବାରୁ ତାଙ୍କୁ ଲେଖକ କୃତଜ୍ଞତା ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ବିଚାରପତି ତଥା ଲେଖକ ଅରୁଣ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଛଳଛଳ ହୃଦୟର ନିଛକ କଥା ଏହି ପୁସ୍ତକରେ ସ୍ଥାନ ପାଇଛି। ଜୀବନରେ ଘଟିଥିବା ସତ ସବୁକୁ ଲେଖକ ଲେଖିଛନ୍ତି। ଭାବନାକୁ ଭାଷା ଦେଇ ସେ ପାଠକଙ୍କ ସମ୍ମୁଖକୁ ଆଣି ପାରିଛନ୍ତି। ସୂର୍ଯ୍ୟ ଉଦୟ ପୂର୍ବରୁ ବର୍ଣ୍ଣିଳ ଆକାଶର ଛବି ସହ ଲେଖକ ଓ ତାଙ୍କ କୃତୀକୁ ସେ ତୁଳନା କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଗୌରହରି ଦାସ ଯୋଗଦେଇ ପୁସ୍ତକ ବିଷୟରେ ସମ୍ୟକ ଆଲୋକପାତ କରିଥିଲେ। ଫାଉଣ୍ଡେଶନର ମୁଖ୍ୟ ରାମହରି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୬, ୩୦ ସ୍କୁଲ୍ ଛୁଟି

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

**ସ୍କୁଲ ଆସୁ ନ ଥିବା ପିଲାଙ୍କ ଅଭିଭାବକଙ୍କ ସହ ଆଲୋଚନା କରିବେ ଶିକ୍ଷୟିତ୍ରୀଶିକ୍ଷକ**

ରାଜ୍ୟର ସମସ୍ତ ସ୍କୁଲ୍ ଆସନ୍ତା ୧୬ ଓ ୩୦ ତାରିଖ ଦିନ ଛୁଟି ରହିବ। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଘୋଷଣା କରିଛନ୍ତି। ୧୬ ସୋମବାର ବୁଦ୍ଧ ପୂର୍ଣ୍ଣିମା ଏବଂ ୩୦ ସୋମବାର ସାବିତ୍ରୀ ଅମାବାସ୍ୟାକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ଦୁଇବର୍ଷ ହେବ କରୋନା ପାଇଁ ପାଠପଢ଼ାରେ ବ୍ୟାଘାତ ହୋଇଥିବାରୁ ଏଥର ଶିକ୍ଷାଦାନର ଭରଣା କରିବା ପାଇଁ ରାଜ୍ୟ ସରକାର ଖରାଦିନ ବା ଗ୍ରୀଷ୍ମଛୁଟି କମାଇ ଦେଇଛନ୍ତି। ପୂର୍ବରୁ ଏପ୍ରିଲ ଶେଷରୁ ଜୁନ୍ ୧୬ପର୍ଯ୍ୟନ୍ତ ପ୍ରାୟ ଦୁଇମାସ ଖରାଛୁଟି ଦିଆଯାଉଥିବାବେଳେ ଏଥର ଜୁନ୍ ୬ରୁ ୧୬ତାରିଖ ପର୍ଯ୍ୟନ୍ତ ଖରାଛୁଟି ଘୋଷଣା କରାଯାଇଛି।

ସେପଟେ ରାଜ୍ୟରେ ଡ୍ରପ୍‌ଆଉଟ୍ ପିଲାଙ୍କୁ କିପରି ସ୍କୁଲ ଅଣାଯିବ ସେନେଇ ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତବର୍ଷ ୭୦ପ୍ରତିଶତ ଛାତ୍ରୀଛାତ୍ର ସ୍କୁଲ ଆସିଥିବାବେଳେ ୩୦ ପ୍ରତିଶତ ପିଲା ଅନୁପସ୍ଥିତ ଅଛନ୍ତି। ଶତପ୍ରତିଶତ ଉପସ୍ଥାନ ସଂଖ୍ୟା ରଖିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଏଦିଗରେ ଧ୍ୟାନ ଦେବା ସହ ସ୍କୁଲ୍ କର୍ତ୍ତୃପକ୍ଷ ଅଭିଭାବକଙ୍କ ସହ ଯୋଗାଯୋଗରେ ରହିବେ। ଏଥିସହ ଗ୍ରାମର ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ମହିଳାଙ୍କ ସହ ଆଲୋଚନା କରି କେଉଁ ଗ୍ରାମରେ କେତେ ଛାତ୍ରୀଛାତ୍ର ସ୍କୁଲ ଆସୁନାହାନ୍ତି ତା'ର ତଦାରଖ କରିବେ। ଆସନ୍ତା ଶିକ୍ଷାବର୍ଷରେ ସବୁ ପିଲା କେମିତି ଉପସ୍ଥିତ ରହିବେ ତା'ଉପରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ର ଅନୁପସ୍ଥିତ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରୀଛାତ୍ର ପ୍ରସଙ୍ଗରେ ସ୍କୁଲ ୱାରି ରିପୋର୍ଟ ମଗାଯାଇଛି। ଏଥିପାଇଁ ୧୦ଦିନ ସମୟ ଦିଆଯାଇଛି। ବର୍ତ୍ତମାନ ରିପୋର୍ଟ ଆସିବା ଆରମ୍ଭ ହୋଇଛି। ତଥ୍ୟ ଆସିବା ପାଇଁ କିଛି ସମୟ ଲାଗିବ। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ୭୦ ପ୍ରତିଶତ ପିଲା ସ୍କୁଲ ଆସୁଥିବାବେଳେ ବାକି ପିଲା କାହିଁକି ଆସୁନାହାନ୍ତି ଏ ନେଇ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର କାରଣ ଖୋଜିବା ପାଇଁ ଶୁକ୍ରବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିଲେ।

# ଟ୍ରେନ୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ଗଜେନ୍ଦ୍ର ନାଏକ



ଶୋକାକୁଳ ପରିବାର।

- ଗାଁକୁ ଫେରିଲା ମୃତଦେହ
- ଦେଢ଼ମାସ ତଳେ ଦାଦନ ଖଟିବାକୁ ଯାଇଥିଲେ

**କୋକସରା,୧୪।୫(ଡି.ଏନ.ଏ.)**

ବାଙ୍ଗାଲୋରଠାରେ ଟ୍ରେନ୍ ଧକ୍କାରେ କଳାହାଣ୍ଡି ଜିଲାର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜେନ୍ଦ୍ର ନାଏକ (୨୫)। ଶୁକ୍ରବାର ରାତିରେ ମୃତଦେହ ଜନ୍ମମାଟିକୁ ଫେରିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଗତ ଦେଢ଼ମାସ ତଳେ ପରିବାରର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନି ଗ୍ରାମର ଦ୍ୱାରୁ ନାଏକଙ୍କ ପୁଅ ଗଜେନ୍ଦ୍ର ସାଥି ଶ୍ରମିକଙ୍କ ସହ ଦାଦନ ଖଟିବାକୁ ବାଙ୍ଗାଲୋର ଯାଇଥିଲେ। ସେଠାରେ କୁମୁଲଗଡ ଗେରପାଲିଆରେ ଥିବା ପ୍ରଭା ଇଣ୍ଡଷ୍ଟ୍ରିଆଲ ଠିକାସଂସ୍ଥାରେ ସେ କାମ କରୁଥିଲେ। ଘଟଣାଦିନ କାମରୁ ଫେରିବା ସମୟରେ ବାଟରେ ଟ୍ରେନ୍ ଧକ୍କା ଦେବାରୁ ଗଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ରାତିରେ ଏ ନେଇ ପରିବାର ଲୋକଙ୍କୁ ଜଣାଯାଇଥିଲା। ପରଦିନ ରାତିରେ ଠିକାସଂସ୍ଥା ସହାୟତାରେ ମୃତଦେହ ଘରେ ପହଞ୍ଚିଥିଲା। ଶନିବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତେବେ ରୋଜଗାରିଆ ପୁଅର ଅକାଳ ମୃତ୍ୟୁ ପରେ ବୃଦ୍ଧ ମା' ବାପା ଦୁଃଖରେ ମ୍ରିୟମାଣ ହୋଇ ଭାଙ୍ଗି ପଡିଛନ୍ତି।

# ମଧ୍ୟସ୍ଥଙ୍କ ସହ ଜେଲ ଗଲେ ଭିଜିଲାନ୍ସ ଇନ୍ସପେକ୍ଟର

**ସମ୍ବଲପୁର,୧୪।୫(ବ୍ୟୁରୋ)**

**୧୦ ଲକ୍ଷ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ ମାନସୀ**

ଲାଞ୍ଚ ନେବାବେଳେ ରାଜ୍ୟ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିବା ସମ୍ବଲପୁର ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନା ଓ ମଧ୍ୟସ୍ଥ ବରଗଡ଼ର ମୁକେଶ ସାହୁଙ୍କୁ ଶନିବାର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ବଲପୁରରେ କଟକ ଭିଜିଲାନ୍ସ ସେଲ୍ ଏସ୍‌ପି ଏମ୍. ରାଧାକୃଷ୍ଣ କହିଛନ୍ତି, ମାନସୀ ଓ ମୁକେଶଙ୍କୁ ଜେଲ ପଠାଇ ଦିଆଯାଇଛି। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ତା'ର ତଦନ୍ତ କରାଯିବ। ସୂଚନାଯୋଗ୍ୟ, ଜଣେ ସରକାରୀ ଅଧିକାରୀଙ୍କ ନାମରେ ଥିବା ମାମଲା ରଫାଦଫା କରିବା ପାଇଁ ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ମଧ୍ୟସ୍ଥ ମୁକେଶଙ୍କ ଜରିଆରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଧିକାରୀ ଜଣକ ଭିଜିଲାନ୍ସ ପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗର ଆଭ୍ୟନ୍ତରୀଣ ଟିମ୍ ଗଠନ ହୋଇଥିଲା। ଶୁକ୍ରବାର ମାନସୀଙ୍କ କହିବାନୁସାରେ ଅଧିକାରୀ ଜଣକ ମୁକେଶଙ୍କୁ ୧୦ଲକ୍ଷ ଟଙ୍କା ଦେଇଥିଲେ। ଲାଞ୍ଚ ଟଙ୍କା ମୁକେଶ ମାନସୀଙ୍କୁ ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ପରେ ଟିମ୍ ସଦସ୍ୟ ମାନସୀଙ୍କ ସରକାରୀ କ୍ୱାର୍ଟର୍ସ ସହିତ ସୁନ୍ଦରଗଡ଼, ଭୁବନେଶ୍ୱର ଘରେ ଏବଂ ମୁକେଶଙ୍କ ବରଗଡ଼ସ୍ଥିତ ଘରେ ଚଢ଼ାଉ କରିଥିଲା। ଏ ନେଇ ସରକାରୀ ଅଧିକାରୀଙ୍କ ଅଭିଯୋଗ କ୍ରମେ ଭିଜିଲାନ୍ସ ସେଲ୍‌ରେ ୫/୨୨ରେ ମାମଲା ରୁଜୁ ହୋଇଛି।

# ଟିଟିଲାଗଡ଼ରେ ୪୩.୨ ଡିଗ୍ରୀ

## ୧୭ ପର୍ଯ୍ୟନ୍ତ ଝଡ଼ତୋଫାନ ସହ ବଜ୍ରପାତ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ):** ରାଜ୍ୟରେ ପୁଣି ଖରାତାତି ଅସହ୍ୟ ହେଲାଣି। ପୂର୍ବାହ୍ଣ ୧୧ଟା ପରେ ଘରୁ ବାହାରିବାକୁ ଡର ଲାଗୁଛି। ଶନିବାର ରାଜ୍ୟର ୧୧ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ସର୍ବାଧିକ ତାପମାତ୍ରା ୪୩.୨ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ସୋନପୁର ୪୩, ସୁନ୍ଦରଗଡ଼ ୪୨.୫, ଝାରସୁଗୁଡ଼ା ୪୨.୪, ସମ୍ବଲପୁର ୪୧.୬, ଭବାନିପାଟଣା ୪୧.୮, ବଲାଙ୍ଗୀର ୪୨.୨, ମାଲକାନଗିରି ୪୦, ବରଗଡ଼ ୪୦.୫, ଦେବଗଡ଼ ୪୨ ଓ ନୂଆପଡ଼ାର ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱର ୩୫.୫ ଓ କଟକରେ ୩୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। କିନ୍ତୁ ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ୧୭ ତାରିଖ ପର୍ଯ୍ୟନ୍ତ କେତେକ ଜିଲାକୁ ଝଡ଼ତୋଫାନ ସମୟରେ ପବନର ବେଗ ଘଣ୍ଟାପ୍ରତି ସର୍ବାଧିକ ୪୦ କିମି ରହିବ। ରବିବାର ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରେ ପବନର ବେଗ ୩୦ରୁ ୪୦ କିମି ରହିବ ଓ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ଗଜପତି, ରାୟଗଡ଼ା, କନ୍ଧମାଳ, ଯାଜପୁର ଏବଂ ଭଦ୍ରକରେ ଝଡ଼ତୋଫାନର ଆଶଙ୍କା ରହିଛି।

# ୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ

**ପୁରୀ ଅଫିସ,୧୪।୫**





- ୩ ବେପାରୀ ଗିରଫ
- ନୋଟ୍ ଗଣତି ମେଶିନ, କାର୍, ଟଙ୍କା ଜବତ

ପୁରୀରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଥିବା ବେଳେ ଶନିବାର ବ୍ରାଉନସୁଗାର ବେପାର ଚଳାଉଥିବା ୩ ବେପାରୀଙ୍କୁ ଧରିବାରେ ପୁରୀ ପୋଲିସ ସଫଳ ହୋଇଛି। ମଙ୍ଗଳାଘାଟ ଛକରୁ ୩ଜଣ ବ୍ରାଉନସୁଗାର ବେପାରୀଙ୍କୁ ବାସେଲିସାହି ଥାନା ପୋଲିସ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୩ କିଲୋ ୧୯୨ ଗ୍ରାମର ବ୍ରାଉନସୁଗାର ମିଳିଛି। ଯାହାର ଆନୁମାନିକ ମୂଲ୍ୟ ୩କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବ୍ରାଉନସୁଗାର ବେପାର କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ପୁରୀ ଆସିଥିବା ନେଇ ଶନିବାର ଏସ୍‌ପି କନୱର ବିଶାଲ ସିଂ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କଣାସ ବ୍ଲକର ସୁଶାନ୍ତ ପଟ୍ଟନାୟକ(୨୨), ରାଜକିଶୋର ସାହୁ(୨୪) ଓ ମାନସ ସାହୁ(୨୭)। ସେମାନଙ୍କଠାରୁ ୨୦ ହଜାର ଟଙ୍କା, ୪ଟି ମୋବାଇଲ ଫୋନ୍, ନୋଟ ଗଣତି ମେଶିନ୍ ଓ କାର୍ (ନଂ.ଓଆର୍ ୦୨ ଜେଡ୍ ୯୮୫୫) ଜବତ ହୋଇଛି। ଏ ନେଇ ଥାନାରେ କେସ ନଂ. ୧୧୩/୨୨ରେ ଏନ୍‌ଡିପିସି ଆକ୍ଟ ୨୧(ସି) ଓ ୨୯ରେ ମାମଲା ରୁଜୁ କରାଯାଇଛି।

ବାସେଲି ସାହି ଥାନା ଆଇଆଇସି କୁଳମଣି ସେଠୀଙ୍କ ସୂଚନା ଅନୁଯାୟୀ, ଗୋଇନ୍ଦା ରିପୋର୍ଟ ଆଧାରରେ ପୁରୀ ମଙ୍ଗଳାହାଟ ଛକ ଦେଇ ଶୁକ୍ରବାର କେତେଜଣ ବେପାରୀ ବ୍ରାଉନସୁଗାର କାରବାର କରିବାକୁ ଯାଉଥିବା ନେଇ ଖବର ମିଳିଥିଲା। ଫଳରେ ସକାଳ ୬ଟା ୩୦ ସମୟରେ ସ୍ପେଶାଲ ସ୍କ୍ୱାଡ ଓ ବାସେଲିସାହି ଥାନାର ଏକ ମିଳିତ ଟିମ୍ ଉକ୍ତ ଛକରେ ଜଗି ରହିଥିଲେ। ଏହି ସମୟରେ ଉକ୍ତ ୩ ଅଭିଯୁକ୍ତ ଆସି ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିବା ବେଳେ ପୋଲିସ ଚଢ଼ାଉ କରି ଧରିଥିଲା। ଯାଞ୍ଚବେଳେ ସେମାନଙ୍କଠାରୁ ବ୍ରାଉନସୁଗାର, ଅନ୍ୟ କିଛି ସାମଗ୍ରୀ ମିଳିଥିବାବେଳେ ବିକ୍ରି ପାଇଁ ଆସିଥିବା ଜଣାପଡ଼ିଥିଲା। ଏ ନେଇ ଏସ୍‌ପି ସିଂ କହିଛନ୍ତି, ପୁରୀ ପୋଲିସ ପକ୍ଷରୁ ଏହା ଏକ ବଡ଼ ସଫଳତା। ଅଭିଯୁକ୍ତମାନେ ବଡ଼ଧରଣର ରାକେଟ୍ ଚଳାଉଥିଲେ। ସିଣ୍ଡିକେଟ୍ ଗଠନ କରି ବ୍ରାଉନସୁଗାର ବେପାର କରାଯାଉଥିଲା। ୩ ବ୍ରାଉନସୁଗାର ବେପାରୀଙ୍କ ମଧ୍ୟରେ ଜଣେ ମାଷ୍ଟରମାଇଣ୍ଡ ମଧ୍ୟ ରହିଛନ୍ତି। ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିବ। ସେହିଭଳି କେଉଁ କେଉଁ ସ୍ଥାନରେ ବ୍ରାଉନସୁଗାର ଚାଲାଣ କରାଯାଉଛି ସେନେଇ ପୋଲିସ ଖୋଳତାଡ଼ କରୁଛି। ଅଭିଯୁକ୍ତଙ୍କଠାରୁ ପୁରୀ ସହ ଅନ୍ୟ କିଛି ସ୍ଥାନର ନାମ ମଧ୍ୟ ହସ୍ତଗତ ହୋଇଛି। ଯେଉଁମାନଙ୍କ ପାଖରେ ବ୍ରାଉନସୁଗାର ପହଞ୍ଚିବାର ଥିଲା ସେମାନଙ୍କର ନାମ ଜେରାବେଳେ ସାମ୍ନାକୁ ଆସିଛି। ତିନୋଟି ପୃଥକ ଟିମ୍ ଗଠନ କରାଯାଇ, ବ୍ରାଉନସୁଗାର ସିଣ୍ଡିକେଟ୍‌କୁ ଧରିବା ପାଇଁ ପୋଲିସ ଉଦ୍ୟମ କରୁଛି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ସମୁଦାୟ ୪କେଜି ୮ଶହ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ୩୩ଜଣ ଅଭିଯୁକ୍ତ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି।


**ନିଜ ଗାଁ ବିଷୟରେ କାହାଣୀ ଲେଖିବାକୁ ଚାହାଁନ୍ତି ?**

**ବିଭାଗ : 1**
ଗାଁରେ ଘଟିଥିବା କିଛି ସତ ଘଟଣା, ଗୁରୁତ୍ୱପୂର୍ଣ୍ଣ ପ୍ରେରଣାଦାୟୀ ବିଷୟକୁ ଆଧାର କରି କିଛି କାହାଣୀ ଯଦି ଆପଣ ରଚନା କରି ଆମକୁ ପଠାଇବେ, ସେଇ କାହାଣୀକୁ ଆମେ ଚଳଚ୍ଚିତ୍ରରେ ରୂପାୟିତ କରିବୁ ଏବଂ ସେଇସବୁ ଫିଲ୍ମକୁ ବିଶ୍ୱବ୍ୟାପି କୋଟି କୋଟି ଲୋକ ଦେଖିପାରିବେ । ଏଥିରେ କାହାଣୀକାରଙ୍କ ନାମ ଉଲ୍ଲେଖ ରହିବା ସହିତ ଲେଖକ/ଲେଖିକା ମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ଓ "ଗ୍ରାମରତ୍ନ" ପୁରସ୍କାରରେ ସମ୍ମାନିତ କରାଯିବ। ଓଡ଼ିଶାର ଯେକୌଣସି ଗ୍ରାମର କେହିବି ଲୋକ/ଲେଖକ ଯଦି ଆମର ଏଇ ଅଭିନବ ଅଭିଯାନରେ ସାମିଲ ହେବାକୁ ଇଚ୍ଛା କରନ୍ତି, ତେବେ ଆମ ସହିତ ନିମ୍ନ ଠିକଣାରେ ସମ୍ପର୍କ କରନ୍ତୁ।

**ବିଭାଗ : 2**
**ଆପଣ ଯଦି ଜଣେ ଉତ୍ସାହୀ ଫିଲ୍ମ ମେକର**
ଏବଂ ନିଜ ଫିଲ୍ମର ପ୍ରଦର୍ଶନ/ ପ୍ରସାରଣ କରିବାକୁ ଉପଯୁକ୍ତ ପ୍ଲାଟଫର୍ମ ଖୋଜୁଛନ୍ତି, ତେବେ ଏହିଠାରେ ହେବ ଆପଣଙ୍କ ସ୍ୱପ୍ନ ସାର୍ଥକ । ଆପଣଙ୍କ ଦ୍ୱାରା ନିର୍ମିତ/ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର ଆମ ପାଖକୁ ପଠାନ୍ତୁ ଯାହାକୁ ସାରା ପୃଥିବୀ ଦେଖିବ ଏବଂ ସେଥିରୁ ନିର୍ବାଚିତ ଫିଲ୍ମକୁ ପୁରସ୍କାର ମିଳିବାର ସୁଯୋଗ ରହିବ।*

* ସର୍ତ୍ତ ନିୟମ ରହିବ କେବଳ ବିଭାଗ 2ପାଇଁ।
ରେଜିଷ୍ଟ୍ରେସନ ସମ୍ପୂର୍ଣ୍ଣ ମାଗଣା।
ରେଜିଷ୍ଟ୍ରେସନ ଶେଷ ତାରିଖ 30 ଜୁନ 2022
ଆଗ୍ରହୀ ବ୍ୟକ୍ତି ବିଶେଷ ଆମ ସହିତ ନିମ୍ନ ଠିକଣାରେ ସମ୍ପର୍କ କରିବାକୁ ଅନୁରୋଧ।
**Proreal Entertainment Pvt. Ltd.**
Plot No.- 311, 1st Floor, Saheed Nagar, Bhubaneswar.7
Tel. 0674-3508816, Mobile : 9776644066
Email : bhubaneswar@theproreal.com

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। —ଶ୍ରୀଅରବିନ୍ଦ

# ପରିବର୍ତ୍ତନର ଆଶା



ଆକାର ପଟେଲ

ସୁପ୍ରିମକୋର୍ଟ ଦେଶଦ୍ରୋହ ଆଇନ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ଏହି ଉପନିବେଶିକ ଯୁଗର ଆଇନକୁ ହଟାଇଦେବାକୁ ଚାହାନ୍ତି ବୋଲି କେନ୍ଦ୍ର ସରକାର କହିଛନ୍ତି। ଏହା ଏକ ଉତ୍ତମ ପଦକ୍ଷେପ। ଏହି ଆଇନ କହେ- ଯେଉଁ ବ୍ୟକ୍ତି ସରକାର ବିରୋଧରେ ଲେଖନ୍ତି କିମ୍ବା କହନ୍ତି ଅଥବା ସଙ୍କେତ ମାଧ୍ୟମରେ ପ୍ରତ୍ୟକ୍ଷ ଅବା ଅନ୍ୟପ୍ରକାରେ ଘୃଣା, ଅସନ୍ତୋଷ କିମ୍ବା ଉତ୍ତେଜନା ସୃଷ୍ଟି କରନ୍ତି ବା କରାଇବାକୁ ଚେଷ୍ଟା କରନ୍ତି, ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯିବ। ଏଥିରେ ଆଜୀବନ ଜେଲ ଦଣ୍ଡର ପ୍ରାବଧାନ ରହିଛି। ଆର୍ଟିକିଲ-୧୪.କମ୍ ୱେବ୍‌ସାଇଟ ସରକାରଙ୍କ ଦ୍ୱାରା ଆଇନର ଅପବ୍ୟବହାର ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଏକ ବଡ଼ କାମ କରିଛି ଏବଂ ଏହି ବିଷୟକୁ ସାର୍ବଜନୀନ କରିଛି। ବିଶେଷଜ୍ଞମାନେ ମଧ୍ୟ ସତର୍କ କରିଦେଇଛନ୍ତି। ପ୍ରଥମରେ ଦେଶଦ୍ରୋହ ମାମଲାଗୁଡ଼ିକ ଏବେ ମଧ୍ୟ ସରକାରଙ୍କ ଦ୍ୱାରା ରୁଜୁ କରାଯାଇପାରିବ; ଦ୍ୱିତୀୟରେ ଆହୁରି ଅନେକ ଆଇନ, ଯେଉଁଥିରେ ସମସ୍ୟା ରହିଛି, ସେଗୁଡ଼ିକର ଅପବ୍ୟବହାର କରାଯାଇପାରେ। ଏହି ଦୁଇଟି ବିଷୟ ସତ୍ୟ। ତେବେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ପରେ ଆମେ ଆନନ୍ଦିତ ହେବା ଏବଂ ଏହି ଆଇନକୁ ହଟାଇବା ଲାଗି ସାହସର ସହ ଅଗ୍ରସର ହେବା ଦରକାର। ଥରେ ନ୍ୟାୟପାଳିକା ପରିସରକୁ ଯଦି ଏକବିଂଶ ଶତାବ୍ଦୀ ଗଣତନ୍ତ୍ରରେ ଥିବା ଅନୁପଯୁକ୍ତ ଆଇନଗୁଡ଼ିକ ଆସିଯାଏ, ତେବେ ସମସ୍ୟା ସୃଷ୍ଟିକାରୀ ଆଇନଗୁଡ଼ିକର ପତନ ଘଟିବ। ଯେତେବେଳେ ଏଭଳି ସତ୍ୟସବୁକୁ ଦେଶ ଅନୁଭବ କରିବ ସେତେବେଳେ ନିଜକୁ ନିଜେ ସୁଧୁରିଯିବ। ସମ୍ବିଧାନରେ ଆମକୁ ଦିଆଯାଇଥିବା ବ୍ୟକ୍ତିଗତ ସ୍ୱାଧୀନତାଗୁଡ଼ିକ ଦୃଷ୍ଟିକୋଣରୁ ବିଚାର କଲେ ଭାରତର ଅନେକ ଆଇନର ସମୀକ୍ଷା କରାଯିବା ଆବଶ୍ୟକ। ଦେଶଦ୍ରୋହ କେବଳ ଏକମାତ୍ର ଉପନିବେଶିକ ଆଇନ ନୁହେଁ, ଯାହାକୁ ଆମେ ସାମ୍ନା କରୁଛେ। ଗାନ୍ଧିଜୀ ରୌଲାଟ ଆଇନକୁ ବିରୋଧ କରିଥିଲେ ଓ ଏହା ଜାଲିଆନୱାଲା ଗଣହତ୍ୟାର କାରଣ ପାଲଟିଥିଲା। ଏହି ଆଇନରେ ବିନା ଅଭିଯୋଗ କିମ୍ବା ବିଚାର ବା ମାମଲା(ଟ୍ରାଏଲ)ରେ ଲୋକଙ୍କୁ ଅଟକ ରଖାଯାଇ ପାରୁଥିଲା ଏବଂ ଏହାକୁ ମଧ୍ୟ ଆଇନଗତ ପ୍ରକ୍ରିୟାରେ ଶେଷ କରିଦିଆଗଲା। ପ୍ରଶାସନିକ ଅଟକ କହିଲେ ଜଣେ ଅପରାଧରେ ଜଡ଼ିତ ନ ଥିଲେ ମଧ୍ୟ ଭବିଷ୍ୟତରେ ଅପରାଧ ଘଟାଇବା ସନ୍ଦେହରେ ଜେଲରେ ରଖାଯାଇଥାଏ। ଏବେ ଆମ ଦେଶରେ ଏଭଳି ଅନେକ ଆଇନ ଚାଲିଛି। ୨୦୧୫ରେ ଭାରତରେ ୩,୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସରକାର ଅଟକ ରଖିଥିଲେ। ଗୁଜରାଟରେ ୧୯୮୪ର ପ୍ରିଭେନ୍‌ସନ ଅଫ୍ ଆଣ୍ଟିସୋସିଆଲ ଆକ୍ଟିଭିଟିଜ୍ ଆକ୍ଟ ବିନା ଅଭିଯୋଗ କିମ୍ବା ଟ୍ରାଏଲ୍‌ରେ ବର୍ଷେ ଅଟକ ରଖିବାକୁ ଅନୁମତି ଦେଇଛି। ଉତ୍ତରପ୍ରଦେଶରେ ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ(ଏନ୍‌ଏସ୍‌ଏ) ବା ଜାତୀୟ ସୁରକ୍ଷା ଆଇନରେ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ଜଣଙ୍କୁ ବର୍ଷେ ଯାଏ ଅଟକ ରଖାଯାଇପାରିବ। କୌଣସି ବାଟରେ ଯଦି ଜଣେ ଭାରତର ପ୍ରତିରକ୍ଷା, ବୈଦେଶିକ ସମ୍ପର୍କ କିମ୍ବା ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ଭଳି କାର୍ଯ୍ୟ କରୁଥାନ୍ତି ତେବେ ତାକୁ ରୋକିବା ଲାଗି ଏହି ଆଇନ ପ୍ରୟୋଗ କରାଯାଏ। ଏହା ବ୍ୟତୀତ କୌଣସି ବ୍ୟକ୍ତି କୌଣସି ବାଟରେ ଯଦି ରାଜ୍ୟର ସୁରକ୍ଷା, ସଦଭାବନା ପ୍ରତି ବିପଦ ସୃଷ୍ଟି କରନ୍ତି ଅଥବା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଯୋଗାଣ କିମ୍ବା ସେବାରେ ବିପଦ ସୃଷ୍ଟି କରୁଥାଆନ୍ତି ତେବେ ଏହି ଆଇନ ସେମାନଙ୍କ ଉପରେ ଲାଗୁ କରାଯାଏ। ଏନ୍‌ଏସ୍‌ଏ ଆଇନରେ ମଧ୍ୟପ୍ରଦେଶରେ ଗୋ ଚୋରା ଚାଲାଣ ଏବଂ ଗୋ ହତ୍ୟା ଅଭିଯୋଗରେ ମୁସଲ୍‌ମାନମାନଙ୍କୁ ଜେଲରେ ଭର୍ତ୍ତି କରାଯାଇଛି। ତାମିଲନାଡୁ ଓ କର୍ଣ୍ଣାଟକରେ ମଧ୍ୟ ଆଇନ ରହିଛି, ଯେଉଁଥିରେ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ଜେଲ ପଠାଇ ଦିଆଯାଉଛି।

ଆସାମରେ ପ୍ରିଭେନ୍‌ଟିଭ ଡିଟେନ୍‌ଶନ ଆଇନ, ୧୯୮୦ ରହିଛି। ଏହା ଜଣେ ବ୍ୟକ୍ତିଙ୍କୁ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ୨ ବର୍ଷ ପାଇଁ ଜେଲ୍‌ରେ ରଖିପାରିବ। ବିହାରରେ କଞ୍ଜରଭେଶନ ଅଫ୍ ଫରେନ ଏକ୍ସଚେଞ୍ଜ ଆଣ୍ଡ ପ୍ରିଭେନ୍‌ସନ ଅଫ୍ ସ୍ମଗ୍‌ଲିଙ୍ଗ ଆକ୍ଟ, ୧୯୮୪ ଚାଲିଛି। ଏହା ଦ୍ରବ୍ୟ ଚୋରା କାରବାର କିମ୍ବା ଏହାକୁ ସହାୟତା କରିବା ଅଥବା ଏଭଳି ସବୁ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଆଶ୍ରୟ ନେବା କିମ୍ବା ଚୋରା ଦ୍ରବ୍ୟ ରଖିବା ଓ ପରିବହନ କରିବା ଆଦିରେ ଜଡ଼ିତ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଅନୁମତି ଦେଇଛି। ଜମ୍ମୁକଶ୍ମୀରରେ ମଧ୍ୟ ୩ଟି ଆଇନ ଅଛି। ଗୋଟିକରେ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ୬ ମାସ, ଦ୍ୱିତୀୟରେ ବର୍ଷେ ଓ ତୃତୀୟଟିରେ ୨ ବର୍ଷ ଯାଏ ଅଟକ ରଖାଯାଇପାରିବ। ପଶ୍ଚିମବଙ୍ଗରେ ପ୍ରିଭେନ୍‌ସନ ଅଫ୍ ଭାଓଲେଣ୍ଟ ଆକ୍ଟିଭିଟିଜ ଆକ୍ଟ, ୧୯୭୦ ମଧ୍ୟ ଚାଲିଛି। ଛତିଶଗଡ଼ରେ ଏନ୍‌ଏସ୍‌ଏ ବଳରେ ନିୟମିତ ଭାବେ ସାମ୍ବାଦିକମାନଙ୍କୁ ସେମାନଙ୍କ ରିପୋର୍ଟିଂ ପାଇଁ ବର୍ଷେ ଯାଏ ଜେଲରେ ରଖାଯାଉଛି। ଆରମ୍ଭରୁ ଯଦି ଦେଖିବା ଏଗୁଡ଼ିକ ଇଂରେଜ ଅମଳର ଆଇନ ନୁହେଁ। ଆମେ ଏହି ସବୁ ଆଇନ ଆମ ପାଇଁ ଗଢିଛେ। ପ୍ରତ୍ୟେକ ରାଜ୍ୟ ଏହାକୁ ଅତ୍ୟଧିକ ବ୍ୟବହାର କରନ୍ତି ଏବଂ ନ୍ୟାୟପାଳିକାରୁ ଏହାକୁ ପ୍ରତିରୋଧ କରାଯାଏ ନାହିଁ।

ଆମେ ଆଜିକାଲି କିଛି ବର୍ଗର ଭାରତୀୟଙ୍କୁ 'ଦେଶଦ୍ରୋହୀ' କହି ଶତ୍ରୁଭାବେ ବର୍ଗୀକୃତ କରିଛୁ। ଏବେ ଆମର ଜାଲିଆନ୍‌ୱାଲା ବାଗ୍ ଭଳି ସମାବେଶ ନାହିଁ। ଯଦି ଆମେ ଏହି ସବୁ ଆଇନ ବିରୋଧରେ ସେଭଳି କରୁ, ତେବେ ଆମକୁ ଦେଶ ବିରୋଧୀ ବା ଦେଶଦ୍ରୋହୀ କୁହାଯିବ। ଏକ ଶତାବ୍ଦୀ ପୂର୍ବେ ଥିବା ରୌଲଟ ଆଇନ ଭଳି ଏବକାର ସ୍ଥିତି ଓ ସମୟରେ ଏହି ସବୁ ଆଇନ ଅନୁପଯୁକ୍ତ କହି ପ୍ରସଙ୍ଗକୁ ବଦଳାଇ ହେବ ନାହିଁ। ଏଥିପାଇଁ ଗଭୀର ଚିନ୍ତା କରିବାକୁ ପଡ଼ିବ। ତେବେ ଏକ ଗଣତାନ୍ତ୍ରିକ ଦେଶର ନାଗରିକ ଭାବେ ଥରେ ଆମ ମଧ୍ୟରେ ବିଶେଷକରି ଉଚ୍ଚତର ନ୍ୟାୟପାଳିକାରେ ଏ ସମ୍ପର୍କରେ ବିଚାରବୋଧ ବା ସଚେତନତା ଉଦୟ ହେଲେ ଦେଶଦ୍ରୋହ ଆଇନରେ ପରିବର୍ତ୍ତନ ଅଣାଯାଇ ପାରିବ ବୋଲି ଆମେ ଆଶା କରିପାରିବା। ଏହା ନିଶ୍ଚିତ ଭାବେ ଆମ ଭବିଷ୍ୟତ ପାଇଁ ଏକ ଆଶାର କିରଣ।

Email:aakar.patel@gmail.com

# ପ୍ରତିଭା, ପ୍ରତିକୂଳତା ଓ କବି କାଳିନ୍ଦୀଚରଣ



ଡ. ହୃଷୀକେଶ ମଲ୍ଲିକ

ଭଲ କବିତା ଯେ ପ୍ରତିଭାମୂଳ- ଏ କଥାରେ ମତାନ୍ତର କ୍ୱଚିତ୍ ଥାଏ। ଏହି ଦୃଷ୍ଟିରୁ ବିଚାରକଲେ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ହେଉଛନ୍ତି ଓଡ଼ିଆ ଭାଷାର ଜଣେ ଉଚ୍ଚମାନର କୃତବିଦ୍ୟ କବି, ଯାହାଙ୍କ ଜୀବନରେ କବିତ୍ୱର ଉଦୟ ହୋଇଥିଲା ଛାତ୍ରାବସ୍ଥାରୁ। ମାଆ ଓ ମାଉସୀଙ୍କ ମୁହଁରୁ ଶୁଣିଥିବା ଗୀତରୁ ସେ ଚିହ୍ନିଥିଲେ କବିତା କ'ଣ। ନିଜର ଆତ୍ମଜୀବନୀ 'ଅଙ୍ଗେ ଯାହା ନିଭାଇଛି'ରେ କାଳିନ୍ଦୀ ଲେଖିଛନ୍ତି, ''...ଯେଉଁ କବିତା ମୁଁ ଶୁଣିଥିଲି, ପୁଣି ଏବେ ସୁଦ୍ଧା ଯାହା ପାସୋରି ଯାଇନାହିଁ, ସେ ହେଲା ନିଜ ବୋଉଙ୍କ ମୁହଁରୁ। ରାତି ଫସର ଫାଟି ଆସୁଥାଏ। କୁଆ କୋଇଲି ନ ଡାକୁଣୁ ବୋଉଙ୍କ କୋଳରେ ଶୋଇ ଯେତେବେଳେ କାନରେ ବାଜିଉଠେ ତାଙ୍କରି ସ୍ୱର- 'ଉଠ ନିଶି ପାହିଲା ଏଥର ହେ ବଂଶୀଧର!' ମନେହୁଏ ସେତେବେଳେ ପୃଥିବୀରେ ଗୋଟିଏ ମାତ୍ର ବଂଶୀଧ୍ୱନି, ଆଉ କିଛି ନାହିଁ।''

ଶୈଶବ ଓ କୈଶୋରର ସ୍ମୃତି ଯେତେବେଳେ ଅବକାଶ ଖୋଜି କବିଙ୍କ ଲେଖନୀରୁ ଝରିଯାଇଛି, ସେତେବେଳେ ତାହା ଅନ୍ତରାତ୍ମାର ନିବେଦିତ ଉଚ୍ଚାରଣ ହୋଇଥିବାରୁ କାଳାନ୍ତରକୁ ଅମର ହୋଇଯାଇଛି। କବିଙ୍କ ତିରୋଧାନର ବହୁ ବର୍ଷ ପରେ ବି ତାହା ଯେପରି ନିଥରରୁ ଜୀବନର ଅମୃତମୟ ବାଣୀ ହୋଇ ପ୍ରତିଟି ଓଡ଼ିଆ ପାଠକର ଉଦ୍‌ଗ୍ରୀବ କର୍ଣ୍ଣକୁହରରେ ନିକ୍ୱଣିତ ହୋଇ ଉଠୁଛି। ଜନ୍ମିତ ଗାଁର ସରୁଦାଣ୍ଡରେ କାହିଁ କେବେ ଜୀବନର ପ୍ରଥମ ଅବଧାନଙ୍କ ପାଖକୁ ଅକ୍ଷର ଶିଖି ଯାଇଥିଲେ କବି ବାପାଙ୍କର ହାତଧରି। କିନ୍ତୁ ତାଙ୍କ ରଚିତ 'ଗ୍ରାମ-ଚାଟଶାଳୀ' କବିତା (ଯାହାକୁ କବି ଲେଖିଥିଲେ ଅନେକ ବର୍ଷ ପରେ), ପଢ଼ିଲେ ଲାଗେ, ଏଇ ଯେମିତି ଆମ ଆଗେ ଆଗେ ଛୋଟ ପିଲାଟିଏ ବାପାଙ୍କ ସାଙ୍ଗରେ ଚାଲିଯାଉଛି ଚାହାଳି ଆଡ଼େ। ପୁରାତନ ନୂତନ ହେଇ ଜାଗିଉଠେ ପାଠକର ଚେତନାରେ- ''ମନେଅଛି ମୋର/ ଗ୍ରାମ -ଚାଟଶାଳୀ/ ଚିହ୍ନିଥିଲି ଯହିଁ ଅକ୍ଷର ଆଗେ,/ସରୁଦାଣ୍ଡ କଡ଼େ/ ଚାଳଘର ଖଣ୍ଡି/ଯାଇଥିଲି ଦିନେ ବାପାଙ୍କ ସଙ୍ଗେ।''

୧୯୪୪-୪୫, ଯେତେବେଳେ ତାଙ୍କର ବୟସ ବି ସେଇ ଚଉରାଳିଶ କି ପଇଁଚାଳିଶ କବି ଲେଖିବସନ୍ତି ତାଙ୍କର ବହୁ ପଠିତ ଓ ବହୁ ଚର୍ଚ୍ଚିତ କବିତା 'କିଏ ଶଳା ସଇତାନ?' 'ଶଳା' ପରି ଏକ ଶବ୍ଦକୁ ସେ ସାମ୍ୟବାଦୀ କାବ୍ୟ-ଭାବନାର କାଇଁଶିକା ଶର କରି ଶ୍ରେଣୀଶତ୍ରୁଙ୍କ ବିପକ୍ଷରେ ପେଷିଦିଅନ୍ତି। ଏହି 'ଶବ୍ଦ'ଟିର ପ୍ରୟୋଗରେ ଓଡ଼ିଆ କବିତାର ପ୍ରଚଳିତ Asthetics ଭାଙ୍ଗିଯାଇ ତିଆରି ହୁଏ ପ୍ରଥମ କରି ନୂଆ ସୌନ୍ଦର୍ଯ୍ୟବାଦ: ''ଜନ୍ମ ଆମର ମଣିଷ କୁଳରେ/ ନାହିଁ ଇଜ୍ଜତ ମାନ/ଆମ ଝିଅ ବୋହୂ ସବୁରି ଶାଳୀ ହେ/ ଆମେ ଶଳା ସଇତାନ!'' ଶବ୍ଦର ଆପାତଃ ଅବୈଧାନିକତାରେ ବୈଧାନିକତାର ରଂଜକ ଭରି କବିତାରେ ତିଆରି ହେଲା ପ୍ରତିବାଦର ଭାଷା। ଶିକ୍ଷାର ସଂସର୍ଗରେ କିପରି ସଂସ୍କାରିତ ହୁଏ ପ୍ରତିଭା, ଦୀକ୍ଷିତ ଗ୍ରାହକତାରେ କିପରି ଅଙ୍କୁରିତ ହୁଏ ସୃଜନଶୀଳତା- କାଳିନ୍ଦୀଚରଣଙ୍କ ବିଦ୍ୟାଳୟ-ଜୀବନକୁ ଫେରି ନ ଗଲେ ତା'ର ସୁରାକ ମିଳେନାହିଁ। ପୁରୀ ଜିଲା ସ୍କୁଲରେ ଏକ ପ୍ରତିଯୋଗିତାରେ କବି ବୋଲିଥିଲେ ରାଧାନାଥଙ୍କ 'ପାର୍ବତୀ' କାବ୍ୟରୁ ଏଇ ପଙ୍‌କ୍ତିଟି ତାଙ୍କ ସୁଲଳିତ କଣ୍ଠରେ- ''କେହି ରହିନାହିଁ/ ରହିବେ ନାହିଁଟି/ ଭବ-ରଙ୍ଗ-ଭୂମି ତଳେ/ ସର୍ବେ ନିଜ ନିଜ/ ଅଭିନୟ ସାରି/ ବାହୁଡ଼ିବେ କାଳବଳେ।'' ଗୀତଟି ଶୁଣି ସ୍କୁଲର କଡ଼ା ହେଡ୍‌ମାଷ୍ଟର ଦାଶରଥି ପାଣିଗ୍ରାହୀଙ୍କ ଗୋଲ୍ଡ ଫ୍ରେମ୍‌ର ଚଷମା ଭିତରୁ ଜକେଇ ଆସିଥିଲା ଦୁଇଆଖି। ଆବୃତ୍ତି ଶୁଣୁଥିବା ପଣ୍ଡିତ ଫକୀର ମିଶ୍ର କାବ୍ୟତୀର୍ଥଙ୍କୁ ସେ କହିଥିଲେ- 'ବାଃ, ଚମତ୍କାର!' ଏହା ଆବୃତ୍ତିର ସଫଳତା ପାଇଁ ଦାଶରଥିଙ୍କର ତାରିଫ କେବଳ ନ ଥିଲା, ଥିଲା କବିତାଟି ଭିତରେ ଥିବା ନଶ୍ୱରତାର ଦର୍ଶନରେ ବୈରାଗ୍ୟର ଉଦୟରାଗ। ଛାତ୍ର ଜୀବନରେ ଘଟିଥିବା ଏହିଭଳି ବିରଳ ଅନୁଭବ ଭିତରେ କାଳିନ୍ଦୀ ଚିହ୍ନିଥିଲେ କବିତାର ଅପରିମିତ ସୃଜନ-ସମ୍ଭାବନାକୁ, ଯାହା ପାଇଁ ଲୋଡ଼ାହୁଏ ଦୈବୀଦତ୍ତ ପ୍ରତିଭା।



ତିରୋଧାନ ଦିବସ ଉପଲକ୍ଷେ

ପୁରୀ ହେରାଗୋହିରୀ ସାହିର ସାମନ୍ତ ଚନ୍ଦ୍ରଶେଖର ହଲ୍‌ରେ 'ଛାତ୍ରସମାଜ'ର ସଭା ହେଉଥାଏ। ପୌରୋହିତ୍ୟ କରୁଥା'ନ୍ତି ଉତ୍କଳମଣି ଗୋପବନ୍ଧୁ ଓ ସଭା ମଣ୍ଡନ କରିଥା'ନ୍ତି ପଣ୍ଡିତ ନୀଳକଣ୍ଠ। ୧୯୧୯ ମସିହା। 'ଛାତ୍ରସମାଜ'ର ମୁଖପତ୍ର 'ଛାତ୍ର ଦର୍ପଣ'ର ଉଦ୍‌ଘାଟନ। ପତ୍ରିକାରେ ସ୍ଥାନିତ ହୋଇଥାଏ କାଳିନ୍ଦୀଙ୍କର କବିତା 'ବନ୍ଦନା' ପ୍ରଥମ ରଚନା ଭାବେ। କବିତାର ପଦଟିଏ ଏହିପରି: ''ଝରଝର ଝରେ ଝରଣାଧାର/ ମୁଖରିତ କରେ ଅଚଳ ଶିର/ ଛବିଳ ଉତ୍କଳେ ଲାଗିଅଛି ସଦା ଶୋଭାର ଏ ହାଟ ପରକୃତିର।'' କବିତାଟି ପଢ଼ି ନୀଳକଣ୍ଠ ଜାଣିବାକୁ ଚାହିଁଥିଲେ ଏ କବିତାର କବି କିଏ? ଏତକ ହିଁ ଯଥେଷ୍ଟ। ପ୍ରତିଭା ପାଇଛି ତା'ର ସତ୍କାରର ଠିକଣା। ସୃଜନଶୀଳତାକୁ ମିଳିଛି ସହୃଦୟତାର ସ୍ୱୀକୃତି।

କାଳିନ୍ଦୀ ତାଙ୍କ ରଚିତ 'କଟକ ରାଜନୀତି' ଓ 'ଚକ୍ରବାକ' କବିତା ଯୋଡ଼ିକର ସୃଜନ-ଉତ୍ସକୁ ସ୍ମରଣ କରି କହିଛନ୍ତି: ''ସାତ ସାହି ବୟାଳିଶ କନ୍ଦିର ପୁରୀ ସହର ଛାଡ଼ି କଟକ ସହରକୁ ମୁଁ ଭଲପାଇଲି- ବେଶି ଭଲପାଇଲି ତା'ର ଖଟିଖିଆ ମଣିଷକୁ; ପୁରୀର ଖାଲି ଠାକୁରଙ୍କ ରାଣ ପକାଇ ମାଗିଖିଆ ମଣିଷଠାରୁ କଟକରେ ଲାଗିଖିଆ ମଣିଷର ଭେଟପାଏଁ ମୁଁ ସବୁ ଗଳିକନ୍ଦି ଭିତରେ- ସେଇ କଟକ ଉପରେ ମୋର କବିତା 'କଟକ ରାଜନୀତି': ''ଉଡ଼ି ଚାଲିଥିଲି ଉପରେ ଆକାଶ-ରଥେ /କେତେ ଗିରିମାଳ ମନେ ନାହିଁ ତା'ର ନାମ/ କେତେ ନଦୀ ବିଲ, କେତେ ଶାଳବନ-ପଥେ/ କେତେ ଯେ ଦେଉଳ ଅପରୂପ କାରୁକାମ।/ କଟକ ସହର ଅଟକାଇଦେଲା ମତେ!/ ଦୋକାନ ବଜାର ସାହି ଗଳି ବାଟେ ଚାଲି/ ସବୁଠାରେ ଯାହା ଶୁଣିଲି ଦେଖିଲି ସତେ/ କଟକେ କେବଳ ରାଜନୀତି ଆଜିକାଲି।'' କୁଜଙ୍ଗରେ ସମବାୟ ବ୍ୟାଙ୍କ ମ୍ୟାନେଜର ଥିବା ବେଳେ ଦିନେ ସନ୍ଧ୍ୟାରେ ପାରି ହେଉଛନ୍ତି କବି ଚିତ୍ରୋତ୍ପଳା ନଦୀ। ଦେଖିଲେ ସ୍ୱଚ୍ଛ କ୍ଷୀଣସ୍ରୋତ ନିକଟରେ ବସି ରହିଛନ୍ତି ଦୁଇଟି ପକ୍ଷୀ। ପଚାରି ବୁଝିଲେ ପକ୍ଷୀ ଦୁଇଟି ଚକ୍ରବାକ। କବିଙ୍କୁ ନିକଟରେ ଦେଖି ବି ନାହିଁ ସତର୍କତାର ଚାଞ୍ଚଲ୍ୟ। ବସାକୁ ଫେରି ଲେଖିଲେ କବିତା: ''କ୍ଷୀଣ ସ୍ରୋତେ ଶୁଭ୍ର ବାଲି ପରେ/ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ;/ ବସି ତହିଁ/ଉଦାସ ବେଦନା ବହି/ଚକ୍ରବାକ ନିର୍ବାକ୍ ଦମ୍ପତି/ ଭାଳେ ହରାଇବ ଅବା କି ସ୍ୱର୍ଗ-ସମ୍ପତ୍ତି!'' ଘର ଛାଡ଼ି ବୃତ୍ତିଗତ ଜୀବନର ଏକାନ୍ତବାସରେ ଯେଉଁ ଉଦାସୀନତାର ଅନୁଭବ, ତାହା ଯେପରି ପ୍ରତିଫଳିତ ହୋଇ ଉଠିଛି ସମାନ୍ତରାଳ ଏକ ଦୃଶ୍ୟରେ। କବିତାରେ ପର ଲାଗିଛି ପ୍ରତିଭାର।

ଅନେକତ୍ର ଦେଖାଯାଏ ଯେ, ଯେଉଁଠି ପ୍ରତିଭା, ତାକୁ ଆବୋରି ରହିଥାଏ ଚଉଦିଗରୁ ଅଜସ୍ର ପ୍ରତିକୂଳତା। କବି କାଳିନ୍ଦୀଚରଣ ବୃତ୍ତି ଜୀବନରେ ଥାଇ ସୃଜନଶୀଳତାରେ ଉଦ୍‌ବେଳିତ ହୋଇଉଠୁଥିବା ବେଳେ ତାଙ୍କ ତେଜୋଦୀପ୍ତ ପ୍ରତିଭାରେ ଚିରାଚରିତ ଆତଙ୍କିତ ହୋଇ ଉଠିଛି। ସେ ଚକ୍ରାନ୍ତର ଶିକାର ହୋଇ ସମବାୟ ବ୍ୟାଙ୍କରୁ ତାଙ୍କର ବୃତ୍ତି ହରାଇଛନ୍ତି। ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସମେତ କେତେକେତେ ରାୟବାହାଦୁର ହୋଇଛନ୍ତି ଏହି ପ୍ରତିଭା-ବିରୋଧୀ ଚକ୍ରବ୍ୟୂହରେ ଅଂଶୀଦାର। ଭାଗ୍ୟବାନ୍ ଯେ କବି, ପରିଶେଷରେ ଏହି ପଥ-ଅଜଣା ବ୍ୟୂହ ଭିତରୁ ବାହାରିଯିବାର ପଥ ହୋଇଉଠିଛି କବିତା। ଯେଉଁ କବି ଲେଖିଥିଲେ ''ବଧୂ ଆସେ ମୋର ଧୀର ସୁଲଳିତ/ ତୃତୀୟ ଜୋଛନା ସମ/ ବଢ଼ାଏ ମୋ' କରେ କମ୍ପିତ କର/ ସୁକୁମାର ଅନୁପମ।'' (ମଧୁ ବିବାହ, 'ଉତ୍କଳ ସାହିତ୍ୟ') ଓ ଯେଉଁ କବି ଲେଖିଥିଲେ, 'ଗାନ୍ଧାରୀର ଆଶୀର୍ବାଦ' ଓ 'ପାସୋରିଦେଲିରେ ଶିମୁଳିପାଳ' କବିତା, କବିତାରେ ସେଇ କବିଙ୍କ ପ୍ରଥମ ପଦପାତକୁ ପରିବାର ଭିତରୁ ମଧ୍ୟ ମିଳି ନ ଥିଲା ଅକୁଣ୍ଠିତ ସମର୍ଥନ। ତଥାପି ସେ ଲେଖିଥିଲେ କବିତା ଓ ଓଡ଼ିଆ କବିତାରେ ଏକ ନୂଆ ଯୁଗ ତାଙ୍କରି କବିତାର ନବାଲୋକରେ ଆଲୋକିତ ହୋଇ ଉଠିଥିଲା। ପ୍ରସିଦ୍ଧ ଇଂରେଜ କବି ଉଇଲିୟମ୍ କୁପର କବିତା ଲେଖିବାକୁ ଆକଟ କରୁଥିବା ଓ ମାଡ଼ ମାରୁଥିବା ତାଙ୍କ ବାପାଙ୍କୁ ଆଉ କେବେ ବି କବିତା ଲେଖିବେ ନାହିଁ ବୋଲି ଅନୁନୟ କରି କହିଥିଲେ: ''Papa! Papa! Bity take!!/ I shall never verses make!'' ହତଭାଗ୍ୟ କବି ବିଚାରା! ପ୍ରତିଭାର ତାଡ଼ନାରେ ସେ ଯେ ନିରୁପାୟ! କବିତାରୁ ତାକୁ ନିରସ୍ତ କରିବାର ପ୍ରତିକୂଳତାକୁ ଜବାବ ଦେବାର ଭାଷା ବି ତା'ର ଆହାଃ ପାଲଟିଯାଏ କବିତା! କାଳିନ୍ଦୀଚରଣ ତ ଖୋଦ୍ ଲେଖିଛନ୍ତି: ''ଦୈନନ୍ଦିନ ଜୀବନର, କେତେ ଯେ ବିସ୍ମୟ ଅଭିଭୂତ କରେ ପ୍ରତି ମୁହୂର୍ତ୍ତକୁ! କିଏ ଗଣେ ସେଇ ମୁହୂର୍ତ୍ତକୁ; କିଏ କରେ ତା'ର ମୂଲ୍ୟାୟନ!!'' ଆଜି କବିଙ୍କର ତିରୋଧାନ ଦିବସ। ଦିବସ-ଶର୍ବରୀ ଆଜି ଭରା ତାଙ୍କ କବିତାର ନିର୍ବାଣହୀନ ଗୁଣୁଗୁଣୁରେ। ତାଙ୍କୁ 'ଧରିତ୍ରୀ'ର ଅଜସ୍ର ପ୍ରଣାମ।

ମୋ: ୯୮୫୩୨୮୭୭୫୫

# 'ଦି ଆଟ୍‌ଲାଣ୍ଟିକ'ର ସାମ୍ବାଦିକା

ବ୍ୟକ୍ତିତ୍ୱ



ଜେନିଫର ସିନିୟର

ବବି ମ୍ୟାକ୍‌ଲାଭାଇନ୍ ଦେଖିବାକୁ ଥିଲେ ସୁନ୍ଦର ଓ ଉଚ୍ଚାକାଂକ୍ଷୀ ଯୁବକ। ୧୧ ସେପ୍ଟେମ୍ବର ୨୦୦୧ରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି)ରେ ଏକ ସମ୍ମିଳନୀରେ ଯୋଗଦେବାକୁ ଯାଇଥିଲେ। ଆତଙ୍କବାଦୀ ଆକ୍ରମଣରେ ଅନେକ ହଜାର ବ୍ୟକ୍ତିଙ୍କ ଭଳି ବବିଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଗତବର୍ଷ ୯/୧୧ ଆକ୍ରମଣକୁ ଦୁଇ ଦଶନ୍ଧି ପୂରଣ ହୋଇଥିଲା। ଆମେରିକାର ଅନ୍ୟତମ ପ୍ରସିଦ୍ଧ ପତ୍ରିକା 'ଦି ଆଟ୍‌ଲାଣ୍ଟିକ୍'ର ଫିଚର ରାଇଟର ଜେନିଫର ସିନିୟର ସେହି ଉଦୀୟମାନ ଯୁବକ ବବିଙ୍କ ବିଷୟରେ ବହୁତ କଥା ଜାଣିବାକୁ ପାଇଥିଲେ। ବବିଙ୍କୁ କେନ୍ଦ୍ରରେ ରଖି ପରିବାର ସଂକ୍ରାନ୍ତରେ ଲେଖା ପ୍ରସ୍ତୁତ କରିବାରେ ଲାଗିପଡ଼ିଥିଲେ। ପରିବାରବର୍ଗରେ ବବିଙ୍କୁ ନେଇ ଥିଲା ଅନେକ ସ୍ୱପ୍ନ। ତାଙ୍କର ଏକ ପ୍ରେମ କାହାଣୀ ଥିଲା। ସବୁ ଜାଣିବା ପରେ ଜେନିଫର ତାଙ୍କ ମାତାପିତା, ବନ୍ଧୁ, ସେତବେଳର ପ୍ରେମିକାଙ୍କୁ ଭେଟିଥିଲେ। ଘଟଣାକ୍ରମକୁ ଏକତ୍ର କରି ୨୦ ବର୍ଷ ତଳୁ ପରିବାର ସହିଥିବା କ୍ଷତିକୁ ସେ ଫିଚର ଆକାରରେ ଚିତ୍ରଣ କରିଥିଲେ ଏବଂ ତାହା ସେପ୍ଟେମ୍ବର ୨୦୨୧ରେ 'ଦି ଆଟଲାଣ୍ଟିକ୍'ର କଭର ଷ୍ଟୋରି ହୋଇଥିଲା। ଘଟଣାକୁ ନେଇ ତଥ୍ୟ ଓ ଚିତ୍ର ସଂଗ୍ରହ କରିବା ପରେ ତାଙ୍କ ବର୍ଣ୍ଣନା ଶୈଳୀ ଉକ୍ତ ଫିଚରକୁ ଏଭଳି ଜୀବନ୍ତ କରିଦେଇଥିଲା ଯେ, ତାହା ତାଙ୍କୁ ୨୦୨୨ ଲାଗି ଫିଚର ବର୍ଗରେ ପୁଲିଜର ପୁରସ୍କାର ଆଣିଦେଇଛି। ଉଲ୍ଲେଖଯୋଗ୍ୟ, ଖବରକାଗଜ ପ୍ରକାଶକ ଯୋଶେଫ୍ ପୁଲିଜରଙ୍କ ଉଇଲ୍ ଅନୁଯାୟୀ ୧୯୧୭ରେ 'ପୁଲିଜର ପୁରସ୍କାର' ପ୍ରତିଷ୍ଠା କରାଯାଇଥିଲା। ପ୍ରତିବର୍ଷ ଆମେରିକାରେ ଖବରକାଗଜ, ପତ୍ରିକା, ଅନ୍‌ଲାଇନ୍ ସାମ୍ବାଦିକତାରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ସମେତ ସାହିତ୍ୟିକ ଓ ସଙ୍ଗୀତକାରମାନଙ୍କୁ ଏହା ପ୍ରଦାନ କରାଯାଇଆସୁଛି। ଭାରତ ପରିପ୍ରେକ୍ଷୀରେ ଦେଖିଲେ ଚଳିତବର୍ଷ ପରଲୋକଗତ ଫଟୋ ଜର୍ନାଲିଷ୍ଟ ଡାନିସ୍ ସିଦ୍ଦିକ୍ଙ୍କ ସହ ୪ ଭାରତୀୟଙ୍କୁ ଫିଚର ଫଟୋଗ୍ରାଫି ବର୍ଗରେ ସମ୍ମାନିତ କରାଯାଇଛି। ତାଙ୍କ ଅନ୍ୟ ସହକର୍ମୀମାନେ ହେଲେ ଆଦନାନ ଆବିଦି, ସନା ଇର୍ଶାଦ ମାଟ୍ଟୁ ଓ ଅମିତ୍ ଡାଭେ। ଏମାନେ ରଏଟର୍ସ ନ୍ୟୁଜ୍ ଏଜେନ୍ସି ଲାଗି କାର୍ଯ୍ୟ କରି ଏଭଳି ସମ୍ମାନଜନକ ପୁରସ୍କାର ପାଇବାକୁ ହକ୍‌ଦାର ହୋଇଛନ୍ତି। ତେବେ ଫିଚର ବର୍ଗରେ ଜେନିଫର ୨୦ ବର୍ଷ ତଳର ଏକ ଘଟଣାକୁ ଯେଭଳି ଢଙ୍ଗରେ ଚିତ୍ରଣ କରିଛନ୍ତି, ଏବେ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ନୂଆ ପିଢ଼ିର ସାମ୍ବାଦିକମାନେ ଜାଣିବା ଦରକାର।

ଜେନିଫର ଆମେରିକାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୫୨ ବର୍ଷ। ସେ ଏବେ ନ୍ୟୁୟର୍କର ବ୍ରୁକ୍‌ଲିନ୍‌ରେ ସ୍ୱାମୀ ଓ ପୁଅ ସହ ରହୁଛନ୍ତି। ହାଇସ୍କୁଲରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଜେନିଫର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଛନ୍ତି। ଲେଖାରେ ରୁଚି ଥିବାରୁ ସେ ପ୍ରଥମେ 'ନ୍ୟୁୟର୍କ ମାଗାଜିନ୍'ରେ ଷ୍ଟାଫ୍ ରାଇଟର ଭାବେ ଯୋଗଦେଇଥିଲେ। ସେଥିରେ ସେ ୧୮ ବର୍ଷ କାର୍ଯ୍ୟ କରିଥିଲେ। ସେହି ସମୟରେ ରାଜନୀତି, ସମାଜ ବିଜ୍ଞାନ ଓ ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ସେ ଅନେକ ଲେଖିଛନ୍ତି। ତାଙ୍କ ଲେଖା ଉଚ୍ଚକୋଟୀର ହେବାରୁ 'ନ୍ୟୁୟର୍କ ଟାଇମ୍ସ'ରେ ସେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ପ୍ରଥମେ ତାଙ୍କୁ ପୁସ୍ତକ ସମୀକ୍ଷକ ଦାୟିତ୍ୱ ମିଳିଥିଲା। ପରେ ଓପିନିୟନ୍ ପୃଷ୍ଠାରେ ସ୍ତମ୍ଭକାର ଭୂମିକା ନିର୍ବାହ କରିଥିଲେ। ସେଠାରେ ପାଞ୍ଚ ବର୍ଷିଆ ଚୁକ୍ତି ଶେଷ ହେବା ପରେ ସେ 'ଦି ଆଟଲାଣ୍ଟିକ୍'କୁ ଚାଲିଯାଇଥିଲେ। ସେବେଠାରୁ ସେଥିରେ ଷ୍ଟାଫ୍ ରାଇଟର ଭାବେ ରହିଆସିଛନ୍ତି। ଏନ୍‌ପିଆର୍ କାର୍ଯ୍ୟକ୍ରମରେ ଅତିଥି ହେବା ସହିତ ମର୍ନିଂ ଜୋ, ୱାଶିଂଟନ ଜର୍ନାଲ ଉଇଥ୍ ବ୍ରିଏନ୍ ଲାମ୍ବ, ଆଣ୍ଡରସନ୍ କୁପର ୩୬୦, ଗୁଡ୍‌ମର୍ନିଂ ଆମେରିକା, ଟୁଡେ ଏବଂ ଦି କ୍ରିସ୍ ମାଥ୍ୟୁଜ୍ ଆଦି ଟେଲିଭିଜନ କାର୍ଯ୍ୟକ୍ରମରେ ସେ ନିୟମିତ ଆସିଥାଆନ୍ତି।

ସାମ୍ବାଦିକତାରେ ଜେନିଫର କ୍ୟାରିୟର କରିଥିଲେ ମଧ୍ୟ ଜଣେ ଜଣାଶୁଣା ଲେଖିକା ଭାବେ ସୁପରିଚିତ। ୨୦୧୪ ମସିହାରେ ତାଙ୍କ ରଚିତ ପୁସ୍ତକ 'ଅଲ୍ ଜଏ ଆଣ୍ଡ ନୋ ଫନ୍: ଦି ପାରାଡକ୍ସ ଅଫ୍ ମଡର୍ନ ପ୍ୟାରେଣ୍ଟହୁଡ୍' ନ୍ୟୁୟର୍କ ଟାଇମ୍ସ ବେଷ୍ଟ ସେଲର ତାଲିକାରେ ଆଠ ସପ୍ତାହ ଶ୍ରେଷ୍ଠ ବହି ଭାବେ ସ୍ଥାନ ପାଇ ପାଠକୀୟ ଆଦୃତି ପାଇଥିଲା। ଏପରି କି ଏହା ୧୨ଟି ଭାଷାରେ ଅନୂଦିତ ହୋଇଛି। ଏଥିସହିତ ସେ ସିଡ୍‌ନୀ ଅପେରା ହାଉସ୍ ଏବଂ ଆମେରିକାର ମିଡିଆ ସଙ୍ଗଠନ ଟିଇଡି(ଟେକ୍ନୋଲଜି, ଏଣ୍ଟରଟେନ୍‌ମେଣ୍ଟ, ଡିଜାଇନ୍)ରେ ବକ୍ତା ହେବାର ଗୌରବ ଅର୍ଜନ କରିଛନ୍ତି। ଛାପା ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମ ସହ ମଞ୍ଚରେ ନିଜ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଥିବା ଜେନିଫର ସିନିୟରଙ୍କ ପ୍ରତିଟି କାର୍ଯ୍ୟ ଜୁନିୟର(କନିଷ୍ଠ) ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୁନିଆରେ ଏମିତି ପିଲା ଅଛନ୍ତି ଯେଉଁମାନଙ୍କର କେହି ବି ନାହାନ୍ତି, ନା ଅଛି ଘର ନା ଅଛି ଶିକ୍ଷା। ସେମାନେ ରାସ୍ତା କଡ଼ର ବାସିନ୍ଦା, ସେମାନେ ପୁଣି ନିର୍ଯାତିତ। ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଅନେକ ସମାଜସେବୀ ତଥା ସଂସ୍ଥା ପ୍ରୟାସ ଜାରି ରଖିଛନ୍ତି। ହେଲେ ଏଭଳି ଶିଶୁମାନଙ୍କୁ ସାମାଜିକ କ୍ଷେତ୍ରରେ ସଶକ୍ତ କରିବାରେ ଫରିଦାବାଦର ବୀଣା ଲାଲଙ୍କ ଚେଷ୍ଟା କିନ୍ତୁ ନିଆରା। ତାଙ୍କ ଇଚ୍ଛାଶକ୍ତି ଓ ସେବା ମନୋଭାବ ସଭିଙ୍କ ହୃଦୟ ଜିତିପାରିଛି। ସେ କାହାଠାରୁ କୌଣସି ଆର୍ଥିକ ଅନୁଦାନ ଗ୍ରହଣ ନ କରି ନିଜସ୍ୱ ରୋଜଗାରରେ ଅସହାୟ ଶିଶୁମାନଙ୍କର ସାହାରା ପାଲଟିଛନ୍ତି। ବୀଣା ୧୯୯୭ରେ 'କର୍ମମାର୍ଗ' ଏନ୍‌ଜିଓ ଗଠନ କରି ସେବା ଜାରି ରଖିଛନ୍ତି। ସେ ଅଦରକାରୀ ଖବରକାଗଜ, ପ୍ଲାଷ୍ଟିକ ବୋତଲ ଏବଂ ଅଦରକାରୀ କପଡ଼ା ବ୍ୟବହାର କରି ବିଭିନ୍ନ ଜିନିଷ ପ୍ରସ୍ତୁତ କରୁଛନ୍ତି ଓ ତାହାକୁ ବିକ୍ରି କରି ଯେତିକି ଟଙ୍କା ପାଉଛନ୍ତି ପିଲାଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି। ପିଲାମାନଙ୍କୁ ପଢ଼ାଇବା ସକାଶେ ସେ ମହିଳାମାନଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ପିଲାମାନଙ୍କୁ ପଢ଼ାଇବା ସହ ବିଭିନ୍ନ ଜିନିଷ ତିଆରି କଳାକୌଶଳ ଶିଖାଉଛନ୍ତି। ଏବେ ସୁଦ୍ଧା ସେ ୧୫୦୦ ଶିଶୁଙ୍କୁ ଶିକ୍ଷା ଦେଇସାରିଛନ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ସ୍ୱାସ୍ଥ୍ୟ, ଶିଳ୍ପ, ଫ୍ୟାଶନ୍ ଏବଂ ପ୍ରାଣୀ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଛନ୍ତି ବୋଲି କହନ୍ତି ୫୫ ବର୍ଷୀୟା ବୀଣା।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୯୭

- ତାମିଲ ଗେରିଲାଙ୍କ ବିରୁଦ୍ଧରେ ଅନ୍ତିମ ପର୍ଯ୍ୟାୟ ଅଭିଯାନରେ ଶ୍ରୀଲଙ୍କା ସେନା ଦ୍ୱାରା ଗେରିଲା ଅଧିକୃତ ଓମାନଥାଇ ସହର ଦଖଲ।
- ପାର୍ଲାମେଣ୍ଟକୁ ନ ଜଣାଇ ବୋଫର୍ସ ସଂକ୍ରାନ୍ତ କେତେକ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରେସ୍ ନିକଟରେ ପ୍ରକାଶ କରିଦେଇଥିବାରୁ ସିବିଆଇ ମୁଖ୍ୟ ଯୋଗୀନ୍ଦର ସିଂଙ୍କୁ ଲୋକସଭାରେ ତୀବ୍ର ସମାଲୋଚନା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 1 | | | 3 | |
| | 8 | 4 | | | | | | |
| | | | 5 | | | 8 | | |
| | | 2 | 6 | | 8 | 4 | 9 | |
| | | | | | 4 | 2 | | |
| | 7 | 5 | | | | | | 3 |
| | 2 | | | | | | | |
| | 5 | 6 | | | | 9 | 2 | |
| | | | | | 3 | | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 3 | 5 | 2 | 8 | 9 | 7 |
| 2 | 8 | 9 | 4 | 7 | 6 | 3 | 5 | 1 |
| 3 | 5 | 7 | 8 | 9 | 1 | 6 | 4 | 2 |
| 7 | 1 | 4 | 9 | 6 | 3 | 5 | 2 | 8 |
| 5 | 9 | 2 | 7 | 4 | 8 | 1 | 3 | 6 |
| 6 | 3 | 8 | 2 | 1 | 5 | 9 | 7 | 4 |
| 1 | 4 | 3 | 5 | 8 | 7 | 2 | 6 | 9 |
| 9 | 2 | 6 | 1 | 3 | 4 | 7 | 8 | 5 |
| 8 | 7 | 5 | 6 | 2 | 9 | 4 | 1 | 3 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### କଂଗ୍ରେସର ଭାଗ୍ୟ

ମହାଶୟ,

ମଣିଷ ଯେତେବେଳେ ନିଜ ଉପରୁ ବିଶ୍ୱାସ ହରାଇଦିଏ ସେହି ସମୟରେ ଭାଗ୍ୟ ଏବଂ ଭଗବାନଙ୍କ ଶରଣାଗତ ହୋଇଥାଏ। କଂଗ୍ରେସ ଦଳ ଦେଶ ସ୍ୱାଧୀନତାରୁ ଜନ୍ମଲାଭ କରିଥିଲା। ଆଧୁନିକ ଭାରତବର୍ଷ ଗଠନରେ ପ୍ରମୁଖ ଭୂମିକା ନେଲା। ସମୟକ୍ରମେ ନୀତିରୁ ଦୁର୍ନୀତି ଜନ୍ମଲାଭ କରି ପ୍ରଶାସନକୁ ଗ୍ରାସ କରିବାରୁ ଦେଶର ଯୋଜନା ସବୁ ବାଟବଣା ହେଲା। ଜନସାଧାରଣ କଂଗ୍ରେସ ଦଳକୁ ଦୋଷୀ ମନେକରି ଦଳଠାରୁ ବିଶ୍ୱାସ ଫେରାଇ ନେବାରୁ କଂଗ୍ରେସ ଲୋକ ସଭାରେ ବିରୋଧୀ ଦଳ ପାଇଁ ସଂଖ୍ୟା ହାସଲ କରିପାରିଲା ନାହିଁ। ପଶ୍ଚିମବଙ୍ଗରେ ଶୂନ୍ୟ, ଉତ୍ତରପ୍ରଦେଶରେ ୨ଟି ବିଧାନସଭା ଆସନ, ଓଡ଼ିଶାରେ ଗୋଟିଏ ଲୋକ ସଭା ଆସନ ଲାଭ କରିଛି। ଓଡ଼ିଶାରେ ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଭୋଟ ହାର ମାତ୍ର ୧୨% ହେବାରୁ ଅନେକ ପ୍ରାର୍ଥୀ ଅମାନତ ହରାଇଛନ୍ତି। କିନ୍ତୁ କଂଗ୍ରେସ ଗାଦି ଲୋଭ ଛାଡୁନାହିଁ। କଂଗ୍ରେସ ଅଧୋଗତିର କାରଣ ଖୋଜିବା ପାଇଁ ଦଳରେ ସମୀକ୍ଷା ହେଉନାହିଁ। ନେତାମାନେ କେବଳ ପ୍ରତୀକ୍ଷାରେ ରହୁଛନ୍ତି। ମୋ ମତରେ କଂଗ୍ରେସ ମିଡିଆ ସେଲ୍ ଦ୍ୱାରା ରାଜ୍ୟରେ ଥିବା କଂଗ୍ରେସପ୍ରେମୀଙ୍କଠାରୁ ଚିଠି ମାଧ୍ୟମରେ ମତ ସଂଗ୍ରହ ପାଇଁ ଆହ୍ୱାନ କରାଯାଉ। ସେହି ମତ ପେଡ଼ିରୁ ଦଳର ଦୋଷ ଦୁର୍ବଳତା ଓ ନେତାମାନଙ୍କ ଗୁମର ପେଡ଼ି ଖୋଲିଯିବ। ଏହାଦ୍ୱାରା ଦଳର ପ୍ରତିକାର ପାଇଁ ପଥ ସୁଗମ ହୋଇ ପୁନର୍ଗଠନ ସହଜ ହେବ।

–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସମ୍ଭୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା-ସହଚରୀ କିବା ଲେଖଇ ଅଳତା
ପକ୍ଷୀକଣ୍ଠୁଁ ମୁଖରଇ କି ମଙ୍ଗଳ କଥା!
(ଚକ୍ରବାକ)

–କାଳିନ୍ଦୀଚରଣ ପାଣିଗ୍ରାହୀ

**ଜିଲାସ୍ତରୀୟ ଯୋଗ ମହୋତ୍ସବ**

ଜମନକିରା,(ଡି.ଏନ.ଏ.): ଜମନକିରା ବ୍ଲକ କେନାଡ଼ିପା ପଞ୍ଚାୟତ ସର୍ବେ ଗ୍ରାମର ବୀର ବଜରଙ୍ଗ ବଳୀ କ୍ଲବ ପକ୍ଷରୁ ଜିଲାସ୍ତରୀୟ ଯୋଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଶମ୍ଭୁନାଥ ସାହୁ ଓ ମାନସ ଦେହୁରିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଜୁନ ୨୧ ତାରିଖରେ ବିଶ୍ୱ ଯୋଗ ଦିବସ ପାଳନ ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବିଭିନ୍ନ କ୍ଲବର ସଦସ୍ୟଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ। ବିଞ୍ଜିପାଲି ଜଙ୍ଗଲ ଅଧିକାରୀ, ସାମାଜିକ କର୍ମୀ ନରେନ୍ଦ୍ର ସାହୁ, ପତଞ୍ଜଳିରେ କାର୍ଯ୍ୟରତ ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ବିଦ୍ୟାଳୟ ପରିସରରୁ ଶତାଧିକ ଗଛକଟା

**ଲହୁଣୀପଡ଼ା,୧୪।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଟେଟେଙ୍ଗାଗିଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଶହଶହ ଗଛ କଟାଯାଇଛି। ତେବେ ଏତେ ସଂଖ୍ୟକ ଗଛକୁ କିଏ କାହିଁକି କାଟି ନେଇଗଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, କିରାଣୀ ଓ ବନବିଭାଗ ଅଧିକାରୀ କର୍ମଚାରୀଙ୍କର ଜାଣତରେ ଏହି ଘଟଣା ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟେଟେଙ୍ଗାଗିଲା ଉଚ୍ଚ ବିଦ୍ୟାଳୟର ୫-ଟି ଯୋଜନାରେ ରୂପାନ୍ତରୀଣ କାର୍ଯ୍ୟ ଚାଲୁଛି। ଏହି ରୂପାନ୍ତରୀଣ କାର୍ଯ୍ୟକୁ ଆଧାର କରି ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଶହଶହ ଗଛକୁ କାଟି ବିଦ୍ୟାଳୟର କର୍ମଚାରୀ ବିକ୍ରି କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିନ୍ତୁ ସମ୍ପୃକ୍ତ କର୍ମଚାରୀ କହୁଛନ୍ତି, ଏହି ବେନିୟମ ଗଛ କଟାରେ ତାଙ୍କର କିଛି ଭୂମିକା ନାହିଁ। ଏହା ବନ ସୁରକ୍ଷା କମିଟି



ବିଦ୍ୟାଳୟ ପରିସରରୁ ଗଛ କଟା ଯାଇଛି।

କରିଛନ୍ତି। ଯଦି ବନ ସୁରକ୍ଷା କମିଟି ଦ୍ୱାରା ଶହ ଶହ ପରିମାଣର ଗଛକୁ କାଟିଦେଇ ବିକ୍ରି କରି ଦିଆଗଲା ତା'ହେଲେ ବାଙ୍କି ରେଞ୍ଜର ଓ ଉକ୍ତ ସେକ୍ସନର ଫରେଷ୍ଟର କିମ୍ବା ବନରକ୍ଷୀମାନେ କେମିତି ଜାଣିପାରିଲେ ନାହିଁ କିମ୍ବା ଜାଣିଶୁଣି ଚୁପ ରହିଛନ୍ତି ତାହା ପ୍ରଶ୍ନ ଉଠୁଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଏହା ଗ୍ରାମବାସୀଙ୍କ ସମସ୍ୟା। ସେ ସମ୍ପର୍କରେ କିଛି କହିପାରିବି ନାହିଁ। ଏହି ବେନିୟମ ଗଛ କଟାର ସତ୍ୟାସତ୍ୟ ଜାଣିବା ପାଇଁ ରାଜାମୁଣ୍ଡା ସ୍ଥିତ ବାଙ୍କି ରେଞ୍ଜ ଅଧିକାରୀ ଅଜୟ କୁମାର ଖେସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଟେଟେଙ୍ଗାଗିଲା ବନ ସୁରକ୍ଷା ସମିତି ଉକ୍ତ ଗଛକୁ କାଟିବା ପାଇଁ ରିଜ୍ୟୁଲେସନରେ ପାସ କରିଛନ୍ତି। ୧୩୫ଟି ଗଛ କାଟି ଭିଏସ୍ଏସ୍ କର୍ମଚାରୀ ଓ ବିଦ୍ୟାଳୟ କର୍ମଚାରୀ ନିଜ ଭିତରେ କଟା ଗଛକୁ ନେଇଯାଇ ୩୦ ହଜାର ୫୦୦ ଟଙ୍କା କିରାଣୀ ଅକ୍ଷୟ ମାହାନ୍ତଙ୍କ ନିକଟରେ ଜମା କରିଛନ୍ତି। ଏ ଘଟଣା ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିବା ପରେ ବାଙ୍କି ରେଞ୍ଜର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ କିରାଣୀ ଅକ୍ଷୟ ମାହାନ୍ତଙ୍କୁ ବନ ବିଭାଗ ତରଫରୁ ପଚରାଉଚରା କରିବାରୁ କିଛି ଲୋକ ଆସି ବିରୋଧ କରିଥିଲେ। ଫଳରେ ପରିସ୍ଥିତି ଭିନ୍ନ ମୋଡ଼କୁ ଗତି କରିବାରୁ ବାଙ୍କି ରେଞ୍ଜର ଲହୁଣୀପଡା ତହସିଲଦାରଙ୍କୁ ଚିଠି କରିଥିଲେ। ଉକ୍ତ ଚିଠି ପାଇବା ପରେ ଲହୁଣୀପଡା ତହସିଲ ତରଫରୁ ସମ୍ପୃକ୍ତ ଜାଗାର ଚିହ୍ନଟ କରିବା ପାଇଁ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ ସଲବିନ୍ଦର ସିଂ, ରେଞ୍ଜର ଅଜୟ କୁମାର ଖେସ, ଫରେଷ୍ଟରଙ୍କ ଉପସ୍ଥିତିରେ ଜମିରେ ଚିହ୍ନଟ କରାଯାଇଥିଲା। ଉକ୍ତ ଚାରି ଏକର ଜାଗା ଗୋଚର ଓ ପତିତ କିସମର ବୋଲି ଜଣାପଡ଼ିଥିଲା। ସେହି ଜାଗାରେ ଲାଗିଥିବା ଆକାଶିଆ ଗଛରୁ ୧୩୫ଟି ଗଛ କାଟି ନିଆଯାଇଛି ବୋଲି ରେଞ୍ଜର ଖେସ ସୂଚନା ଦେଇଛନ୍ତି। ରେଞ୍ଜରଙ୍କ ମତାମତରୁ ସ୍ପଷ୍ଟ ଜଣାପଡୁଛି ଯେ ଉକ୍ତ ୧୩୫ ଗଛ କାଟି ନେଇଯିବାରେ ସ୍କୁଲ କିରାଣୀ ଅକ୍ଷୟ ମାହାନ୍ତ ଭିଏସଏସ କମିଟି କର୍ମକର୍ତ୍ତା ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ, ଅକ୍ଷୟ ମାହାନ୍ତ ଓ ରେଞ୍ଜର ପ୍ରମୁଖଙ୍କ ମତାମତ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଏହା ଭିତରେ ଅନ୍ୟ କିଛି ରହସ୍ୟ ଲୁଚି ରହିଥିବା ଅନୁମାନ କରା ଯାଉଛି। ଏହାର ଯଦି ଉପଯୁକ୍ତ ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ କରା ନ ଯାଏ ତାହେଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ତରଫରୁ ଡିଏଫଓ ଅଫିସ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିବା ଜଣାପଡିଛି।

## ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମୁହୂର୍ତ୍ତ।

**ବଡ଼ଗାଁ, ୧୪।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ଶୁକ୍ରବାର ରାତିରୁ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ 'ଖ' ଜୋନର ଜିଲା ପରିଷଦ ସଦସ୍ୟ ସୋନାଲି ହେସ ମୁଖ୍ୟ ଅତିଥି ଓ ବିଜେଡ଼ିର ବରିଷ୍ଠ କର୍ମୀ ବସନ୍ତ ସାହୁ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୨୪ଟି କ୍ରିକେଟ ଟିମ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ରାତ୍ରିରେ ବାମରା ଓ ସୁନ୍ଦରଗଡ଼ ମହେଶଡିହି ମଧ୍ୟରେ ମ୍ୟାଚ ହୋଇଥିଲା। ମହେଶଡିହି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୧୦ ଓଭରରୁ ୭ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ କରିଥିଲାବେଳେ ଜବାବରେ ବାମରା ଦଳ ୬ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ୍ କରିଥିଲେ। ମହେଶଡିହି ଟିମ୍‌ର ଅବିନାଶ ୨ଓଭରରେ ୪ରନ ଦେଇ ୪ଉଇକେଟ ଅକ୍ତିଆର କରିଥିଲେ। ମହେଶଡିହି ଟିମ୍ ୨୩ ରନ୍‌ରେ ବିଜୟୀ ହୋଇ ପ୍ରଥମ ଦିବସରୁ ବିଜୟ ଯାତ୍ରା ଆରମ୍ଭ କରିଛି। ପ୍ରଥମ ରାତ୍ରିରେ ମହେଶଡିହି, କିର୍ଣ୍ଣିମା, ଖତକୁରବାହାଲ, ରାଉରକେଲାର ବାଲିଯୋଡି, ସୁନ୍ଦରଗଡ଼ର ବନ୍ଧପାଲି ଟିମ୍ ମ୍ୟାଚ ଖେଳିଛନ୍ତି। ପାଞ୍ଚଦିବସୀୟ ଏହି ଟୁର୍ନାମେଣ୍ଟ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବାବେଳେ ସାହାଜବାହାଲ କ୍ରିକେଟ କମିଟି ପରିଚାଳନା କରୁଛନ୍ତି। ଚାମ୍ପିୟନ ଦଳକୁ ୨୫ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଟୁର୍ନାମେଣ୍ଟରେ ସୁନୀଲ ସାହୁ ଓ ପାନା ଅମ୍ପେୟାରିଙ୍ଗ କରୁଥିଲାବେଳେ ସିପୁର ସ୍କୋରିଂ ଦାୟିତ୍ୱ ତୁଲାଉଛନ୍ତି।

## ଦିନରେ ଗୁଳୁଗୁଳି, ସନ୍ଧ୍ୟାରେ ଝଡ଼ତୋଫାନ

**କୁଆଁରମୁଣ୍ଡା,୧୪।୫(ଡି.ଏନ୍.ଏ.)**

ପ୍ରଚଣ୍ଡ ଗ୍ରୀଷ୍ମ ପରିପ୍ରେକ୍ଷୀରେ ତାପମାତ୍ରା ବୃଦ୍ଧି ପାଇବା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ଏହାସହ ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଝଡତୋଫାନ ଯୋଗୁ ବିଭିନ୍ନ ଅଞ୍ଚଳ ଘଣ୍ଟାଘଣ୍ଟା ଧରି ଅନ୍ଧାରରେ ରହୁଛି। ଏହିଭଳି ଘଟଣା ଗତ ୨ ଦିନ ହେଲା କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ଲାଗିରହିଛି। ଶୁକ୍ରବାର ଦିନସାରା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହୋଇପଡିଥିବା ବେଳେ ଅପରାହ୍ନ ସାଢେ ୫ଟାରୁ ପ୍ରାୟ ଦେଢ ଘଣ୍ଟା ଧରି ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇଥିଲା। ଫଳରେ କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଥିଲା। ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବା ପାଇଁ ରାତି ପ୍ରାୟ ୧୨ଟା ହୋଇଯାଇଥିଲା। ବର୍ଷା ହେଲା ପରେ ଗୁଳୁଗୁଳି କମୁ ନ ଥିବା ଯୋଗୁ ଲୋକେ ଛଟପଟ ହୋଇଯାଉଥିବାବେଳେ ବିଦ୍ୟୁତ୍ ନ ଥିବା ଉକ୍ତ ସମସ୍ୟାକୁ ବହୁଗୁଣିତ କରିଥିଲା। ଶନିବାର ମଧ୍ୟ ସନ୍ଧ୍ୟା ସାଢେ ୬ଟାରେ କାଳବୈଶାଖୀ ପ୍ରଭାବରେ ଜୋର୍‌ରେ ପବନ ହୋଇଥିଲା। ଏହି ସମୟରେ ବିଦ୍ୟୁତକାଟ ହୋଇ ଥିଲେ ମଧ୍ୟ ପ୍ରାୟ ୨ଘଣ୍ଟା ପରେ ଏହା ସ୍ୱାଭାବିକ ହୋଇପାରିଥିଲା। ଝଡତୋଫାନ ଯୋଗୁ କୁଆଁରମୁଣ୍ଡା, କଚାରୁ, ଡୁମେରଯୋର, ପଦମପୁର, କାଲୋସିହିରିଆ, ପୁଟ୍ରିଖମଣ ଇତ୍ୟାଦି ଅଞ୍ଚଳର ଆମ୍ବଚାଷୀ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଝଡତୋଫାନ ଯୋଗୁ କୁଆଁରମୁଣ୍ଡା, ଲାଞ୍ଜିବେର୍ଣ୍ଣା, ଗୋବିରା, ଚାର୍ଡିହରିହରପୁର ଅଞ୍ଚଳରେ ଥିବା ସ୍ପଞ୍ଜ କାରଖାନାଗୁଡିକର ଚିମିନିରୁ ନିର୍ଗତ କଳା ପାଉଁଶଗୁଣ୍ଡ ଚାରିଆଡେ ଉଡିବା ସହ ସ୍ଥାନୀୟ ବାସିନ୍ଦାଙ୍କ ଘରେ ପଶିବା ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଚିମିନି ପାଉଁଶ, କାରଖାନା ଭିତରେ ଥିବା ଆବର୍ଜନା ଡଷ୍ଟଗୁଡିକ ଉଡି ଲୋକଙ୍କ ଘରେ ପଶିଯାଉଥିବା କହିଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ ନେଚର କ୍ୟାମ୍ପ ପରିଦର୍ଶନ

**ଟେନ୍‌ସା, ୧୪।୫(ଡି.ଏନ୍.ଏ.)**



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଟେନ୍‌ସା ନେଚର କ୍ୟାମ୍ପ ପରିଦର୍ଶନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ସୁନ୍ଦରଗଡ଼ ଜିଲା ଟେନ୍‌ସା ଗସ୍ତରେ ଆସି ନେଚର କ୍ୟାମ୍ପର ସମୀକ୍ଷା କରିଛନ୍ତି। ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଟେନ୍‌ସା ନେଚର କ୍ୟାମ୍ପରେ ଆଉ ୧୦ଟି କ୍ୟାଟେଜୀ ନିର୍ମାଣ ପାଇଁ ପ୍ରସ୍ତାବ ରଖିଛନ୍ତି। ସେ ଶନିବାର ସକାଳ ୧୧ଟାରେ ଟେନ୍‌ସା ନେଚର କ୍ୟାମ୍ପରେ ପହଞ୍ଚିଥିଲେ। ଡ଼ିଏଫଓ, ଏସିଏଫ ସମୀର ତିର୍କୀ, ରେଞ୍ଜର ନବୀନ ପ୍ରଧାନ, ଟେନ୍‌ସା ଫରେଷ୍ଟର ଧରଣୀଧର ସାହୁ, କୈଳାସ ଚନ୍ଦ୍ର କିଷାନ ପ୍ରମୁଖ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ମହାପାତ୍ର ଟେନ୍‌ସା ନେଚର କ୍ୟାମ୍ପ ଯାଇ ପ୍ରତ୍ୟେକ କ୍ୟାଟେଜୀର ଘରଗୁଡିକ ଟିକିନିଖି ବୁଲି ଦେଖିଥିଲେ। ରାଜ୍ୟ, ରାଜ୍ୟ ବାହାରୁ ମାସକୁ କେତେ ପର୍ଯ୍ୟଟକଙ୍କ ଲାଗି ବୁକ୍ ହେଉଛି, ସେଗୁଡିକ ପଚାରି ବୁଝିବା ସହିତ ବିଭିନ୍ନ କାମ ଉପରେ ସମୀକ୍ଷା କରିଥିଲେ। ଟେନ୍‌ସା ସରପଞ୍ଚ ଅନୀତା ପୂର୍ତ୍ତି ଅଧିକ କ୍ୟାଟେଜୀ ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ଶାସନ ସଚିବ ମହାପାତ୍ର ଟେନ୍‌ସା ନେଚର କ୍ୟାମ୍ପରେ ଆଉ ୧୦ଟି କ୍ୟାଟେଜୀ ନିର୍ମାଣ ହେବ ବୋଲି ପ୍ରକାଶ କରିଥିଲେ। ଟେନ୍‌ସା ନେଚର କ୍ୟାମ୍ପ ପରିସରରେ ବୃକ୍ଷ ରୋପଣ କରିଥିଲେ। ଏଠାରୁ ଯେଉଁ ଆୟ ହେବ ତାହାର ୧୦ଭାଗରୁ ଏକ ଭାଗ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ବିକାଶ ଲାଗି ଖର୍ଚ୍ଚ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। ମୁଖ୍ୟ ଶାସନ ସଚିବଙ୍କ ସହିତ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ବଣାଇ ଏସ୍‌ଡିପିଓ ସୌରଭ ଓତା, ଉପଜିଲାପାଳ ପ୍ରଦୀପ ଡାଙ୍ଗ, ତହସିଲଦାର ଡିଏସ୍ ଶୁଭଦର୍ସୀ ଯୋଶୀ, ବଣାଇ ଡିଏଫଓ, ବଣାଇ ଏସିଏଫ୍ ସମୀର ତିର୍କୀ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

TITAN COMPANY LIMITED, a joint venture between TIDCO and the house of TATAs. It is the leading manufacturer of watches, Jewellery and prescription eyewear.

TITAN

Tanishq Showroom at BARGARH requires qualified & experienced personnel for its business assoicate run showroom

**1. RETAIL SALES OFFICER :**
Male / Female candidates with sound communication skills having relevant sales experience in Jewellery sector / Retail Sector. Freshers with excellent communication skill may appear.

**2. CASHIER :**
B.Com Graduate with 2-3 years experience in billing / cashiering in retail segment in a Computerised environment.

**3. GREETER :**
Female candidate, smart and presentable, fresher may also apply with excellent communication skills (English and HINDI, ODIA)

Candidates matching the above criteria should appear for interview with an updated CV and a recent passport photograph at :
AAKASH MOTORS PVT LTD HERO SHOWROOM
SH 14, Bhatli Rd, near Over Bridge, Jyoti Nagar, Bargarh, Odisha 768028
Contact nos : 7978626292, 8455878966
Email : Aakashndsons0@gmail.com
Date of Interview : 16TH MAY 2022 (11a.m. to 5 p.m.)

## ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ସୁପରସ୍ପେଶାଲିଟି ଚିକିତ୍ସା ସୁବିଧା

**ସୁନ୍ଦରଗଡ଼,୧୪।୫(ଡି.ଏନ.ଏ.)**

ହୃଦରୋଗୀମାନଙ୍କୁ ସୁପରସ୍ପେଶାଲିଟି ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି। ଶନିବାର ଏହାକୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏଣିକି ହୃଦରୋଗଜନିତ ସମସ୍ୟାରେ ପୀଡ଼ିତ ବ୍ୟକ୍ତିମାନେ ବିଶେଷଜ୍ଞଙ୍କଠାରୁ ମାଗଣାରେ ଚିକିତ୍ସା ଓ ପରାମର୍ଶ ପାଇପାରିବେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁପରସ୍ପେଶାଲଟି ଚିକିତ୍ସା ସେବା ଚଳିତ ମାସ ୨୮ ତାରିଖରୁ ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହେବ। ଏଠାରେ ହୃଦରୋଗୀଙ୍କ ପାଇଁ ମାଗଣା ଇସିଜି ପରୀକ୍ଷାର ବ୍ୟବସ୍ଥା ରହିଛି। ରୋଗୀଙ୍କୁ ମାଗଣା ଔଷଧ ମଧ୍ୟ ଯୋଗାଇ ଦିଆଯିବ। ପ୍ରତ୍ୟକ ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାର ଅପରାହ୍ନ ୧ଟାରୁ ୫ଟା ପର୍ଯ୍ୟନ୍ତ ହୃଦରୋଗ ବିଶେଷଜ୍ଞ ଡାକ୍ତର ବିନୟାନନ୍ଦ ପାଢ଼ୀ ଉପସ୍ଥିତ ରହି ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ପ୍ରଦାନ କରିବେ।

ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ ଡା. ମିଶ୍ର କହିଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ରୋଗ ପାଇଁ ସୁପରସ୍ପେଶାଲଟି ଚିକିତ୍ସା ସେବା ଉପଲବ୍ଧ କରିବା ପାଇଁ ଲକ୍ଷ୍ୟ ରହିଥିଲା। ଏବେ ହୃଦରୋଗ ପାଇଁ ସୁପରସ୍ପେଶାଲିଟି ଚିକିତ୍ସା ସୁବିଧା ଆରମ୍ଭ କରାଯାଉଛି। ହୃଦରୋଗଜନିତ ସମସ୍ୟାରେ ଥିବା ବ୍ୟକ୍ତିଙ୍କ ପାଇଁ ଏହା ବିଶେଷ ସହାୟକ ହେବ। ବର୍ତ୍ତମାନ ଏହି ଚିକିତ୍ସା ସେବା ମାସକୁ ଦୁଇ ଦିନ ମିଳିବ ରୋଗୀଙ୍କ ଆବଶ୍ୟକତାକୁ ଦେଖି ଏହାକୁ ଆଗାମୀ ଦିନରେ ସମ୍ପ୍ରସାରଣ କରାଯାଇପାରିବ। ଏହି ସୁପରସ୍ପେଶାଲଟି ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୁବଶୀଘ୍ର ଇକୋ ମେସିନ ସୁବିଧା କରାଯିବ। ଏହି ଆଧୁନିକ ମେସିନ ସାହାଯ୍ୟରେ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଯିବ। ଏହି ସୁପରସ୍ପେଶାଲଟି ବିଭାଗ ପାଇଁ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ଆର୍ଥିକ ସହାୟତା ଯୋଗାଇ ଦେଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ହୃଦରୋଗ ବିଶେଷଜ୍ଞ ଡାକ୍ତର ବିନୟାନନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଏମ୍‌ୟୁରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୧୪।୫(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପକ୍ଷରୁ ଗ୍ରୀଷ୍ମକାଳୀନ ଶାରୀରିକ ଓ ସ୍ୱାସ୍ଥ୍ୟଗତ ପ୍ରଶିକ୍ଷଣ ଶିବିର ଅମୃତ ବିହାରରେ ଉଦ୍‌ଯାପିତ ହୋଇଛି।୧୦ଦିନ ଧରି ଚାଲିଥିବା ଶିବିରରେ ୬୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଏମ୍‌ୟୁ କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପ କୁଳସଚିବ ଡ. ଉମାଚରଣ ପତି, ଅଧ୍ୟାପକ ପ୍ରଦୋଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଲିଙ୍ଗରାଜ ବେହେରା ଓ ଦିବ୍ୟାନୀ ଶୁକ୍ଳା ଶିବିର ପରିଚାଳନା କରିଥିଲେ।

यूनियन बैंक ऑफ इंडिया Union Bank of India | आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ** (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୭.୦୬.୨୦୨୨ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ **ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଜଗତସିଂହପୁର ଶାଖା, ମୋ.: ୯୪୩୯୭୯୯୬୮୬** ଋଣଗ୍ରହୀତା: **ଶ୍ରୀ ସାରଦା ପ୍ରସାଦ ସାହୁ,** ପିତା: ନିରଞ୍ଜନ ସାହୁ, ମେସର୍ସ ନିଉ ଉମାଶଙ୍କର ଜୁଏଲର୍ସର ସତ୍ତ୍ୱାଧିକାରୀ, ସା:ମୁକୁନ୍ଦପୁର, ସିପି-୭୫୪୧୦୩, ଜାମିନ୍‌ଦାର: **ଶ୍ରୀ ମାନସ ରଞ୍ଜନ ସାହୁ,** ପିତା: ନିରଞ୍ଜନ ସାହୁ, ସା:ମୁକୁନ୍ଦପୁର, ସିପି, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡିଶା, ପିନ୍-୭୫୪୧୦୩/**ବକେୟା ରାଶି**:ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୯,୮୪,୨୭୪.୪୭ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ମାନସ ରଞ୍ଜନ ସାହୁ** ଏବଂ **ଶ୍ରୀ ସାରଦା ପ୍ରସାଦ ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୨୨୫୮, ଖାତା ନଂ.୭୦୯ (ଏ୦.୦୬ ଡିସିମିଲି), ମୁକୁନ୍ଦପୁର ମୌଜା ଏବଂ ଗ୍ରାମ ଜଗତସିଂହପୁର ତହସିଲି, ସମୁଦାୟ ଏରିଆ : ଏ୦.୦୬ ବା ୨୬୧୩ ବର୍ଗଫୁଟ, ମୁକୁନ୍ଦପୁର, ପୋ/ଥାନା: ଜଗତସିଂହପୁର, ମୁକୁନ୍ଦପୁର ସିପି ଛକ ନିକଟ, ଜଗତସିଂହପୁର, ଓଡିଶା-୭୫୪୧୦୩। | ଟ.୧୮,୩୫,୦୦୦/- / ଟ.୧,୮୩,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 600101980050000 IFSC Code: UBIN0560014 |
| ୨. | **କଟକ ବକ୍ସିବଜାର ଶାଖା, ମୋ.: ୮୯୦୪୪୭୨୦୫୧** (୧)ଶ୍ରୀ ପ୍ରଦୀପ ଚନ୍ଦ୍ର ମହାରଣା, (୨)ଶ୍ରୀମତୀ **ଲକ୍ଷ୍ମୀପ୍ରିୟା ମହାରଣା,** ଠିକଣା:ସା- ଶାନ୍ତି ବିହାର, କନିକା ରୋଡ, ତୁଳସୀପୁର, କଟକ, ଜିଲ୍ଲା:କଟକ, ଓଡିଶା-୭୫୩୦୦୮ / **ବକେୟା ରାଶି:** ତା.୦୬.୦୪.୨୦୨୨ରିଖ ସୁଦ୍ଧା**ଟ.୧୫,୫୭,୧୯୧.୧୭** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାରଣା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା:ନୂଆପଡା, କଟକ ତହସିଲି ନଂ.୨୪୬, ଥାନା:କଟକ ସଦର, ଜିଲ୍ଲା:କଟକ,ଆରଓଆର ଖତିୟାନ ନଂ.୬୧୪/୨୬୧୬, ପ୍ଲଟ ନଂ.୨୫୩୨/୬୦୯୧, ଏରିଆ: ଏ୦.୦୩୬ ଡିସିମିଲି, ପ୍ଲଟ ନଂ.୨୫୩୧/୬୦୯୨, ଏରିଆ: ଏ୦.୦୫୬ ଡିସିମିଲି, କିସମ:ଘରବାରୀ, ୨ଟି ପ୍ଲଟର ସମୁଦାୟ ଏରିଆ: ଏ୦.୦୯୨ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ୧୦ ଓ ୧୧, ଦକ୍ଷିଣ- ରାସ୍ତା, ପୂର୍ବ- ସବ୍ ପ୍ଲଟ ନଂ.୨୯, ପଶ୍ଚିମ- ରାସ୍ତା। | ଟ.୬୯,୭୮,୦୦୦/- / ଟ.୬,୯୭,୮୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 008711980050000 IFSC Code: UBIN0800872 |
| ୩. | **ସିଡିଏ ବିଡାନାସୀ ଶାଖା, ମୋ.:୯୯୧୮୩୦୧୪୩୩** ଋଣଗ୍ରହୀତାମାନେ:(୧)ମେସର୍ସ ଭି ପି ପଲିମର, ସତ୍ତ୍ୱାଧିକାରୀ: ଶ୍ରୀମତୀ ରେଖା ଭାଓଶିଙ୍କା, (୨) ଶ୍ରୀମତୀ ରେଖା ଭାଓଶିଙ୍କା, ସ୍ୱା:ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା, ଜାମିନ୍‌ଦାରମାନେ: (୧)୰ଦ୍ୱାରିକା ପ୍ରସାଦ ଭାଓଶିଙ୍କାଙ୍କ ଆଇନଗତ ଉତ୍ତରାଧିକାରୀମାନେ: (କ)ଶ୍ରୀମତୀ ଉମା ମୋଦି, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ନରେନ୍ଦ୍ର କିଶୋର ମୋଦି, ଏସ୍‌ଏଚ୍‌କେ ପ୍ରସାଦ ମଠ ରେସିଡେନ୍ସି, ଫ୍ଲାଟ ନଂ.୪୦୧, ୫୦-୫୦-୩୫/୨, ବି ଏସ୍ ଲେଆଉଟ୍, ବିଶାଖାପାଟନମ୍-୫୩୦୦୧୩, **(ଖ) ଶ୍ରୀମତୀ ପାର୍ବତୀ ଅଗରୱାଲ,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ଠିକଣା: ପୁରୁଣା ପୋଷ୍ଟ ଅଫିସ୍ ରୋଡ, କରଞ୍ଜିଆ, ଜିଲ୍ଲା: ମୟୁରଭଞ୍ଜ, **(ଗ) ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (ପୁତ୍ର), ଠିକଣା: ମାଡାମଠ, କ୍ୟାଣ୍ଟନମେଣ୍ଟ ରୋଡ, ପୋ.: ବକ୍ସି ବଜାର, କଟକ-୭୫୩୦୦୧, **(ଘ) ଶ୍ରୀମତୀ ବିନୀତା ମୋଦି,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: କିଶାନ କୁମାର ମୋଦି, ସା: ନୟାସଡକ, ପୋ.: ଚାନ୍ଦିନୀ ଚୌକ, ଥାନା: ପୁରୀଘାଟ, ଜିଲ୍ଲା: କଟକ-୭୫୩୦୦୯, **(ଙ) ଶ୍ରୀମତୀ ଅନୀତା ସରଓଗି,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ରଞ୍ଜିତ କୁମାର ସରଓଗି, ଠିକଣା: ରାଞ୍ଚି ରୋଡ, ପୁରୁଲିଆ, ମ୍ୟୁନିସିପାଲିଟି ୱାର୍ଡ ନଂ.୩, ଟାକ୍ସି ଷ୍ଟାଣ୍ଡ, ପୁରୁଲିଆ, ପଶ୍ଚିମବଙ୍ଗ, ପିନ୍-୭୨୩୧୦୧ / **ବକେୟା ରାଶି:** ତା.୩୦.୦୪.୨୦୨୨ରିଖ ସୁଦ୍ଧା **ଟ.୨,୮୬,୫୧,୬୨୪.୩୧** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୩୮/୧୦, ପ୍ଲଟ ନଂ.୨୪, ଏରିଆ: ଏ୦.୧୫୨ ଡିସିମିଲି, ମୌଜା: କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ଜିଲ୍ଲା: କଟକ, ଓଡିଶା-୭୫୩୦୦୧, ସମ୍ପତ୍ତିର ଚାରିପାର୍ଶ୍ୱରେ : ଉତ୍ତର- ରାଧେଶ୍ୟାମ ଗୋଇଙ୍କା, ଦକ୍ଷିଣ- ସାଜନ ଭାଓଶିଙ୍କା, ପୂର୍ବ- ରାସ୍ତା, ପଶ୍ଚିମ- ରାଧେଶ୍ୟାମ ଗୋଇଙ୍କା। | ଟ.୬,୦୩,୪୫,୦୦୦/- / ଟ.୬୦,୩୪,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 588601980050000 IFSC Code: UBIN0558869 |
| ୪. | **କଟକ ଇସିବି ଶାଖା, ମୋ.:୭୦୦୮୪୨୨୩୭୭** (୧)ମେସର୍ସ ସାଇ ବାବା ଗ୍ଲାସ ହାଉସ୍, ସତ୍ତ୍ୱାଧିକାରୀ: **ଶ୍ରୀ ଜୟନ୍ତ ପ୍ରସାଦ,** ପିତା: ୰ପରମାନନ୍ଦ ପ୍ରସାଦ, ରାଣୀହାଟ, ରାଧାକୃଷ୍ଣ ମନ୍ଦିର ନିକଟ, ପୋ.: ବକ୍ସି ବଜାର, କଟକ-୭୫୩୦୦୧, **(୨)ସତ୍ତ୍ୱାଧିକାରୀ: ଶ୍ରୀ ଜୟନ୍ତ ପ୍ରସାଦ,** ପିତା: ୰ପରମାନନ୍ଦ ପ୍ରସାଦ, **(୩)ଶ୍ରୀମତୀ ଛାୟା ଦେବୀ,** ସ୍ୱା:୰ପରମାନନ୍ଦ ପ୍ରସାଦ,ଉଭୟଙ୍କ ଠିକଣା: ସା.-ଯୋବ୍ରା, ପରେଶ୍ୱର ସାହି, ପୋ.: କଲେଜ ଛକ, ଥାନା: ମାଲଗୋଦାମ, ଜିଲ୍ଲା:କଟକ, ଓଡିଶା-୭୫୩୦୦୩ / **ବକେୟା ରାଶି**: ତା.୩୦.୦୪.୨୦୨୨ରିଖ ସୁଦ୍ଧା **ଟ.୨୪,୬୧,୦୫୭.୪୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀମତୀ ଛାୟା ଦେବୀ,** ସ୍ୱା:୰ପରମାନନ୍ଦ ପ୍ରସାଦଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.୭୫୮/୨୧୮, ପ୍ଲଟ ନଂ.୨୯୭/୨୨୬୮, ଏରିଆ: ଏ୦.୦୨୪ ଡିସିମିଲି, ଗ୍ରାମ/ମୌଜା: କଟକ ଟାଉନ୍, ୟୁନିଟ୍ ନଂ.୨୪, କଲେଜ ଛକ, ଥାନା:ମାଲଗୋଦାମ, ଜିଲ୍ଲା:କଟକ, ରାଜ୍ୟ:ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ମୁନିସିପାଲିଟି ରାସ୍ତା, ଦକ୍ଷିଣ- ପଲେଶ୍ୱର ମହାଦେବ, ପୂର୍ବ- ରେଭିନ୍ୟୁ ପ୍ଲଟ ନଂ.୨୯୮, ପଶ୍ଚିମ- ଏହି ପ୍ଲଟର ଅଂଶ। | ଟ.୩୦,୦୦,୦୦୦/- / ଟ.୩,୦୦,୦୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 021121980050000 IFSC Code: UBIN0902110 |
| ୫. | **ଢେଙ୍କାନାଳ ଶାଖା, ମୋ.:୮୯୬୮୦୦୯୨୮୬** (୧)ମା ତାରିଣୀ ବର୍ତ୍ତନ ଭଣ୍ଡାର, ସତ୍ତ୍ୱାଧିକାରୀ: **ଶ୍ରୀ ବାବୁଲି ଦାସ,** (୨)**ଶ୍ରୀ ବାବୁଲି ଦାସ,** ପିତା: ୰ରଘୁନାଥ ଦାସ, (୩) **ଶ୍ରୀମତୀ ପ୍ରତୀମା ଦାସ,** ସ୍ୱା: ବାବୁଲି ଦାସ, (୪)**ଶ୍ରୀ ମନୋଜ୍ କୁମାର ଦାସ,** ପିତା: ବାବୁଲି ଦାସ, ସମସ୍ତଙ୍କ ଠିକଣା: କୁମ୍ଭାର ସାହି, କାଞ୍ଚନ ବଜାର, ଢେଙ୍କାନାଳ-୭୫୯୦୦୧, ଓଡିଶା / **ବକେୟା ରାଶି**: ଆକାଉଣ୍ଟ ନଂ.୧୨୮୮୧୩୧୦୦୦୦୨୧୯୩-ତା.୩୦.୦୪.୨୦୨୨ରିଖ ସୁଦ୍ଧା **ଟ.୨୧,୧୧,୦୫୬.୨୬** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ, ଆକାଉଣ୍ଟ ନଂ.୧୨୮୮୩୧୧୦୦୦୦୦୫୧୧-ତା.୩୦.୦୪.୨୦୨୨ରିଖ ସୁଦ୍ଧା **ଟ.୧୩,୯୯,୩୨୬.୬୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ, ଆକାଉଣ୍ଟ ନଂ.୧୨୮୮୩୦୧୦୦୦୨୪୦୩୪-ତା.୧୫.୧୧.୨୦୨୧ରିଖ ସୁଦ୍ଧା **ଟ.୩,୪୫,୧୨୯/-** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀ ବାବୁଲି ଦାସ,** ପିତା: ୰ରଘୁନାଥ ଦାସଙ୍କ (ଇନ୍ଦିପୁର, ଲୁଣି, ଢେଙ୍କାନାଳ-୭୫୯୦୨୫) ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୦୦୮(ଏରିଆ:ଏ୦.୦୦୫୬ଡିସିମିଲି), ପ୍ଲଟ ନଂ.୫୦୦୮/୬୧୪୭/୨୧୨୬୮ (ଏରିଆ:ଏ୦.୦୦୨୭ଡିସିମିଲି), ପ୍ଲଟ ନଂ.୫୦୦୮/୨୧୨୬୭ (ଏରିଆ: ଏ୦.୦୧୮୩ ଡିସିମିଲି), ପ୍ଲଟ ନଂ.୫୦୦୮/୬୧୪୭(ଏରିଆ:ଏ୦.୦୦୫୩ ଡିସିମିଲି), ଖାତା ନଂ.୩୪୭୦/୩୪୫୫, ମୌଜା: ଢେଙ୍କାନାଳ ଟାଉନ୍, ଏରିଆ: ଏ୦.୦୩୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଦୟାନିଧୀ ସେଣ, ଦକ୍ଷିଣ- ଭ୍ରମରବର ସାହୁ, ପୂର୍ବ- ରାସ୍ତା, ପଶ୍ଚିମ- ରାସ୍ତା। | ଟ.୬୬,୯୧,୦୦୦/- / ଟ.୬,୬୯,୧୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 197921980050000 IFSC Code: UBIN0919799 |

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୧୬.୦୬.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୭.୦୬.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ଇ-ନିଲାମ ଆରମ୍ଭ ପୂର୍ବରୁ**

**ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ**

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ: **https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in** ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: **ଶ୍ରୀ ଋଷିକାନ୍ତ ପ୍ରସାଦ, ମୋ.: ୯୬୬୯୯୮୭୨୦୮**

ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୫.୨୦୨୨** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

NIFTEM | MOFPI MINISTRY OF FOOD PROCESSING INDUSTRIES GOVERNMENT OF INDIA

**ଜାତୀୟ ଖାଦ୍ୟ ପ୍ରଯୁକ୍ତି ଉଦ୍ୟମିତା ଏବଂ ପରିଚାଳନା ଅନୁଷ୍ଠାନ, କୁଣ୍ଡଲି**

ଭାରତ ରାଜପତ୍ର ସିଜି-ଡିଏଲ୍-ଇ-୩୦୦୭୨୦୨୧-୨୨୮୬୧୪ ଅନୁଯାୟୀ ଜାତୀୟ ମହତ୍ତ୍ୱଧାରୀ ଅନୁଷ୍ଠାନ
ଇ-ମେଲ୍: admission@niftem.ac.in, ଫୋନ୍: ୦୧୩୦-୨୨୮-୧୧୦୧/୧୦୨୦,
ପ୍ଲଟ୍ ନଂ.୯୭, ସେକ୍ଟର-୫୬, ଏଚ୍ଏସ୍ଆଇଆଇଡିସି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, କୁଣ୍ଡଲି- ୧୩୧୦୨୮, ଜିଲ୍ଲା- ସୋନିପତ, ହରିୟାଣା

**ନାମଲେଖା ବିଜ୍ଞପ୍ତି ୨୦୨୨-୨୩**

**ଗୁରୁତ୍ୱପୂର୍ଣ୍ଣ ତାରିଖଗୁଡ଼ିକ**

| | |
|---|---|
| ଏମ୍.ଟେକ୍, ଏମ୍‌ବିଏ ଏବଂ ପିଏଚ୍.ଡି ପାଠ୍ୟକ୍ରମଗୁଡ଼ିକ ପାଇଁ ଅନ୍‌ଲାଇନ ଦରଖାସ୍ତ ଗ୍ରହଣ ଆରମ୍ଭ ହେବ | ୧୧।୦୫।୨୦୨୨ |
| ଅନ୍‌ଲାଇନ ଦରଖାସ୍ତ ଦାଖଲର ଶେଷ ତାରିଖ | ୧୧।୦୬।୨୦୨୨ |

କିପରି ଆବେଦନ କରିବେ: ଆବେଦନକାରୀମାନଙ୍କୁ ଅନ୍‌ଲାଇନ୍‌ରେ www.niftem.ac.inରେ ଆବେଦନ କରିବାକୁ ହେବ। ଅଣସଂରକ୍ଷିତ/ଓବିସି-ଏନ୍‌ସିଏଲ୍/ଇଡବ୍ଲ୍ୟୁଏସ୍/ଟିଏଫ୍‌ଡବ୍ଲ୍ୟୁ ବର୍ଗର ପ୍ରାର୍ଥୀମାନଙ୍କୁ ପ୍ରତ୍ୟେକ ଦରଖାସ୍ତ ଫର୍ମ ପାଇଁ ଟ.୧୦୦୦/-ର ଦେୟ ପୈଠ କରିବାକୁ ହେବ ଏବଂ ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି ବର୍ଗର ପ୍ରାର୍ଥୀମାନଙ୍କୁ ଟ.୫୦୦/- ପୈଠ କରିବାକୁ ହେବ। ବ୍ୟାଙ୍କ ଶୁଳ୍କ ପ୍ରାର୍ଥୀମାନଙ୍କ ଦ୍ୱାରା ବହନ କରାଯିବ। ଅଧିକ ବିବରଣୀ ଏବଂ ସମୟ ସମୟରେ କୌଣସି ଅପଡେଟ୍ ପାଇଁ ଆବେଦନକାରୀମାନେ ଏନ୍‌ଆଇଏଫ୍‌ଟିଇଏମ୍ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଏନ୍‌ଆଇଏଫ୍‌ଟିଇଏମ୍, କୁଣ୍ଡଲି ନିମ୍ନଲିଖିତ ଶିକ୍ଷାଗତ ପାଠ୍ୟକ୍ରମ ପ୍ରଦାନ କରୁଛି:-

- ବି.ଟେକ୍.: ଖାଦ୍ୟ ପ୍ରଯୁକ୍ତି ଏବଂ ପରିଚାଳନା (ଏଫ୍‌ଟିଏମ୍)ରେ ଚାରିବର୍ଷିଆ ନିୟମିତ ଡିଗ୍ରୀ କାର୍ଯ୍ୟକ୍ରମ।
- ଏମ୍.ଟେକ୍.: ପାଞ୍ଚଟି ସ୍ରୋତରେ ଦୁଇବର୍ଷିଆ ନିୟମିତ ଡିଗ୍ରୀ ପାଠ୍ୟକ୍ରମ,
  ୧. ଖାଦ୍ୟ ପ୍ରଯୁକ୍ତି ଏବଂ ପରିଚାଳନା (ଏଫ୍‌ଟିଏମ୍), ୨. ଖାଦ୍ୟ ପ୍ରକ୍ରିୟା ଯାନ୍ତ୍ରିକୀ ଏବଂ ପରିଚାଳନା (ଏଫ୍‌ପିଇଏମ୍), ୩. ଖାଦ୍ୟ ସୁରକ୍ଷା ଏବଂ ଗୁଣବତ୍ତା ପରିଚାଳନା (ଏଫ୍‌ଏସ୍‌କ୍ୟୁଏମ୍), ୪. ଖାଦ୍ୟ ଯୋଗାଣ ଶୃଙ୍ଖଳ ପରିଚାଳନା (ଏଫ୍‌ଏସ୍‌ସିଏମ୍) ଏବଂ ୫. ଖାଦ୍ୟ କାରଖାନା ସଂଚାଳନ ପରିଚାଳନା (ଏଫ୍‌ପିଓଏମ୍)।
- ଏମ୍‌ବିଏ: ଦୋହରା ବିଶେଷଜ୍ଞତା ସହିତ ଦୁଇବର୍ଷିଆ ନିୟମିତ ଡିଗ୍ରୀ ପାଠ୍ୟକ୍ରମ,
  (୧) ଖାଦ୍ୟ ଏବଂ କୃଷି ବ୍ୟବସାୟ ପରିଚାଳନା (ବାଧ୍ୟତାମୂଳକ) ଏବଂ (୨) ବିପଣନ/ଫାଇନାନ୍ସ/ଅନ୍ତର୍ଜାତୀୟ ବ୍ୟବସାୟ (ଯେକୌଣସି ଗୋଟିଏ ବଛାଯିବ)।
- ପିଏଚ୍.ଡି.: ପାଞ୍ଚଟି ସ୍ରୋତରେ ନିୟମିତ ଡିଗ୍ରୀ ପାଠ୍ୟକ୍ରମ,
  ୧. କୃଷି ଏବଂ ପରିବେଶ ବିଜ୍ଞାନ (ଏଇଏସ୍), ୨. ମୌଳିକ ଏବଂ ପ୍ରାୟୋଗିକ ବିଜ୍ଞାନ (ବିଏଏସ୍), ୩. ଖାଦ୍ୟ ଯାନ୍ତ୍ରିକୀ (ଏଫ୍‌ଇ), ୪. ଖାଦ୍ୟ ବ୍ୟବସାୟ ପରିଚାଳନା ଏବଂ ଉଦ୍ୟମିତା ବିକାଶ (ଏଫ୍‌ବିଏମ୍ ଆଣ୍ଡ ଇଡି) ଏବଂ ୫. ଖାଦ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି (ଏଫ୍‌ଏସ୍‌ଟି)।

ଅଧିକ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.niftem.ac.in/niftem.ac.in/newsite/page_id=1494

ନିବନ୍ଧକ

यूनियन बैंक ऑफ इंडिया Union Bank of India | आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜଗତସିଂହପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା **୧୩(୪)** ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜଗତସିଂହପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତସିଂହପୁର ଶାଖା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ:(୧)ଶ୍ରୀ ବିମାଧର ସ୍ୱାଇଁ, ମେସର୍ସ ଲକ୍ଷ୍ମୀପ୍ରିୟା ଫାର୍ମାସ୍ୟୁଟିକାଲ୍ସର ସତ୍ତ୍ୱାଧିକାରୀ, (୨)ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସ୍ୱା: ଶ୍ରୀ ବିମାଧର ସ୍ୱାଇଁ, ଠିକଣା: ସା-ଜୟବାଡା, ପୋ/ଥାନା/ଜିଲ୍ଲା: ଜଗତସିଂହପୁର। | ତା.୦୭.୦୨.୨୦୨୨ସୁଦ୍ଧା ଟ.୩୦,୭୧,୦୦୦/- + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୨ / ୧୨.୦୫.୨୦୨୨ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୮୮/୬୯୭, ଖାତା ନଂ.୨୮୦, ମୌଜା: ଜୟବାଡା, ଥାନା: ଜଗତସିଂହପୁର, ନଂ.୨୨୮, ଜିଲ୍ଲା: ଜଗତସିଂହପୁର। |
| ଋଣଗ୍ରହୀତା: ଶ୍ରୀ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ପିତା: ୰ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ଆଚାର୍ଯ୍ୟ ନନ୍ ଓଭେନ୍ ଫେବ୍ରିକର ସତ୍ତ୍ୱାଧିକାରୀ, ଠିକଣା: ପାଇକଣ, କାଳିଆବୋରା, ଜଗତସିଂହପୁର-୭୫୪୧୦୩। | ତା.୦୭.୦୨.୨୦୨୨ ସୁଦ୍ଧା ଟ.୧୭,୮୮,୦୦୦/- + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୨ / ୧୨.୦୫.୨୦୨୨ | ଗୃହପୋଯୋଗି ଜମି ଯାହାର ଖାତା ନଂ.୩୬୩/୨୮୦, ପ୍ଲଟ ନଂ.୪୫, ମୌଜା: ପାଇକଣ, ଏରିଆ: ଏ୦.୧୨ ଡିସିମିଲି, ଗ୍ରାମ: ପାଇକଣ କାଳିଆବୋରା, ପୋ.: ଓଡିଶୋ, ଥାନା/ଜିଲ୍ଲା: ଜଗତସିଂହପୁର। |
| ଋଣଗ୍ରହୀତା: ଶ୍ରୀ କ୍ଷିରୋଦ ସେଠୀ, (ମେସର୍ସ ସ୍ୱସ୍ତିକ ର ସତ୍ତ୍ୱାଧିକାରୀ), ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପଲତା ସେଠୀ, ଉଭୟଙ୍କ ଠିକଣା: ସା- ବଗସାହି, ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର। | ତା.୦୯.୦୫.୨୦୨୨ ସୁଦ୍ଧା ଟ.୬,୯୭,୭୨୨.୫୬ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୫.୧୦.୨୦୧୯ / ୧୨.୦୫.୨୦୨୨ | କ୍ଷିରୋଦ କୁମାର ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୮୭/୪୯୩୧ ଏବଂ ୮୮/୪୯୩୨, ଖାତା ନଂ.୨୭୫/୧୮, ମୌଜା: ମକୁନ୍ଦପୁର, ସିପି ସ୍କୋୟାର, ଜଗତସିଂହପୁର। |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୫.୨୦୨୨** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର,(ବ୍ୟୁରୋ):ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗ ବ୍ୟବସ୍ଥିତ ସାହିତ୍ୟ ସମୀକ୍ଷା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶ୍ୟାମାଚରଣ ଆଚାର୍ଯ୍ୟ, ଅଧାପକ ଜ୍ଞାନରଞ୍ଜନ ବଳ, ଅଲେଖ ମହେର, କ୍ଷୀରୋଦ ଚନ୍ଦ୍ର ମହାରଣା, ଗୋପାଳ ଭୁଏ, ପୂଜାବାଇ କେୱଟ, ହେମନ୍ତ ମୁର୍ମୁ, ସତ୍ୟରଞ୍ଜନ ଗାରୁ ଆଲୋଚନାରେ ଭାଗ ନେଇଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିଦ୍ଧାର୍ଥ ମିଶ୍ର, ଆଶୁତୋଷ ବିଶ୍ୱାଳ, ଶ୍ରୀୟା ଭଟ୍ଟାଚାର୍ଯ୍ୟ, ରୋସନ ବଡପଣ୍ଡା, ମନିଷା ସାହୁ ଓ ଶାସିତ ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲା ଛାତ୍ର ବିଜେଡି ବୈଠକ, ପାନ୍ଥ ନିବାସ ସଭାକକ୍ଷ, ପୂର୍ବାହ୍ନ ୧୦ଟା।
- ମାଗଣା ଭୋଜନ କାର୍ଯ୍ୟକ୍ରମ ଶୁଭାରମ୍ଭ, ବୁର୍ଲା ଭିମ୍‌ସାର ରୋଗୀ ପରିଜନ ଆଶ୍ରୟ ସ୍ଥଳୀ, ପୂର୍ବାହ୍ନ ୧୧ଟା।
- ନାଟ୍ୟ ଉତ୍ସବ-୨୦୨୨, ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।
- ବିକାଶ ବିନାୟକ ହସ୍ପିଟାଲ ଉଦ୍‌ଘାଟନ ଉତ୍ସବ, ବୁର୍ଲା ଜଗନ୍ନାଥ ମନ୍ଦିର ଛକ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ନାକଟିଦେଉଳ,୧୪।୫(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ନିକଟ ରାସ୍ତାରେ ଏକ ଟାଟା ଏସି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯୁଯୁମୁରା ଥାନା ପଦାପାଣି ଗ୍ରାମର ରାସ୍ତବ ଗୁଗୁରିଆ(୪୬)। ରାସ୍ତବ କିସିଣ୍ଡା ଥାନା ଖନ୍ଦିବାହାଲ ଗ୍ରାମର ଶ୍ୱଶୁର ଘରେ ଏକବର୍ଷ ହେବ ରହି ଆସୁଥିଲେ। ଶୁକ୍ରବାର ସେ ଭଉଣୀ ଘରକୁ ବୁଲି ଆସି ସନ୍ଧ୍ୟାରେ ସାଇକେଲରେ ଖନ୍ଦିବାହାଲ ଗ୍ରାମକୁ ଫେରୁଥିବାବେଳେ ଏକ ଟାଟା ଏସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରାସ୍ତବ ସାଇକେଲରୁ ପଡି ଗୁରୁତର ହୋଇଥିଲେ। କିସିଣ୍ଡା ପୋଲିସ ତାଙ୍କୁ ଉଦ୍ଧାର କରି ରେଢାଖୋଲ ଡ଼ାକ୍ତରଖାନାକୁ ନେଇଥିଲେ ମଧ ସେଠାରେ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଓଡ଼ି୧୫ୟୁ-୦୪୫୭ନଂ. ଟାଟା ଏସି ଜବତ କରି ତଦନ୍ତ ଚଳାଇଛି।

### ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରରେ ତାଲିମ କାର୍ଯ୍ୟକ୍ରମ

**ନାକଟିଦେଉଳ,୧୪।୫(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟର ପକ୍ଷରୁ ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟଠାରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ଚାଲୁ ରହିବାକୁ ଥିବାବେଳେ ଏ ସମ୍ପର୍କରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷଣ ସ୍ତର ବୃଦ୍ଧି ନିମନ୍ତେ ଗିରିଶ୍ଚନ୍ଦ୍ରପୁର ସିଆର୍‌ସିସି ଲୋକନାଥ ସାମଲଙ୍କ ସଂଯୋଜନାରେ ଏହି ତାଲିମ ଶିବିର ଆୟୋଜିତ ହୋଇଥିଲା। ବାଟଗାଁ କ୍ଲଷ୍ଟର ସିଆର୍‌ସିସି ହରିଶ୍ଚନ୍ଦ୍ର ଦେହୁରି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ୨୦ ବିଦ୍ୟାଳୟର ୩୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

### ରାସ୍ତାପାର୍ଶ୍ୱ ଗଛରେ ପିଟିହେଲା କାର୍

**ଜମନକିରା,୧୪।୫(ଡି.ଏନ.ଏ.):** ଜମନକିରା ଥାନା ଭୋଜପୁର-କୁଚିଣ୍ଡା ରାସ୍ତା ଫୁଲକୁସମ ବୁଲାଣିରେ ଏକ କାର୍ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱ ଗଛରେ ପିଟିହେବା ଫଳରେ ଗାଡ଼ିର ସମ୍ମୁଖ ଭାଗ ଚୁର୍‌ମାର ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଜମନକିରାର ନାରାୟଣ ପ୍ରଧାନ (୫୮) ନିଜ କାର୍ (ଓଡ଼ି୧୫ଆର୍-୮୪୪୭) ଯୋଗେ କୌଣସି କାର୍ଯ୍ୟରେ କୁଚିଣ୍ଡା ଯାଇ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏଥିରେ ନାରାୟଣଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାଯାଇଛି।

### ରୋଶନି କର୍ମଶାଳା ଉଦ୍‌ଘାଟିତ

**ରାଉରକେଲା ଅଫିସ,୧୪।୫:** ଆରଏସ୍‌ପିର ଏଚ୍‌ଆରଡି କକ୍ଷରେ ଶନିବାର ରୋଶନି କର୍ମଶାଳା ଉଦ୍‌ଘାଟିତ ହୋଇଛି। ଏହି କର୍ମଶାଳାରେ କାର୍ମିକ ବିଭାଗର ମହାପ୍ରବନ୍ଧକ ଡକ୍ଟର ପି. କେ. ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମେ' ମାସରେ ଅବସର ନେଇଥିବା ୬୫ ଜଣ କର୍ମଚାରୀ ଓ ଅଧିକାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରରୂପେ କିପରି ପରିଚାଳନା କରିହେବ ସେ ନେଇ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଫାଇନାଲ ସେଟେଲମେଣ୍ଟ ପ୍ରାପ୍ୟ, ବିତ୍ତୀୟ ସୁରକ୍ଷା ଯୋଜନା, ସେଲ୍ ମେଡିକ୍ଲେମ୍ ଯୋଜନା, ଉତ୍ତମ ସ୍ୱାସ୍ଥ୍ୟ, ସୁସ୍ଥତା ବଜାଇ ରଖିବା ଭଳି ପ୍ରସଙ୍ଗରେ ବରିଷ୍ଠ ଅଧିକାରୀମାନେ ଅବଗତ କରାଇଥିଲେ। ସିଣ୍ଟରିଙ୍ଗ ପ୍ଲାଣ୍ଟ-୨ ବିଭାଗର ଡିଜିଏମ୍ ଭି.ଏସ ସହୋଟା, ବିତ୍ତ ଓ ଲେଖା ବିଭାଗର ଏଜିଏମ୍ ପି. କୁମାର , ସିନିୟର ମ୍ୟାନେଜର ଏନ୍.ସି ଦାସ, ସି ଆଣ୍ଡ ଆଇଟି ବିଭାଗର ଏଜିଏମ ଭି.ପି ଆଚାର୍ଯ୍ୟ, କାର୍ମିକ ବିଭାଗର ମ୍ୟାନେଜର ରାଜୀବ ମୁଖାର୍ଜୀ, ସହରସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏ.କେ ସାହୁ ପ୍ରମୁଖ ତଥ୍ୟ ପ୍ରଦାନ କରିଥିଲେ। ଶ୍ରମ ନିରୀକ୍ଷକ କେ. ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ କାମ ତ୍ୱରାନ୍ୱିତ କରିବାକୁ ତାଗିଦ

## ମୁଖ୍ୟଶାସନ ସଚିବଙ୍କ ସମଲେଇ ଯୋଜନା ସମୀକ୍ଷା

**ସମ୍ବଲପୁର,୧୪।୫(ବ୍ୟୁରୋ)**



ବୁର୍ଲା ଅଶୋକ ନିବାସରେ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ସମ୍ବଲପୁର ଜିଲା ଗସ୍ତରେ ଆସି ସମଲେଇଙ୍କୁ ଦର୍ଶନ କରିବା ସହ ସମଲେଇ ଯୋଜାନର ସମୀକ୍ଷା କରିଥିଲେ। ଏହି ଯୋଜନା କାମ ତ୍ୱରାନ୍ୱିତ କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କହିଥିଲେ। କେତେ ପରିମାଣ ଜମି ଅଧିଗ୍ରହଣ କରାଯାଇଛି ଓ କାମର ଅଗ୍ରଗତିକୁ ନେଇ ପଚାରି ବୁଝିଥିଲେ। ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା ରାସ୍ତା ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍‌ପି ବାତୁଲା ଗଙ୍ଗାଧର, ଉପଜିଲାପାଳ ମୟୁର ସୂର୍ଯ୍ୟବଂଶୀ ବିକାଶ ଉପସ୍ଥିତ ଥିଲେ। ପୂର୍ବରୁ ବୁର୍ଲା ଆଶୋକ ନିବାସରେ ଜିଲା ପ୍ରଶାସନର ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ ଯୋଗଦେଇ ଉନ୍ନୟନମୂଳକ କାମ ଉପରେ ସମୀକ୍ଷା କରିଥିଲେ। ସମ୍ବଲପୁର-ଅନୁଗୋଳ, ଅନୁଗୋଳ-କଟକ ଜାତୀୟ ରାଜପଥ, ଜଳ ସମ୍ପଦ ବିଭାଗର ଉଠାଜଳସେଚନ ପ୍ରକଳ୍ପ, ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା ପ୍ରକଳ୍ପର ସମୀକ୍ଷା କରିବା ସହ ରାସ୍ତା ନିର୍ମାଣ ଶୀଘ୍ର ସାରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବିଭିନ୍ନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ସମୟସୀମା ଧାର୍ଯ୍ୟ କରିବା ଓ ବାରମ୍ବାର ସମୀକ୍ଷା କରିବାକୁ ଅଧିକାରୀମାନଙ୍କୁ କହିଥିଲେ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ

**ସମ୍ବଲପୁର,୧୪।୫(ବ୍ୟୁରୋ)**

- ୨୮୪ ମାମଲା ଫଇସଲା
- ୧କୋଟି ୯୮ଲକ୍ଷ ୫୪ହଜାର ୨୯୬ ଟଙ୍କା ଦେବାକୁ ନିର୍ଦ୍ଦେଶ

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ସମ୍ବଲପୁର ଜିଲା ସଦର ମହକୁମାସ୍ଥିତ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୮୪ ଫୌଜଦାରି, ୪୪ ଏନ୍‌ଆଇ ଆକ୍ଟ, ୩୦ ବ୍ୟାଙ୍କ ଋଣ ଜନିତ ମାମଲା, ୫ ପାରିବାରିକ, ୨ଟି ଜମିଜମା ମାମଲା ସମେତ ବିଭିନ୍ନ ବ୍ୟାଙ୍କ କେସ୍‌ର ଫଇସଲା କରାଯାଇଛି । ମୋଟ ୨୮୪ ମାମଲାର ଫଇସଲା ହୋଇ ସମୁଦାୟ ୧କୋଟି ୯୮ଲକ୍ଷ ୫୪ହଜାର ୨୯୬ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲା ଦୌରାଜଜ୍ ମାନସ ରଞ୍ଜନ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ଜଜ୍ ବଦ୍ରିନାରାୟଣ ନନ୍ଦ ଓ ପ୍ରଥମ ଅତିରିକ୍ତ ଜଜ୍ ତନ୍ମୟ କୁମାର ମହାନ୍ତି କେସଗୁଡିକ ପରିଚାଳନା କରିଥିଲେ। ଏସ୍‌ଡିଜେଏମ୍ ବିଶ୍ୱଦିପକ ସାହୁଙ୍କ ସମେତ ସମ୍ବଲପୁରର ଅନ୍ୟ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚରପତିମାନେ ଫୌଜଦାରୀ ମାମଲା ପରିଚାଳନା କରିଥିଲେ। କୁଚିଣ୍ଡାଠାରେ ଅତିରିକ୍ତ ଜିଲାଜଜ୍ ସୌଭାଗୀନି ମଲ୍ଲିକ ଓ ରେଢ଼ାଖୋଲାଠାରେ ସିଭିଲ ଜଜ୍ ବେଦ ପ୍ରକାଶଙ୍କ ଅଧ୍ୟକ୍ଷତାରେ ତାଲୁକ ସ୍ତରୀୟ ଲୋକ ଅଦାଲତ ହୋଇଥିଲା। ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିଲେ । ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଦୁର୍ଗାଶଙ୍କର ମିଶ୍ର ୧୭ଟି ମାମଲା ସମାଧାନ କରିଥିଲେ ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି



ଜଣଙ୍କ ଘରର ଆଜବେଷ୍ଟସ୍ ଉଡିଯାଇଛି, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିଛି।

**ନାକଟିଦେଉଳ,୧୪।୫(ଡ଼ି.ଏନ.ଏ.):**

ନାକଟିଦେଉଳ ବ୍ଲକ ଗୋଗୁଆ ପଞ୍ଚାୟତ ଖୋଲଗଡ଼ ଗ୍ରାମରେ ଶୁକ୍ରବାର ରାତ୍ରିରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାତ୍ରି ପ୍ରାୟ ସାଢେ ୧୦ଟାରେ ଅଧଘଣ୍ଟା ଧରି ଜୋର ବର୍ଷାପବନ ହୋଇଥିଲା। ଏଥିରେ ଗ୍ରାମର ଅନିରୁଦ୍ଧ ବେହେରା ଓ ସାରଥୀ ମହାପାତ୍ରଙ୍କ ଘରର ଟାଇଲ ଛପର ଏବଂ ଶମ୍ଭୁ ରାଉତ, ନୀଳାଦ୍ରି ସେଠୀ, ଗିରିଧାରୀ ବେହେରା, ନରହରି ସେଠୀ, ଜନ୍ଦା ବେହେରାଙ୍କ ଘରର ଆଜବେଷ୍ଟସ୍ ଉଡ଼ିଯାଇଛି। ଗ୍ରାମର ଶୈବପୀଠ ପରିସରରେ ଥିବା ଆମ୍ବ, ନଡ଼ିଆ ଗଛ ଭାଙ୍ଗିଯିବା ସହ ବିଦ୍ୟୁତ୍ ଖୁଣ୍ଟ ତଳେ ଲୋଟି ପଡ଼ିଛି। ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତଳେ ପଡ଼ିଥିବାରୁ ଶୁକ୍ରବାର ରାତ୍ରିରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏ ନେଇ ଗୋଗୁଆ ପଞ୍ଚାୟତର ସରପଞ୍ଚ ଧନେଶ୍ୱର ସାହୁ ନାକଟିଦେଉଳ ବିଡ଼ିଓ ଓ ତହସିଲଦାରଙ୍କୁ ଅବଗତ କରାଇ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ରାଶି ଯୋଗାଇଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ଗ୍ରୀଷ୍ମପ୍ରବାହ ଲାଗିରହିଥିବାରୁ ଶୀଘ୍ର ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନ୍ୟାୟ ପ୍ରଦାନରେ ନ୍ୟାୟପାଳିକାର ଭୂମିକା ଶୀର୍ଷକ ବକ୍ତୃତା

**ସମ୍ବଲପୁର,୧୪।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ କରନ ଜେଠୀ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଓକିଲସଂଘ ଗ୍ରନ୍ଥାଗାର କକ୍ଷଠାରେ ନ୍ୟାୟ ପ୍ରଦାନରେ ନ୍ୟାୟପାଳିକା ଭୂମିକା ଉପରେ ପ୍ରତିଯୋଗିତା ହୋଇଥିଲା। ଲଜପତ ରାୟ ଆଇନ କଲେଜ ଛାତ୍ର ନିଲୁ ଶର୍ମା ପ୍ରଥମ, ଆଇନଜୀବୀ ସିଦ୍ଧିରୂପା ବେହେରା ଦ୍ୱିତୀୟ, ଛାତ୍ରୀ ଚାନ୍ଦନୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସଂଘ କାର୍ଯ୍ୟକାରିଣୀ ସଭ୍ୟ ଭଗତ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ବସନ୍ତ କୁମାର ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ।

# ୧୪ କେଜି ଗଞ୍ଜେଇ ଜବତ, ୨ ଗିରଫ



ଆର୍‌ପିଏଫ୍ ସହ ଗିରଫ ଅଭିଯୁକ୍ତମାନେ ।

**ସମ୍ବଲପୁର,୧୪।୫(ବ୍ୟୁରୋ)**

ସମ୍ବଲପୁର ଆର୍‌ପିଏଫ୍ ଟିମ୍ ଷ୍ଟେଶନରେ ଚୋରା ଚାଲାଣ ସମୟରେ ୧୪ କେଜି ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋନପୁର ଜିଲା ସୁବଳୟା ସେରଗଡର କୁମ୍ଭ ପେରା ଓ ଅନୁପଧର ପେରା। ଏ ନେଇ ଆର୍‌ପିଏଫ୍ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ ଆର୍‌ପିଏଫ୍ ଓ ଡଗ୍‌ସ୍କାଡ୍ ଷ୍ଟେଶନରେ ଯାଞ୍ଚ କରୁଥିବା ସମୟରେ ଅଭିଯୁକ୍ତଦ୍ୱୟ ଦୁଇଟି ବ୍ୟାଗରେ ୭ କେଜି ଲେଖାଏ ଗଞ୍ଜେଇ ଭର୍ତ୍ତିକରି ନେଉଥିବା ବେଳେ ଧରାପଡିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଚଢାଉରେ ଏମ୍ ଯାଦବ, ବିବେକ କୁମାର, ବି. ତଉଡିଆ, ଡି କୁମାର ପ୍ରମୁଖ ସାମିଲ ଥିଲେ ।

# '୨ୟ ବ୍ରାହ୍ମଣୀ ସେତୁ ଯାତାୟାତ ଉପଯୋଗୀ କର'

**ରାଉରକେଲା ଅଫିସ,୧୪।୫**



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭିନ୍ନ ପ୍ରକଳ୍ପର ମ୍ୟାପ୍ ଦେଖୁଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ତାଙ୍କ ରାଉରକେଲା ଗସ୍ତର ଦ୍ୱିତୀୟ ଦିବସରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମୀକ୍ଷା କରିଥିଲେ। ପୂର୍ବାହ୍ନରେ ସେ ବିପିୟୁଟି କ୍ୟାମ୍ପସରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ କାର୍ଯ୍ୟ ବୁଲି ଦେଖିବା ସହ ବ୍ରାହ୍ମଣୀ ନଦୀ ଉପରେ ଚାଲିଥିବା ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ବ୍ରାହ୍ମଣୀ ନଦୀ ଉପରେ ଯେଉଁ ଦ୍ୱିତୀୟ ସେତୁ ନିର୍ମାଣ ଚାଲିଛି ତାହା ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜନସାଧାରଣଙ୍କ ସୁବିଧା ପାଇଁ ଏହି ସେତୁର ଗୋଟିଏ ପାର୍ଶ୍ୱକୁ ଚଳିତ ମାସ ଶେଷ ସୁଦ୍ଧା ଯାତାୟାତ ଉପଯୋଗୀ କରାଯିବ। ଜୁନ୍ ମାସ ଶେଷ ସୁଦ୍ଧା ଏହି ସେତୁକୁ ୬ ଲେନ ବିଶିଷ୍ଟ କରି ପୂର୍ଣ୍ଣାଙ୍ଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ମହାପାତ୍ର ଆହୁରି କହିଥିଲେ ଯେ, ଏହି ସେତୁ ସମ୍ପୂର୍ଣ୍ଣ ହେବା ପରେ ରାଉରକେଲା ସହରରେ ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ। ଭାରିଯାନଗୁଡିକ ସହର ଭିତରକୁ ନ ଆସି ବାଇପାସ୍ ରାସ୍ତା ଦେଇ ଯାତାୟାତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ଫଳରେ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରିବ।

ସୂଚନାଯୋଗ୍ୟ, ୨୦୨୩ରେ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ରାଉରକେଲା ସହରରେ ବିଭିନ୍ନ ଉନ୍ନୟନମୂଳକ କାମ ସହିତ ସୌନ୍ଦର୍ଯ୍ୟକରଣ କରାଯାଉଛି। ମୁଖ୍ୟ ଶାସନ ସଚିବ ମହାପାତ୍ର ଏହିସବୁ କାର୍ଯ୍ୟ ବୁଲି ଦେଖିଥିଲେ। ମୁଖ୍ୟତଃ ସେ କୋଏଲନଗର ସ୍ଥିତ ବୈକୁଣ୍ଠ ଘାଟ ନିକଟରେ ନିର୍ମାଣାଧୀନ ରିକ୍ରେଶନାଲ ପାର୍କ, ଟ୍ରାଫିକ୍ ଗେଟ ନିକଟରେ ଚାଲିଥିବା ପାର୍କିଂ ସ୍ଥଳ ଓ ପାନପୋଷଠାରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ରାଉରକେଲା ଗସ୍ତ ସାରି ମୁଖ୍ୟ ଶାସନ ସଚିବ ସୁନ୍ଦରଗଡ଼ ଜିଲାର କୋଇଡ଼ା ଏବଂ ଲହୁଣୀପଡ଼ା ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ। ସେ କୋଇଡ଼ା ବ୍ଲକର ଟେନ୍‌ସା ହିଲ୍ ଟପ୍ ନେଚର କ୍ୟାମ୍ପକୁ ଯାଇ ସେଠାରେ ପର୍ଯ୍ୟଟକମାନଙ୍କୁ ଆତିଥ୍ୟ ପ୍ରଦାନ ପାଇଁ କାର୍ଯ୍ୟରତ ସ୍ଥାନୀୟ ବନ ସୁରକ୍ଷା ସମିତି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏହାସହ ନେଚର କ୍ୟାମ୍ପ ପାଇଁ ସ୍ଥାପିତ ବିଭିନ୍ନ କଟେଜର ରକ୍ଷଣାବେକ୍ଷଣ କାମର ତନଖି କରିଥିଲେ। ପର୍ଯ୍ୟଟକମାନଙ୍କ ନିମନ୍ତେ ଏହି ପର୍ଯ୍ୟଟନସ୍ଥଳୀକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ସରକାର ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ। ସେହିପରି ଲହୁଣୀପଡ଼ା ବ୍ଲକର ଲଲେଇ ସ୍ଥିତ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଗସ୍ତ କରି ସେ ଏହାର କାର୍ଯ୍ୟକରିତାର ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ବେଳେ ମୁଖ୍ୟ ଶାସନ ସଚିବଙ୍କ ସହିତ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ବଣାଇଁ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲଲାଟ କୁମାର ଲୁହା, ଦେବଗଡ଼ ଡିଏଫ୍‌ଓ ଧନାଜୀ ଆର୍ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବେଦାନ୍ତ କମ୍ପାନୀ ସିଇଓ ସୁନୀଲ ଗୁପ୍ତା ପୂଜାର୍ଚ୍ଚନା କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୧୪।୫**

ଝାରସୁଗୁଡ଼ା ବ୍ଲକ୍ କାଲିକେଲା ଗ୍ରାମରେ ଶନିବାର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ଆଲୁମିନା କମ୍ପାନୀ ଓ କାତିକେଲା ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ମନ୍ଦିର ନିର୍ମାଣ ହୋଇପାରିଛି। ଗତ ମଙ୍ଗଳବାରୁ ୫ଦିନ ଧରି ଉତ୍ସବ ହୋଇଥିଲା। ମଙ୍ଗଳବାର ମନ୍ଦିର ରତ୍ନମୁଦ, ବୁଧବାର ମଣ୍ଡଳକରଣ, ଗୁରୁବାର କଳସଯାତ୍ରା, ଶୁକ୍ରବାର ସୂର୍ଯ୍ୟପୂଜା, ଶନିବାର ଦେବତାଙ୍କ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଅନ୍ତିମ ଦିବସରେ ବେଦାନ୍ତ ଆଲୁମିନାର ସିଇଓ ସୁନିଲ ଗୁପ୍ତା ଓ ଅଧିକାରୀମାନେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ପୁରୀର ପଣ୍ଡିତ ପ୍ରମୋଦ କୁମାର ଷଡଙ୍ଗୀ, ପଣ୍ଡିତ ଦୁର୍ଗାମାଧବ ମିଶ୍ର, ପଣ୍ଡିତ ଦ୍ୱାରିକାନାଥ ମିଶ୍ର, ପଣ୍ଡିତ ଜଗତଜ୍ୟୋତି ରଥ ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଧିରେନ ପାଢୀ ସ୍ତ୍ରୀ କାଞ୍ଚନ ପାଢୀ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ଆଶିଷ ଭିକ୍ଷା କରିଥିଲେ।

# ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ

**କୁଚିଣ୍ଡା, ୧୪।୫(ଡି.ଏନ.ଏ.)**

ଓଡ଼ିଆ ସାହିତ୍ୟ ଜଗତର ବହୁ ଚର୍ଚ୍ଚିତ କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର କୁଚିଣ୍ଡା ଆଦିବାସୀ ଭବନରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଦିବାସୀ ସାଂସ୍କୃତିକ ପରିଷଦର ରମେଶ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇ କବିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅତିଥି ଭାବେ ଯୋଗଦେଇଥିବା ସାମାଜିକ କର୍ମୀ କିଶୋର କୁମାର ଥାପା, ରୁଦ୍ର ପ୍ରତାପ ବାଘ ସଚ୍ଚିଦାନନ୍ଦଙ୍କ କବିତା ମାଧ୍ୟମରେ ଗ୍ରାମାଞ୍ଚଳର ବାସ୍ତବ ଚିତ୍ର ମନେ ପଡେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜନୀ ପଟେଲ, ଫୁଲତୋଳା କିଷାନ, ରୁଦ୍ର ବାଘ, ବିଦ୍ୟାବତୀ ପ୍ରଧାନ, ଲକ୍ଷ୍ମୀ କିଷାନ, ଗୋମତୀ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପଙ୍କଜିନୀ ନାୟକ ଧନ୍ୟବାଦ ଦେଇଥିଲେ।

## ଏନ୍‌ଏସ୍‌ସିବି କଲେଜରେ କ୍ୟାରିୟର କାଉନସେଲିଂ

**ସମ୍ବଲପୁର,୧୪।୫(ବ୍ୟୁରୋ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜ ସଭାକକ୍ଷରେ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। ପିନାକିଲ ହ୍ୟୁମାନ ରିସୋର୍ସେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୩୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଦୁର୍ଲଭ କୁମାର ସା ଅଧ୍ୟକ୍ଷତା କରିଥିଲେ। ଡ. ବିଶ୍ୱମୋହନ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱଜିତ ମହାନ୍ତି ଓ ସୁଜିତ ପଧାନ ସହଯୋଗ କରିଥିଲେ।

# ସଂରକ୍ଷିତ ଜଙ୍ଗଲରୁ ମାଟି ଖନନ

**ସମ୍ବଲପୁର,୧୪।୫(ବ୍ୟୁରୋ)**

## ଧରାପଡିଲା ଜେସିବି, ଟ୍ରାକ୍ଟର

- ଜଙ୍ଗଲ ଆଇନରେ ମାମଲା ରୁଜୁ

ବିକାଶ ନାମରେ ଠିକା ସଂସ୍ଥାଗୁଡିକ ସରକାରୀ ଜମିରୁ ମାଟି, ମୋରମ ଆଦି ଖନନ କରିଚାଲିଛନ୍ତି। ଏପରି କି ଜଙ୍ଗଲ ଜମିରେ ଥିବା ମୂଲ୍ୟବାନ ଗଛକାଟି ଏହାକୁ ମୋରମ ଖାଦାନରେ ପରିଣତ କରିଦେଉଛନ୍ତି। ବନ ବିଭାଗ ଓ ତହସିଲ ବିଭାଗକୁ ଚକ୍‌ମା ଦେଇ ଆସୁଥିବା ଠିକା ସଂସ୍ଥା ଏବେ ଧରାପଡିଛି। ବନ ବିଭାର ଟିମ୍ ଚଢାଉ କରି ୧ ଜେସିବି, ୨ ଟ୍ରାକ୍ଟର ଜବତ କରିଛି। ଘଟଣାସ୍ଥଳରୁ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ପରେ ଏବେ ଠିକା ସଂସ୍ଥା ଅଡୁଆରେ ପଡିଛି।

ଘଟଣାକୁ ୩ଦିନ ବିତିବା ପରେ ଠିକା ସଂସ୍ଥା ଜେସିବି ଓ ଟ୍ରାକ୍ଟରକୁ ମୁକୁଳାଇବାକୁ ବନ ବିଭାଗ ଉପରେ ଚାପ ପକାଉଥିଲା। ହେଲେ ବନ ବିଭାଗ ଜଙ୍ଗଲ ଆଇନ ଅନୁସାରେ ୨/୨୨ରେ ମାମଲା ରୁଜୁ କରି ଗାଡିଗୁଡିକୁ ଜବତ କରିଛି। ଜବତ ଗାଡି ମଧ୍ୟରେ ଜେସିବି ନଂ. ଓଡି୧୫ପି-୭୬୯୫, ଟ୍ରାକ୍ଟର ନଂ. ଓଡି୧୫ଏଲ-୦୨୮୦ ରହିଛି। ଉକ୍ତ ଟ୍ରାକ୍ଟରରେ ଇନସ୍ୟୁରାନ୍ସ, ଫିଟ୍‌ନେସ ନ ଥିବା ବେଳେ ପଲ୍ୟୁଶନ ସାର୍ଟିଫିକେଟ ମଧ୍ୟ ନାହିଁ। ଅନ୍ୟପଟେ ଓଡି୧୫ଏସ-୨୭୯୦ ନମ୍ବରର ଆଉ ଗୋଟିଏ ଟ୍ରାକ୍ଟର ମଧ୍ୟ ଜବତ ହୋଇଛି। ଏ ସମ୍ପର୍କରେ ସଦର ରେଞ୍ଜର ଅକ୍ଷୟ ମହାରଣା କହିଛନ୍ତି, ହାତିବାରୀ ବିଟ୍ ବାନ୍ଦେର ସଂରକ୍ଷଣ ଜଙ୍ଗଲରୁ ମୋରମ ଉଠାଯାଉଥିବା ସୂଚନା ମିଳିବା ପରେ ବନ ବିଭାଗ ଟିମ୍ ଚଢାଉ କରିଥିଲା। ଘଟଣାସ୍ଥଳରୁ ଗୋଟିଏ ଜେସିବି ଓ ୨ ଟ୍ରାକ୍ଟର ଜବତ ହୋଇଥିଲା। ନିକଟରେ ରାସ୍ତା କାମ ଜାରିରହିଥିବାରୁ ସେହି ସ୍ଥାନକୁ ମୋରମ ଚାଲାଣ କରାଯାଉଥିଲା। ଜବତ ଗାଡିଗୁଡିକ ଠିକା ସଂସ୍ଥାର ବୋଲି ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛୁ। ଆସନ୍ତା ମଙ୍ଗଳବାର ଅଫିସ ଖୋଲା ହେଲେ ଆର୍‌ଟିଓଙ୍କୁ ଗାଡି ମାଲିକଙ୍କ ସମ୍ପର୍କରେ ସୂଚନା ମଗାଯିବ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।




ଜବତ ଟ୍ରାକ୍ଟର ।

## 'ଗତିଶକ୍ତିମ୍ ସଞ୍ଚାର' ପୋର୍ଟାଲ ଶୁଭାରମ୍ଭ

**ନୂଆଦିଲ୍ଲୀ :** ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର 'ଗତିଶକ୍ତି ସଞ୍ଚାର' ପୋର୍ଟାଲ ଲଞ୍ଚ୍ କରିଛନ୍ତି। ଏହି ପୋର୍ଟାଲ ବିଭିନ୍ନ ଦିଗରେ ସହାୟକ ହେବ। ଉକ୍ତ ପୋର୍ଟାଲ ଦ୍ୱାରା ଭିତ୍ତିଭୂମି ଶେୟାର କରିବା ସହଜ ହେବ। ଏହାଦ୍ୱାରା ସହଜରେ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ବିଭିନ୍ନ ବିଭାଗରୁ କାର୍ଯ୍ୟ ସମ୍ପର୍କିତ ମଞ୍ଜୁରୀ ମିଳିପାରିବ। ସାଧାରଣତଃ କୌଣସି କାର୍ଯ୍ୟ ପାଇଁ ମଞ୍ଜୁରୀ ପାଇବାକୁ ୧୦୦ ଦିନ ଲାଗିଥାଏ। ହେଲେ ଏହି ଆପ୍ ଦ୍ୱାରା ୨୨ ଦିନ ମଧ୍ୟରେ କାର୍ଯ୍ୟ ସମ୍ପାଦନ ହୋଇପାରିବ ଏବଂ ଏହାଦ୍ୱାରା ମନିଟରିଂ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା ଏହି ପୋର୍ଟାଲ ମାଧ୍ୟମରେ ୫ଜି ସେବା ଆରମ୍ଭ ହେବା ସମ୍ପର୍କିତ ଠିକ୍ ସମୟ ସମ୍ପର୍କରେ ମଧ୍ୟ ସୂଚନା ମିଳିପାରିବ।

**ସଂକ୍ଷେପରେ**

## ଫ୍ୟୁଚର ରିଟେଲରୁ ତୋଷନୀୱାଲଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୪।୫:** ଋଣଭାରରେ ବୁଡ଼ି ରହିଥିବା ଫ୍ୟୁଚର ରିଟେଲ ଗ୍ରୁପ୍‌ର ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ସି.ପି. ତୋଷନୀୱାଲ କମ୍ପାନୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ମେ' ୧୨ରୁ କାର୍ଯ୍ୟକାରୀ ହୋଇଛି। ତୋଷନୀୱାଲଙ୍କ ପୂର୍ବରୁ କମ୍ପାନୀର ଅନେକ ବରିଷ୍ଠ ଅଧିକାରୀ ଇସ୍ତଫା ଦେଇସାରିଛନ୍ତି। ଗତ ମାସରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଫ୍ୟୁଚର ରିଟେଲ ସହିତ ହେବାକୁ ଥିବା ୨୪,୭୧୩ କୋଟି ଟଙ୍କାର କାରବାରକୁ ରଦ୍ଦ କରିଦିଆଯାଇଥିଲା। ଏହାପରେ କମ୍ପାନୀର ଅନେକ ଅଧିକାରୀ ଏବଂ ସଚିବ ଇସ୍ତଫା ଦେବା ଆରମ୍ଭ କରିଥିଲେ। ରିଲାଏନ୍ସ ଇଣ୍ଡଷ୍ଟ୍ରିର ଶେୟାରହୋଲ୍ଡରମାନେ ଫ୍ୟୁଚର ରିଟେଲ ସହ କାରବାର ବିପକ୍ଷରେ ମତଦାନ କରିବା ଦ୍ୱାରା ଏଭଳି ହୋଇଥିଲା। ସିଏଫ୍‌ଓ ତୋଷନୀୱାଲ ମେ' ୧୨ରେ କାର୍ଯ୍ୟକାଳ ଶେଷ ହେଉଥିବା ସମ୍ପର୍କରେ ଇସ୍ତଫାପତ୍ରରେ ଉଲ୍ଲେଖ କରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଗହମ ରପ୍ତାନି ଉପରେ କଟକଣା

**ଅନିୟନ୍ତ୍ରିତ ରପ୍ତାନି, ଜମାଖୋର ଉପରେ ଲଗାମ ଦେବାକୁ ସରକାରଙ୍କ ପ୍ରୟାସ**

**ନୂଆଦିଲ୍ଲୀ,୧୪।୫**



ଭାରତ ସରକାରଙ୍କ ପକ୍ଷରୁ ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି। ସରକାର ଏହି ନିଷ୍ପତ୍ତିକୁ ତତ୍କାଳ କାର୍ଯ୍ୟକାରୀ କରିଛନ୍ତି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ, ଦେଶରେ ଘରୋଇ ଦରବୃଦ୍ଧି ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟ ନେଇ ଏଭଳି ପଦକ୍ଷେପ ନିଆଯାଇଛି। ଦେଶରେ ଅନିୟନ୍ତ୍ରିତ ରପ୍ତାନି କାରଣରୁ ଗହମର ସ୍ଥାନୀୟ ଦରରେ ବୃଦ୍ଧି ଘଟିଛି। ତେଣୁ ଗହମର ଅନିୟନ୍ତ୍ରିତ ରପ୍ତାନି ଏବଂ ଜମାଖୋର ଉପରେ ଲଗାମ ଲଗାଇବାକୁ ଏଭଳି ପଦକ୍ଷେପ ନିଆଯାଇଥିବା ସରକାରୀ ସୂଚନାରୁ ଜଣାଯାଇଛି। ଏହି ପ୍ରତିବନ୍ଧକ ସ୍ଥାୟୀ ନୁହେଁ ବୋଲି ମଧ୍ୟ କୁହାଯାଇଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ୧କୋଟି ଟନ୍ ଗହମ ରପ୍ତାନି ଲକ୍ଷ୍ୟ ରଖାଯାଇଥିଲା। ତେବେ କେତେକ ପରିସ୍ଥିତି ଉପରେ ନଜର ରଖି ସରକାରଙ୍କ ପକ୍ଷରୁ ରପ୍ତାନି ଅନୁମତି ଦିଆଯିବ ବୋଲି ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଫରେନ୍ ଟ୍ରେଡ୍ (ଡିଜିଏଫ୍‌ଟି) ପକ୍ଷରୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। କୌଣସି ଦେଶରେ ଖାଦ୍ୟ ସୁରକ୍ଷାର ଆବଶ୍ୟକତା ଅନୁସାରେ ସରକାର ଗହମ ରପ୍ତାନିକୁ ଅନୁମତି ଦେଇପାରିବେ। ତେବେ ଏଥିପାଇଁ ଉକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଅନୁମତି ଆବେଦନ କରିପାରିବେ। ଏହାଛଡ଼ା ଯେଉଁମାନଙ୍କର ଶିପ୍‌ମେଣ୍ଟ ପାଇଁ ଲେଟର୍ସ ଅଫ୍ କ୍ରେଡିଟ୍ (ଏଲ୍‌ଓସି) ପୂର୍ବରୁ ଜାରି ହୋଇସାରିଛି ସେମାନେ ମଧ୍ୟ ଗହମ ରପ୍ତାନି କରିପାରିବେ ବୋଲି ଡିଜିଏଫ୍‌ଟି ପକ୍ଷରୁ କୁହାଯାଇଛି। ଋଷ୍-ୟୁକ୍ରେନ୍ ଯୁଦ୍ଧ କାରଣରୁ ବୈଶ୍ୱିକ କୃଷି ବଜାର ଚାପରେ ଥିବା ସମୟରେ ଭାରତର ଏହି ନିଷ୍ପତ୍ତିକୁ ସାତ ଉଦ୍ୟୋଗୀକୃତ ଦେଶ ସମୁହ (ଜି-୭) ପକ୍ଷରୁ ନିନ୍ଦା କରାଯାଇଛି। ସୂଚନାଯୋଗ୍ୟ ଗତ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୨୧-୨୨ରେ ଭାରତରୁ ୨୦୫ କୋଟି ଡଲାର (୧୫.୯ ହଜାର କୋଟି ଟଙ୍କା)ର ୭୦ ଲକ୍ଷ ଟନ୍ ଗହମ ରପ୍ତାନି କରାଯାଇଛି। ଗତ ଆର୍ଥିକ ବର୍ଷରେ ରପ୍ତାନି ହୋଇଥିବା ମୋଟ୍ ଗହମ ମଧ୍ୟରୁ ୫୦% ବାଂଲାଦେଶକୁ ପଠାଯାଇଛି। ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୯.୬୩ ଲକ୍ଷ ଟନ୍ ଗହମ ପଠାଯାଇସାରିଛି। ଗତ ଆର୍ଥିକ ବର୍ଷରେ ଉକ୍ତ ଅବଧି ମଧ୍ୟରେ ୧.୩୦ ଲକ୍ଷ ଟନ୍ ଗହମ ରପ୍ତାନି ହୋଇଥିଲା।

## ନିସ୍‌ରେ ଜାତୀୟସ୍ତରୀୟ ସେମିନାର




**ଭୁବନେଶ୍ୱର,୧୪।୫**

ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ ପରିସରରେ '୪ର୍ଥ ଶିଳ୍ପ ବିପ୍ଳବ ଏବଂ ଏ ଦିଗରେ ବାଣିଜ୍ୟ ଜଗତର କ୍ରମବର୍ଦ୍ଧିତ ଉନ୍ନତି' ଶୀର୍ଷକ ଜାତୀୟ ସେମିନାର ମହାସମାରୋହରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଫକିର ମୋହନ ସେନାପତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବରେ ଆଇଆଇଏମ୍ ସମ୍ବଲପୁରର ଆସୋସିଏଟ୍ ପ୍ରଫେସର ରାମକୃଷ୍ଣ ପାଢ଼ୀ ଯୋଗଦେଇଥିଲେ। ସେହିପରି ଏମ୍‌ଏସ୍‌ପିଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ ଦେବବ୍ରତ ଦାସ, କିଟ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ସୁମନ ଭଟ୍ଟାଚାର୍ଯ୍ୟ, ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ଡବ୍ଲ୍ୟୁ.ଏସ୍. ଉଇଲିୟମ୍ ସମ୍ମାନିତ ଅତିଥିଭାବରେ ଯୋଗଦେଇ ସେମାନଙ୍କର ମତବ୍ୟକ୍ତ କରିଥିଲେ। ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ୪ର୍ଥ ଶିଳ୍ପବିପ୍ଳବ ଏବଂ ଛାତ୍ରୀଛାତ୍ରମାନଙ୍କର କିପରି ଉନ୍ନତ ଭବିଷ୍ୟତ ଗଠନ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତା ସ୍ମୃତିସୁଧା ନାୟକ, ଆଡ୍‌ଭାଇଜର ପ୍ରତାପ କୁମାର ତ୍ରିପାଠୀ, ଉପନିର୍ଦ୍ଦେଶକ ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ପଣ୍ୟାଗାର ନିଗମ ଏମ୍‌ଡିଙ୍କ ଡିପୋ ପରିଦର୍ଶନ



ଏମ୍‌ଡି ଗଣେଶ୍ୱର ଜେନା(ବାମ) ଓ ଡିଜିଏମ୍ ନବକିଶୋର ମିଶ୍ର।

**କଟକ,୧୪।୫**

ରାଜ୍ୟ ପଣ୍ୟାଗାର ନିଗମ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଗଣେଶ୍ୱର ଜେନା ଶନିବାର ନିଗମର ଜଗତପୁରରେ ଥିବା ଡିପୋ ପରିଦର୍ଶନ କରି କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ଭାରତୀୟ ଖାଦ୍ୟ ନିଗମ ଓ ରାଜ୍ୟ ଯୋଗାଣ ନିଗମର ଖାଦ୍ୟଶସ୍ୟ ଖଲାସ ବେଳେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶକରି ବିଭାଗୀୟ ଅଧିକାରୀଙ୍କୁ ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକ ସଂଘର କର୍ମକର୍ତ୍ତା ଓ ଟ୍ରାନ୍ସପୋର୍ଟ ଠିକାଦାରଙ୍କ ସହ ମିଳିତ ବୈଠକ କରି ଯେଉଁ ଦିନ ରେକ୍ ଆସୁଛି ସେହିଦିନ ଅଧିକ ଶ୍ରମିକ ନିୟୋଜିତ କରି ଓ ଡିପୋ ଅଧିକ ସମୟ ଖୋଲା ରଖି ସମୟାନୁସାରେ ରେକ୍ ଖାଲି କରିବାକୁ ପରାମର୍ଶ ଦେଇଥିଲେ। ଖାଦ୍ୟଶସ୍ୟ ରହୁଥିବା ଜାଗାରେ ପରିଚ୍ଛନ୍ନତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଜେନାଙ୍କ ପରିଦର୍ଶନ ବେଳେ ନିଗମର ଉପ ମହାପ୍ରବନ୍ଧକ ନବକିଶୋର ମିଶ୍ର, ଜଗତପୁର ଡିପୋର ଅଧୀକ୍ଷକ ତଥା ଜୋନାଲ ମ୍ୟାନେଜର ଶ୍ୟାମସୁନ୍ଦର ସାହୁ, କଟକ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିବେଶକଙ୍କ ୨୯ଲକ୍ଷ କୋଟି ଟଙ୍କାର କ୍ଷତି

**ନୂଆଦିଲ୍ଲୀ,୧୪।୫**

ଗତ ୧ମାସ ହେଲା ଶେୟାର ବଜାରରେ ଲଗାତର କ୍ଷତି ଦେଖିବାକୁ ମିଳିଛି। ବିଶେଷ ଭାବରେ ଚଳିତ ମେ' ପ୍ରଥମ ସପ୍ତାହରେ ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ରେପୋ ରେଟ୍ ଏବଂ ସିଆର୍‌ଆର୍ ବୃଦ୍ଧି କରାଯିବା ପରେ ଭାରତୀୟ ବଜାରରେ ଲଗାତର ହ୍ରାସ ଦେଖିବାକୁ ମିଳିଛି। ଗତ ସପ୍ତାହ ସାରା ଶେୟାର ବଜାର ଲାଲ୍ ସଙ୍କେତରେ ବନ୍ଦ ହେବା ସହିତ ନିବେଶକଙ୍କୁ ଭାରି କ୍ଷତିର ସାମ୍ନା କରିବାକୁ ପଡ଼ିଥିଲା। ଏହା ଉପରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ହ୍ରାସ ଏବଂ ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ଶେୟାର ବଜାର ସ୍ଥିତି ଆହୁରି ଖରାପ କରିଥିଲା। ଗତ ଏପ୍ରିଲ ୧୧ରେ ମୁମ୍ବାଇ ଷ୍ଟକ୍ ଏକ୍ସଚେଞ୍ଜର ମାର୍କେଟ୍ କ୍ୟାପିଟାଲାଇଜେଶନ ୨୪୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ଗତ ୧ ମାସ ମଧ୍ୟରେ ସେଥିରେ ହ୍ରାସ ଘଟି ୨୪୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ୧ମାସ ମଧ୍ୟରେ ଶେୟାର ବଜାର ନିବେଶକଙ୍କର ପ୍ରାୟ ୨୯ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଏହାଛଡ଼ା ଗତ ସପ୍ତାହର ଗୁରୁବାର ସୁଦ୍ଧା ନିବେଶକମାନେ ୪ଟି ଟ୍ରେଡିଂ ସିଜନକୁ ଲାଲ୍ ସଙ୍କେତରେ ବନ୍ଦ ହେବା ସାମ୍ନା କରିବା ସହିତ ପ୍ରାୟ ୧୮.୭୪ ଲକ୍ଷ କୋଟି ଟଙ୍କା କ୍ଷତିର ସାମ୍ନା କରିଛନ୍ତି। ବୈଶ୍ୱିକ ବଜାରରେ ହ୍ରାସ ସହିତ ସୁଧ ହାର ବୃଦ୍ଧି ଏବଂ ଅର୍ଥନୈତିକ ମାନ୍ଦାବସ୍ଥା କାରଣରୁ ଭାରତୀୟ ଶେୟାର ବଜାରରେ ଚାପ ପରିଲକ୍ଷିତ ହୋଇଛି। ଏହାଛଡ଼ା ଚାଇନାରେ ଲକ୍‌ଡାଉନ୍ କାରଣରୁ ନିବେଶକମାନେ ଇକ୍ୱିଟିରେ ନିବେଶ ପାଇଁ ଆଗ୍ରହପ୍ରକାଶ କରୁନଥିବା କୋଟାକ୍ ସିକ୍ୟୁରିଟିଜ୍ ଲିମିଟେଡ୍‌ର ଇକ୍ୱିଟି ରିସର୍ଚ୍ଚ ମୁଖ୍ୟ ଶ୍ରୀକାନ୍ତ ଚୌହାନ କହିଛନ୍ତି।



## ୟୁକୋ ବ୍ୟାଙ୍କର ୯୨୯.୭୬ କୋଟି ଲାଭ

**ଭୁବନେଶ୍ୱର,୧୪।୫**

ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ୍ ୯୨୯.୭୬ କୋଟି ଟଙ୍କା ନେଟ୍ ଲାଭ ଉପାର୍ଜନ କରିଛି। ବ୍ୟାଙ୍କର ୨୦୨୧-୨୨ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ଜାନୁଆରୀ-ମାର୍ଚ୍ଚରେ ୩୧୨.୧୮ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରି ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୨୯୦.୧୧% ଅଭିବୃଦ୍ଧି ହାର ହାସଲ କରିପାରିଛି। ଏହି ସମୟ ମଧ୍ୟରେ ବ୍ୟାଙ୍କର କାର୍ଯ୍ୟକାରୀ ଲାଭର ପରିମାଣ ପୂର୍ବ ଆର୍ଥିକ ବର୍ଷର ମାର୍ଚ୍ଚ ମାସ ତୁଳନାରେ ୧୫.୬୩ % ଅଭିବୃଦ୍ଧି ହାର ୪୭୯୭.୪୩ କୋଟି ଟଙ୍କାରେ ପହଞ୍ଚିପାରିଛି। ବ୍ୟାଙ୍କର ମୋଟ୍ ସୁଧ ଆୟ ପୂର୍ବ ବର୍ଷ ମାର୍ଚ୍ଚ ମାସ ତୁଳନାରେ ୧୬.୯୭% ଅଭିବୃଦ୍ଧି ହାରରେ ୧୬୫୨.୩୮ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଅନ୍ୟାନ୍ୟ ଆୟ ପୂର୍ବ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୭୧୯.୧୫ କୋଟି ଟଙ୍କା ହୋଇଥିବା ବେଳେ ଏହା ୨୦୨୧-୨୨ ଆର୍ଥିକ ବର୍ଷର ମାର୍ଚ୍ଚ ଶେଷ ସୁଦ୍ଧା ୫୮୮.୯୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ବ୍ୟାଙ୍କର ମୋଟ୍ ବ୍ୟବସାୟ ପୂର୍ବ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ୩,୨୪,୩୨୪.୨୦ କୋଟି ହୋଇଥିବା ବେଳେ ଏହା ଗତ ଆର୍ଥିକ ବର୍ଷର ମାର୍ଚ୍ଚ ଶେଷ ସୁଦ୍ଧା ୩,୫୩,୮୫୦.୨୪ କୋଟି ଟଙ୍କାରେ ପହଞ୍ଚି ୯.୧୦% ଅଭିବୃଦ୍ଧି ହାର ହାସଲ କରିପାରିଛି। ସେହିପରି ବ୍ୟାଙ୍କର ମୋଟ୍ ଜମା ପରିମାଣ ପୂର୍ବ ବର୍ଷ ତୁଳନାରେ ୮.୮୨% ବୃଦ୍ଧି ପାଇ ୨,୨୪,୦୭୨.୯୦ କୋଟି ଟଙ୍କା ହୋଇଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ପରିମାଣ ପୂର୍ବବର୍ଷ ୩.୯୪% ଥିବାବେଳେ ଏହା ୨.୭୦%କୁ ହ୍ରାସ ପାଇଛି।

**ଫୁର୍‌ସତ୍**

## ଅଭିନୟରେ ସୁହାନାଙ୍କ ଏଣ୍ଟ୍ରି

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ଅଭିନୟ ଜଗତରେ ପାଦ ଥାପିଛନ୍ତି। ଜୋୟା ଅଖତରଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଦ ଆର୍ଚିଜ୍'ରେ ଦେଖିବାକୁ ମିଳିବେ ସୁହାନା। ଖାଲି ସୁହାନା ନୁହନ୍ତି ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଝିଅ ଖୁସି କପୁର ଏବଂ ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟା ନନ୍ଦା ମଧ୍ୟ ଅଭିନୟ କରୁଥିବାର ଦେଖାଯିବେ। ଫିଲ୍ମର ପୋଷ୍ଟର ଏବଂ କାଷ୍ଟକୁ ଫିଲ୍ମ ନିର୍ମାତା ସଂସ୍ଥା ପକ୍ଷରୁ ଶନିବାର ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ଫିଲ୍ମରେ ସୁହାନା ଭେରୋନିକା ଭୂମିକାରେ ନଜରକୁ ଆସିବାକୁ ଥିବାବେଳେ ଅଗସ୍ତ୍ୟା ଆରଚିଜ୍ ଏବଂ ଖୁସି ବେଟୀ ଚରିତ୍ରରେ ଅଭିନୟ କରିଛନ୍ତି। ତେବେ ସୁହାନାଙ୍କ ବଲିଉଡ୍ ଡେବ୍ୟୁ ନେଇ ବାପା ଶାହରୁଖ ଭାବବିହ୍ୱଳ ହୋଇପଡ଼ିଛନ୍ତି। ଫିଲ୍ମର ଫାଷ୍ଟ ଲୁକ୍ ଶାହରୁଖ ମଧ୍ୟ ଇନ୍‌ଷ୍ଟାଗ୍ରାରେ ଶେୟାର କରିଛନ୍ତି। ସେହିପରି ବିଗ୍ ବି ଅମିତାଭ ବଚ୍ଚନଙ୍କଠାରୁ ଆରମ୍ଭ କରି ଆଲିଆ ଭଟ୍ଟଙ୍କ ପର୍ଯ୍ୟନ୍ତ ବଲିଉଡ୍‌ର ବହୁ କଳାକାର ସୁହାନା, ଅଗସ୍ତ୍ୟା ଓ ଖୁସିଙ୍କୁ ଶୁଭକାମନା ଜଣାଇବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ଦ ଆର୍ଚିଜ୍' ଏକ ରୋମାଣ୍ଟିକ ଡ୍ରାମା ଫିଲ୍ମ ହୋଇଥିବାବେଳେ ୨୦୨୩ରେ ନେଟ୍‌ଫ୍ଲିକ୍ସରେ ଏହା ରିଲିଜ୍ କରାଯିବ।



## କାର୍ଯ୍ୟସ୍ଥଳରେ 'ଚନ୍ଦା' ଡାକିବା ଯୌନ ନିର୍ଯାତନା

**ଲଣ୍ଡନ:** 'କାର୍ଯ୍ୟକ୍ଷେତ୍ରରେ ଯଦି କୌଣସି କର୍ମଚାରୀ ଅନ୍ୟ କର୍ମଚାରୀଙ୍କୁ ଚନ୍ଦା ବୋଲି ସମ୍ବୋଧନ କରନ୍ତି ତେବେ ଏହା ଯୌନ ନିର୍ଯାତନା ବୋଲି କୁହାଯିବ। ଜଜ୍ ଜୋନାଥାନ୍ ବ୍ରେନଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ମୁଣ୍ଡରେ କମ୍ କେଶ ରହିଛି ତେବେ ତାଙ୍କୁ ଚନ୍ଦା ବୋଲି ଡାକିବା ଆଦୌ ଉଚିତ ନୁହେଁ। ତେବେ ଏ ପ୍ରକାର ଘଟଣା ଯୌନ ନିର୍ଯାତନା ସହ ସମାନ ବୋଲି ଶୁଣାଣିବେଳେ ଖଣ୍ଡପୀଠ କହିଥିଲେ। ସହକର୍ମୀ ଚନ୍ଦା ଡାକିବା ନେଇ ୟୁକେର ଟୋନି ନାମକ ଜଣେ ବ୍ୟକ୍ତି କୋର୍ଟରେ ଅଭିଯୋଗ କରିଥିଲେ।

## ଲୁଣିଆ ଖାଦ୍ୟ ପାଇଁ ସ୍ତ୍ରୀଙ୍କୁ ଲଣ୍ଡା

**ଗାନ୍ଧୀନଗର:** ଗୁଜରାଟ ଅହମଦାବାଦର ଭାଟଭା ପୋଲିସ ଷ୍ଟେଶନରେ ୨୮ ବର୍ଷୀୟା ମହିଳା ସ୍ୱାମୀଙ୍କ ବିରୋଧରେ ଏକ ସଙ୍ଗିନ ଅଭିଯୋଗ କରିଛନ୍ତି। ଖାଦ୍ୟ ଲୁଣିଆ ହେବା କାରଣରୁ ମହିଳାଙ୍କ ସ୍ୱାମୀ ତାଙ୍କୁ ଲଣ୍ଡା କରିଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ରିଜୱାନା ଶେଖ୍ ନାମ୍ନୀ ଏହି ମହିଳା ଜଣକ ଭାଟଭାର ସାନିୟାତନଗରରେ ରୁହନ୍ତି। ଘଟଣାଟି ମେ' ୮ ତାରିଖର। ଅପରାହ୍ଣ ୨ଟାବେଳେ ଇମ୍ରାନ ମଧ୍ୟାହ୍ନଭୋଜନ ପାଇଁ ଘରକୁ ଆସିଥିଲେ। ରୁଟି ଓ ତରକାରୀ ରିଜୱାନା ତାଙ୍କୁ ଖାଇବାକୁ ଦେଇଥିବାବେଳେ ଖାଦ୍ୟ ଇମ୍ରାନଙ୍କୁ ପସନ୍ଦ ଆସି ନ ଥିଲା, ଯାହାପରେ ସେ ରିଜୱାନାଙ୍କୁ ଖରାପ ଭାଷାରେ ଗାଳି କରିଥିଲେ। ଅଲଗା କିଛି ଖାଦ୍ୟ ରାନ୍ଧିବାକୁ ରିଜୱାନା କହିବା ପରେ ଇମ୍ରାନ ତାଙ୍କୁ ମାଡ଼ ମାରିବା ଆରମ୍ଭ କରିଦେଲେ। ପୋଲିସ ଥାନାରେ ଅଭିଯୋଗ କରିବା କଥା କହିବାରୁ ଇମ୍ରାନ ଆହୁରି ଅଧିକ ରାଗିଯାଇଥିଲେ ଓ ପାଖରେ ଥିବା ଏକ ରେଜରରେ ରିଜୱାନାଙ୍କୁ ଲଣ୍ଡା କରିଥିଲେ। ଏହାପରେ ରିଜୱାନା ଗତ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଇମ୍ରାନ ଶେଖ୍ (୨୯) ରାଜମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ପରିବାର ସହମତି କ୍ରମେ ରିଜୱାନା ୮ ବର୍ଷ ପୂର୍ବେ ଇମ୍ରାନଙ୍କୁ ବାହା ହୋଇଥିଲେ।

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

No.RDM-LAA-MBJ-0061-2022-12202/ R&DM, Dated 19 APR 2022

**No. XXI-29:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ରାସଗୋବିନ୍ଦପୁର ଥାନା: ମୋରଡା, ନଂ. ୧୭୫, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୨୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଜାମ୍ବୀରା କେନାଲ ଡିଭିଜନ, ମୋରଡା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ରାସଗୋବିନ୍ଦପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧.୭୧ | ଏ. ୦.୨୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା-୩୬/୧୯
ଏ.୦.୨୭ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର କେନାଲ ନିମନ୍ତେ ମୌଜା-ରାସଗୋବିନ୍ଦପୁର, ଥାନା-ମୋରଡା,ନଂ.-୧୭୫, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 10 | 244 | 0.78 | 0.15 | ଘରବାରି | ଉମାକାନ୍ତ ପଟ୍ଟନାୟକ, ତାରାକାନ୍ତ ପଟ୍ଟନାୟକ, ରତିକାନ୍ତ ପଟ୍ଟନାୟକ, ସୀତାକାନ୍ତ ପଟ୍ଟନାୟକ, କାମିନିକାନ୍ତ ପଟ୍ଟନାୟକ, ପି:ଗୋପବନ୍ଧୁ ପଟ୍ଟନାୟକ, ଜା:କରଣ, ବା:ମୁରୁଡା |
| 57 | 241 | 0.93 | 0.12 | ଡାହି ଦୁଇ | ପ୍ରଭାତ କୁମାର ଘୋଷ, ପ୍ରଦିପ କୁମାର ଘୋଷ, ପ୍ରକାଶ କୁମାର ଘୋଷ, ପି:ନୃସିଂହ କୁମାର ଘୋଷ, ଜା:ସଦଗୋପ,ବା:ନିଜଗାଁ |
| ମୋଟ | ୨ ପ୍ଲଟକୁ | ଏ.୧.୭୧ ଡେ.ମି. | ଏ.୦.୨୭ ଡେ.ମି. | | |

OIPR-24001/14/0046/2223

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
E-Mail ID:serw_balasore@yahoo.in, Ph.No.06782/260318, Balia, Balasore
**"e" Procurement Notice for Bridge Work**
Identification No.Online Tender-Bridge N.C.B. No.332

Letter No.1456/WE Date.12.05.2022

**No.O-211:**1. Name of the Work: Bridge Work. 2. Total No. of Work: 2 Nos. (Two). 3. Estimated Cost: Rs.496.19 & 562.52 Lakhs (Approximately). 4. Eligible Class of Contractor: "A" Class & "Special" Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion: 15 (Fifteen) Calendar Months for the work. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & Time of seeking tender clarification | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No.332 | 21.05.2022 at 11.00 A.M. | 07.06.2022 upto 5.00 P.M. | 06.06.2022 upto 5.00 P.M. | 08.06.2022 at 11.00 A.M. | Will be intimated later |

Further details can be seen from the website: www.tendersodisha.gov.in.
**Sd./- Er. S.K. Mishra, Chief Construction Engineer, R.W.Circle, Balasore**
OIPR-25105/11/0010/2223

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR**
No:-Tender - Online - BBSR Divn. - 05, Date: 09.05.2022
Ph.No.-0674-2301787, Fax No.- 0674-2300965, E Mail ID: eerw_bbsr@yahoo.co.in
**e-Procurement NOTICE**

**No.O-210:**1.Name of the work : Repair of Road work. 2. Total No. of Road : 1 No. 3. Class of contractor: a) Estimated cost more than Rs. 40.00 lakh & not exceeding to Rs. 1.50 Crore :"A" & "B" Class (of Odisha PWD) or relevant class of other licensing authorities. b) Estimated cost more than Rs. 20.00 lakh & not exceeding to Rs. 40.00 lakh : "B" & "C" Class (of Odisha PWD) or relevant class of other licensing authorities. c) Estimated cost not exceeding to. Rs. 20.00 lakh : "C" & "D" Class (of Odisha PWD) or relevant class of other licensing authorities. 4. Estimate cost of Individual project : Rs. 87.61 lakh. 5. Time for completion : 3 (Three) Calendar months. 6.Other details.

| Procurement Officer | Bid Identification No. | Availability of Tender Online for bidding | | Date & Time of Opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bhubaneswar | Tender Online BBSR Divn. 05 | 24.05.2022 at 11.00 A.M. | 08.06.2022 upto 5.00 P.M. | 09.06.2022 at 11.00 A.M. | 16.06.2022 at 11.00 A.M. |

7. Further details can be seen from the website www.tendersorissa.gov.in.
8. Corrigendum if any/ shall only be published in the above website.

**Sd./- Executive Engineer, Rural Works Divn., BBSR**
OIPR-25066/11/0008/2223

**ତହସିଲ କାର୍ଯ୍ୟାଳୟ, ରସୁଲପୁର**
**ବିଜ୍ଞପ୍ତି ସଂଖ୍ୟା 4199, ତାରିଖ 13.05.22**
**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ତହସିଲ କାର୍ଯ୍ୟାଳୟ, ରସୁଲପୁର ଅନ୍ତର୍ଗତ ୧ (ଏକ) ଗୋଟି (ଲଘୁ ଖଣିଜ ଦ୍ରବ୍ୟ) ସୈରାତ ଉତ୍ସକୁ ଅନ୍ୟୂନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବସାଇଟ www.jajpur.nic.in ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ। ଇଚ୍ଛୁକ ବ୍ୟକ୍ତିବିଶେଷ ଆସନ୍ତା ତା.୨୮.୦୫.୨୦୨୨ ରିଖ ପୂର୍ବାହ୍ନ ଘ.୦୭.୦୦ ଟିକା ଠାରୁ ତା.୧୮.୦୬.୨୦୨୨ ରିଖ ଅପରାହ୍ନ ଘ.୫.୩୦ ଟିକା ମଧ୍ୟରେ ଆବେଦନ କରିପାରିବେ।

**ସୈରାତ ଉତ୍ସର ବିବରଣୀ**

| କ୍ର. ନଂ. | କେସ ନଂ. | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା ନଂ. | ଖସଡା ନଂ. | ରକବା | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ.ମି.) | ସର୍ବନିମ୍ନ ବାର୍ଷିକ ରୟାଲଟି ମୂଲ୍ୟ (ଘ.ମି. ପ୍ରତି) | ସର୍ବନିମ୍ନ ବାର୍ଷିକ ଅତିରିକ୍ତ ଦେୟ (ଘ.ମି. ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୦୬/ ୨୦୨୦-୨୧ | ବ୍ରାହ୍ମଣୀ ନଦୀ ଦୁର୍ଗାପୁର କୁଦ-୨ ବାଲିଘାଟ | ଦୁର୍ଗାପୁର | ୨୫୬ (ଆ.ଅ.ଅ) | ୦୧ | ଏ ୧୨.୩୦ | ନଦୀ | ୧୦,୦୦୦ | ଟ.୩୫/- | ଟ.୪୫/- |

ସ୍ୱା./- ତହସିଲଦାର, ରସୁଲପୁର

# SUNDAY classifieds




ବୟସ-34 Government Job ସୁନ୍ଦର Divorce ଏକୁଟିଆ ରହୁଥିବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7077495623. D-398

Brahmin/Karan Groom wanted for 32yrs. single daughter, Section Officer, Odisha Govt. settled in Bhubaneswar. Government/PSU employee preferable. Contact:9438650271. D-437




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-422

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Gharabari yellowzone plot sale at Samantarapur and Uttara, Bhubaneswar. 6371040313, 9337235066. D-59892

**10Acre of residential land for sale at Deuliapatna, Bhubaneswar. Contact: 9692095626, 7978456831.** D-71633

3BHK duplex 22,00,000/- corehouse Balianta (Bainchua), finance available- 8093465134, 9668194157. D-73318

**East facing plot sale measuring 4500sqft. (59'X76') at Janla, BBSR, facility (BDA yellowzone, gharabari, boundarywall & electricity), cost @55lac-7978090773, 8144978585. (Plz. only buyer contact).** D-431

**ଭୁବନେଶ୍ୱର Sum Hospital 4KM** ଦୂରତାରେ ଘରବାଡ଼ି, **Road,** ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Full furnished 2BHK, flat near Hundai Show Room, Uttara Square, Bhubaneswar. @50lakhs. 9861037729, 9040337729. D-73604

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

**Duplex sale at Bhubaneswar @45lakhs and apartment @42 lakhs. 9439206202.** D-73248

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

**Premium 3BHK, 2BHK ready to move house for sale at Patia with 2free Air Conditioner. 7437998131.** D-71636

Hurry! Ready to move registration is going on for our BDA/ Bank approved apartment flats, near Shani Temple, Patrapada, Bhubaneswar 500meters from National Highway remains one no 2BHK & 5Nos. 1BHK. 9238326233. D-38579

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

Cuttack Town ରୁ 2k.m. distanceରେ plot କିଣି ସଙ୍ଗେସଙ୍ଗେ ଘର କରନ୍ତୁ। Contact: 9937450545. D-438

**30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁ ରାସ୍ତାକୁ ଲାଗି 1500sqft. 6,00,000/-, 9937373013.** D-73247

Gharabari Olatpur phase 3 land near SVNIRTAR Hospital for sale by owner. Only genuine customer call to 6371390950. D-445

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

**Plot for sale, 2000sqft. (10Nos.) per sqft.- 2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact: 7381564227, 8114744495.** D-446




**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335




**Rent out your vacant land. Contact: 9692095626, 7978456831.** D-71634

Space Available for Shop, Office, Service Centre, Godown, at Lane-12 ବାପୁଜୀ Nagar, Bhubaneswar. Contact- 9437081583. D-73317

**Ground Floor 2 Rooms 1 Bathroom 1 Kitchen for Office/ Godown/ Hostel at Brit Colony Badagada Ph- 9668455943.** D-426

3BHK for rent at Sri Jagannath Palace, Acharya Vihar, Bhubaneswar. Contact: 9437015191. D-71635

1200sqft. Office Space 1st floor Lewis Road, Bhubaneswar available. Contact: 7008264670, 9937211223. D-70797




All types body massage with high profile smart Lady room service available. 9142145769. D-71345

Take wellness relax body massage by experienced lady therapist. 7008773793. D-73601

Refreshing your mind and body with the best therapy, 7873794731. D-317

**One hour any therapy by expert therapist @999 only. 9078484455.** D-73607

Newly open SPA positively health benefit with expert. Contact: 7749976301. D-71995

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefits expert therapist, Kalpana. 7846814019. D-73602

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

Ayurvedic full body massage ladies & jents. Contact: 8093860513, 8658994614. D-71897

Mesmerizing, energetic body, mind qualitative relaxing massage experienced therapists. 9668374480. D-73606




Medical Exam. Registration- BAMS/ BHMS/BUMS/ GNM/D.Pharma. 9893869473. D-439

## LOST

ମୋର ଫାର୍ମ ପପୁଲାର ଅଟୋ ନାମରେ ବ୍ୟବହାର ହୋଇ ନ ଥିବା ବିଲ୍ ନମ୍ବର ୭୩୦ରୁ ୮୦୦, ଏହାର GST ନମ୍ବର 21AWMPS 9095-B1Z9 ହଜିଯାଇଅଛି। ଉପରୋକ୍ତ ବିଲ୍‌ଗୁଡ଼ିକର ବ୍ୟବହାର ଆଇନତଃ ଅସିଦ୍ଧ।

ପ୍ରଫୁଲ୍ଲ କୁମାର ସାହୁ
ଧ-୬୯୦୬୨

## AFFIDAVIT

By virtue of an affidavit before the executive magistrate kakatpur, I have changed my name from Atikur Rahiman Khan to Atikur Rahaman khan, aged about 34 years, s/o Late Kalimuddin khan of Vill:Bhandaghar, po:- Rasulpur, ps:- kakatpur, dist:- puri for all purposes.

Atikur Rahaman Khan
13.5.2022. D-450

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

### ଜନ୍ମଦିନ ଶୁଭେଚ୍ଛା




(ମାମୁନ୍)

**ତ୍ରିଷ୍ଣା ତଲିନା**

ସ୍ଥାନ: ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ

ଆଜି ତୋର ତ୍ରୟୋଦଶ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ। ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ଖୁସି ଓ ଦୀର୍ଘ ନିରାମୟ ଜୀବନଯାପନ କର, ସର୍ବଦା ଖୁସି ରହ।

**ଶୁଭେଚ୍ଛା ସହ:** ଜେଜେବାପା, ମା, ଅଙ୍କଲ, ଆଣ୍ଟି, ଭାଇ, ଅଜା, ଆଈ, ମାମୁ, ମାଇଁ, ଲିକି, ଲକି, ଗୁଡ୍ଡୁ, ଟିଣ୍ଟୁ, ଟ୍ୱିଙ୍କଲ, ବାବା, ମାମା, ଲିକୁନ୍ ଏବଂ ସମସ୍ତ ପରିବାରବର୍ଗ ।
ଧ-୪୫୧

### ଶିକ୍ଷାରେ ଡକ୍ଟରେଟ୍ ଲାଭ



ଶ୍ରୀ ଅର୍ଜୁନ କୁମାର ମହାନ୍ତ, ଶିକ୍ଷା ବିଭାଗର ମୁଖ୍ୟ, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ, ଶୁଳିଆପଦା, ମୟୂରଭଞ୍ଜ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ଭୁବନେଶ୍ୱରରୁ ଶିକ୍ଷାରେ ପିଏଚ୍. ଡି. ଡିଗ୍ରୀ ହାସଲ କରିଛନ୍ତି। ସରକାରୀ ଇଉ.ଜି. କଲେଜ ଅଫ୍ ଟିଚର ଏଜୁକେଶନ, ବାରିପଦାର ପ୍ରାକ୍ତନ ଶିକ୍ଷା ବିଭାଗର ପ୍ରାଧ୍ୟାପକ ଡକ୍ଟର ନାରାୟଣ ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ତାଙ୍କର ଗବେଷଣା ସମ୍ପୂର୍ଣ୍ଣ କରିଥିଲେ। ତାଙ୍କର ସନ୍ଦର୍ଭ "Impact of Early Childhood care and Education for the development of pre-school education in the Mayurbhanj District of Orissa," ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅଧ୍ୟକ୍ଷ ଆର୍.ଆଇ.ଇ. (ଏନ୍.ସି.ଇ.ଆର୍.ଟି), ଭୋପାଳ, ମଧ୍ୟପ୍ରଦେଶ ଓ ପ୍ରଫେସର (ଡଃ) ପି.କେ. ସାହୁ, ଡିପାର୍ଟମେଣ୍ଟ ଅଫ୍ ଏଜୁକେଶନ, ୟୁନିଭରସିଟି ଅଫ୍ ଆଲ୍ଲାହାବାଦ, ଉତ୍ତରପ୍ରଦେଶଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ଅର୍ଜୁନ କୁମାର ମହାନ୍ତ, ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ବର୍ଗୀଡିହି ଗ୍ରାମ ନିବାସୀ ସ୍ୱର୍ଗତ ଲାଲମୋହନ ମହାନ୍ତ ଓ ସ୍ୱର୍ଗତା ଶରଧା ମହାନ୍ତଙ୍କ କନିଷ୍ଠ ପୁତ୍ର। ତାଙ୍କର ଏହି ସଫଳତା ପାଇଁ ସେ ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ "ଆଲର୍ଟ"ର ସମ୍ପାଦିକା ଡକ୍ଟର କୁଞ୍ଜଲତା ଦାସ, ଶ୍ରୀ ବିଜୟ କୁମାର ଟୁଡୁ, ସବ୍‌ରେଜିଷ୍ଟ୍ରାର୍, ବାରିପଦା, ଶ୍ରୀମତୀ ସୋମବାରୀ ହାଁସଦା, ଆଇ.ଆଇ.ସି., ରାଉରକେଲାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ନିଜ ଧର୍ମ ପତ୍ନୀ ଅଧ୍ୟାପିକା ପ୍ରଣତି ମହାନ୍ତଙ୍କୁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି। ଏତଦ୍‌ବ୍ୟତୀତ ସେ ତାଙ୍କ କଲେଜର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।
ଧ-୪୪୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ସି.ବ୍ରି.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## CLASSIFIED BOOKING STATIONS

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧ ବାର୍ଷିକ ଦିବସ



**୰ଚିତ୍ତ ରଞ୍ଜନ ସାହୁ**
ଶିକ୍ଷକ, ଗଙ୍ଗପଡ଼ା ବିଦ୍ୟାଳୟ, ଗଙ୍ଗପଡ଼ା

ଆବିର୍ଭାବ: ୦୨।୧୦।୧୯୬୧
ତିରୋଧାନ: ୨୬।୦୫।୨୦୨୧

ଆପଣଙ୍କ ଅସମୟ ବିୟୋଗରେ ଆମ୍ଭେ ମର୍ମାହତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୪୪୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ସୂର୍ଯ୍ୟନାରାୟଣ ପଣ୍ଡା**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷକ ନେତା
ହିଲ୍‌ପାଟଣା, ବ୍ରହ୍ମପୁର, ଗଞ୍ଜାମ

ଆବିର୍ଭାବ: ୧୮।୦୭।୧୯୪୪
ତିରୋଧାନ: ୨୫।୦୫।୨୦୨୧

ଆପଣ ହଠାତ୍ ଆମକୁ ଶୋକସାଗରରେ ଭସାଇ ଚାଲିଗଲେ। ଅତୀତର ତୁମ ସ୍ମୃତି, ସ୍ନେହ, ମମତା ଓ ଶ୍ରଦ୍ଧା ଆମ ପାଇଁ ପ୍ରେରଣା ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୪୪୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପୂର୍ଣ୍ଣାନନ୍ଦ ଦାସ**
(ବୋରିକିନା, ବାଲିକୁଦା, ଜଗତ୍‌ସିଂହପୁର)

ଆବିର୍ଭାବ: ୦୨।୦୧।୧୯୩୩
ତିରୋଧାନ: ୦୫।୦୫।୨୦୨୨

ଆପଣ ଆମମାନଙ୍କୁ ଛାଡ଼ିଚାଲିଯିବାର ୧୧ଦିନ ବିତିଗଲା। ସତେ ଯେମିତି କାଲି ପରି ଲାଗୁଛି। ଆପଣଙ୍କ ସ୍ନେହ, ହସହସ ମୁହଁ ଓ ସମସ୍ତଙ୍କ ପ୍ରତି ଶ୍ରଦ୍ଧା ସବୁବେଳେ ମନେ ପଡ଼ିବ। ଆପଣଙ୍କ ଶୂନ୍ୟତା ଆମ ସମସ୍ତଙ୍କ ପାଇଁ ଅପୂରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ: ପୁଅ: ସୁବ୍ରତ ଦାସ, ସୁମନ୍ତ, ସୁକାନ୍ତ, ପ୍ରଭାତ, ଝିଅ: ମମତା, ଜ୍ୱାଇଁ: ସୁବାସ ମହାନ୍ତି, ବୋହୂ: ବୀଣାପାଣି, ରଞ୍ଜିତା, ସ୍ୱମିତ୍ରୀ ପ୍ରଭା, ସେଦାମିନୀ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ ଓ ପୁତୁରା ।
ଧ-୪୩୩

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ରଜନୀକାନ୍ତ ମହାପାତ୍ର**
ପ୍ଲଟ୍ ନଂ-୫, ଶକ୍ତିନଗର, କଟକ

ତିରୋଧାନ: ୦୯।୦୫।୨୦୦୯

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା , ପରୋପକାରିତା ଆମମାନଙ୍କ ହୃଦୟରେ ଚିରଦିନ ପାଇଁ ପ୍ରେରଣାର ଉତ୍ସ ଓ ସ୍ମୃତିହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ ।

ଶୋକସନ୍ତପ୍ତ: ପତ୍ନୀ, କନ୍ୟା, ଜାମାତା, ନାତୁଣୀ (ମୀରାୟା), ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୪୩୬

### ୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରମାମଣୀ ମହାପାତ୍ର**
ପ୍ଲଟ୍ ନଂ.- A/7, ନାଗେଶ୍ୱରଟାଙ୍ଗୀ ଓଲ୍ଡ ଟାଉନ୍, ଭୁବନେଶ୍ୱର

ଆବିର୍ଭାବ: ମାଘ ସପ୍ତମୀ ୧୯୪୩
ତିରୋଧାନ:ବୈଶାଖ ପୂର୍ଣ୍ଣିମା ୨୦୦୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୪୪୦

### ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳୀ



**୰ ରମାବଲ୍ଲଭ ରଥ**
ବାଣୀବିହାର ୩ୟ ଲାଇନ୍, ଆସିକା
ତିରୋଧାନ : ୦୪.୫.୨୦୨୨ (ବୁଧବାର)

ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।

- ଶୋକସନ୍ତପ୍ତ -
ହତଭାଗିନୀ ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟ ସ୍ୱଜନ
ଧ-୪୪୧



# ସୋସିଆଲ୍ ମିଡିଆ କ୍ରେଜ୍

**ସୋସିଆଲ୍ ମିଡିଆରେ ଅପଡେଟ୍ ରହିବା ଯେମିତି ବର୍ତ୍ତମାନ ଅଧିକାଂଶଙ୍କ ପାଇଁ ଏକ ନିଶା ପାଲଟିଗଲାଣି। ବିଶେଷକରି ଯୁବପିଢ଼ିଙ୍କଠାରେ ଏହାର କ୍ରେଜ୍ ଏତେ ଅଧିକ ଯେ, ଏହା ଆଳରେ ସେମାନେ ନିଜ ରୁଚି ସାଙ୍ଗକୁ ଜୀବନଶୈଳୀକୁ ବି ବଦଳାଇବାକୁ ପଛାଉ ନାହାନ୍ତି ତେବେ ଏହି ପରିବର୍ତ୍ତନ ବି ବିଭିନ୍ନ ଅସୁବିଧାର କାରଣ ସାଜୁଛି ସେ ଦିଗରେ ସେମାନ ସଚେତନ ନାହାନ୍ତି...**

**ଖାଦ୍ୟରୁଚିରେ ପରିବର୍ତ୍ତନ:** ବର୍ତ୍ତମାନ ଅନ୍‌ଲାଇନ୍‌ରେ ବିଶେଷକରି ସୋସିଆଲ୍ ମିଡିଆରେ ନିଜକୁ ଅପ୍‌ଡେଟ୍ ରଖିବା ଲାଗି ନିଜର ପ୍ରତିଟି କାର୍ଯ୍ୟର ଫଟୋ କିମ୍ବା ଭିଡିଓକୁ ଅଧିକାଂଶ ଯୁବପିଢ଼ି ଷ୍ଟାଟସ୍ ରଖିବାରେ ବେଶ୍ ଆଗଭର ହେଉଥିବାର ଦେଖିବାକୁ ମିଳୁଛି। ଯେଉଁଥିରୁ ବାଦ୍ ପଡୁନି ସେମାନଙ୍କ ଦୈନନ୍ଦିନ ଖାଦ୍ୟ। ସେମାନେ କେତେ ପ୍ରକାରର ନୂଆ ନୂଆ ଖାଦ୍ୟ ଖାଉଛନ୍ତି ଦେଖାଇବା ନିଶାରେ ନିଜର ଦୈନନ୍ଦିନ ଖାଦ୍ୟ ରୁଚିକୁ ବି ବଦଳାଇବାକୁ ପଛାଉନାହାନ୍ତି। ଭାତ, ଡାଲି, ତରକାରି ଆଦି ଘରୋଇ ଖାଦ୍ୟ ବଦଳରେ ବିଭିନ୍ନ





ପ୍ରକାର ତେଲ ମସଲା ଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଖାଉଛନ୍ତି। ଏଥିରେ ପ୍ରଚୁର ପରିମାଣରେ ଥିବା ତେଲ, ମସଲା, ଲହୁଣି, ଘିଅ, ମିଠା, ଲୁଣ, ରଙ୍ଗ, ମହକ(ଏସେନ୍ସ/ଫ୍ଲେଭର୍) ଆଦିର ଗୁଣାତ୍ମକମାନ ସନ୍ଦେହ ଘେରରେ। ଏହାବ୍ୟତୀତ ଏଥିରେ ହିତକର ଫାଇଟୋକ୍ଵିଟିକାଲ୍ ଡାଏଟିକ୍ ଫାଇବର୍ ଓ ଆଣ୍ଟିଅକ୍ସିଡାଣ୍ଟର ପରିମାଣ ମଧ୍ୟ ନଗଣ୍ୟ। ଯେଉଁଥିପାଇଁ ସେମାନଙ୍କଠାରେ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ବର୍ତ୍ତମାନର ଯୁବପିଢ଼ି ସାଙ୍ଗସାଥୀଙ୍କ ସହ ମିଶି ହୋଟେଲ୍, ରେଷ୍ଟୁରାଣ୍ଟ ଆଦିରେ ବାରମ୍ବାର ଏଭଳି ଖାଦ୍ୟ ଖାଇବା ଦ୍ୱାରା ଯୁବାବସ୍ଥାରେ ସେମାନଙ୍କଠାରେ ଗ୍ୟାସ୍ ସମସ୍ୟା ବଢ଼ିବା ସହ ମେଟାବୋଲିଜ୍‌ମ ସ୍ତର ହ୍ରାସ ପାଇଥାଏ। ଏହା ବ୍ୟତୀତ ମେଦବହୁଳତା, ହୃଦ୍‌ରୋଗ, ଉଚ୍ଚରକ୍ତଚାପ, ଡାଇବେଟିସ୍, କ୍ୟାନ୍‌ସର୍, ଆଣ୍ଠୁଗଣ୍ଠି ବାତ ବା ଆର୍ଥ୍ରାଇଟିସ୍ ଇତ୍ୟାଦି ରୋଗର ମୂଳଦୁଆ ପଡ଼ିଥାଏ। ତେଣୁ ଅନ୍ୟକୁ ଦେଖାଇବା ନିଶାରେ ଯେପରି ନିଜର ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ।

**ଆକର୍ଷଣୀୟ ଲୁକ୍ ମାନିଆ :** ବର୍ତ୍ତମାନ ଯୁବତୀ ହୁଅନ୍ତୁ ଅବା ଯୁବକଙ୍କ ମଧ୍ୟରେ ସୋସିଆଲ୍ ମିଡିଆରେ ସୁନ୍ଦର ଏବଂ ଆକର୍ଷଣୀୟ ଫଟୋ ଏବଂ ଭିଡିଓ ପୋଷ୍ଟ କରି ଅଧିକରୁ ଅଧିକ ଲାଇକ କମେଣ୍ଟ ପାଇବାକୁ ନେଇ ଯେମିତି ଏକ ପ୍ରକାର ପ୍ରତିଯୋଗିତା ଚାଲିଛି । ତେବେ ଏଥିପାଇଁ ଯେ କେବଳ ସେମାନେ ଫଟୋ, ଭିଡିଓ ଏଡିଟିଙ୍ଗ୍ ଆପ୍‌ଗୁଡିକରେ ବିଭିନ୍ନ ପ୍ରକାରର ଫିଲ୍ଟର ବ୍ୟବହାର କରୁଛନ୍ତି ତା' ନୁହେଁ ବରଂ ବ୍ୟୁଟିପାର୍ଲର ଯିବା, ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିବାଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀର ଫେଆର୍‌ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରିବାକୁ ବି ପଛାଉ ନାହାନ୍ତି। ତେବେ ଏଭଳି ପ୍ରଡକ୍ଟରେ ଥିବା ମର୍କ୍ୟୁରୀ, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ସାଙ୍ଗକୁ ମାତ୍ରାଧିକ ଷ୍ଟେରଏଡ୍ ତ୍ୱଚାରୁ ମେଲାନିନ୍ ମାତ୍ରା ହ୍ରାସ କରିଥାଏ ସତ, ହେଲେ ଏଭଳି କ୍ରିମ୍ ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ, କଳା ଦାଗ, ଷ୍ଟ୍ରେଚ୍‌ମାର୍କ ଭଳି ସମସ୍ୟା ସୃଷ୍ଟି କରିଥାଏ। ଏହାଛଡା ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ କେଶର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ହେୟାର ଷ୍ଟ୍ରେଟ୍‌ନିଂ, କଲରିଂକରିବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଶାମ୍ପୁ, କଣ୍ଡିଶନର୍, ସେରମ୍, ଜେଲ୍, ୱାକ୍ସ ଆଦି ବ୍ୟବହାର କରୁଛନ୍ତି। ଯାହାକି ଅନେକଙ୍କଠାରେ କେଶ ପାଚିବା, କେଶ ଝଡିବା ଏବଂ ଚନ୍ଦାପଣ ଭଳି ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଚକ୍ଷୁ, ଚର୍ମ ଓ ଫୁସ୍‌ଫୁସ୍ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି ବର୍ତ୍ତମାନ ବହୁ ପରିମାଣରେ ବ୍ୟବହାର କରାଯାଉଥିବା ଲିପ୍‌କଲର ବା ଲିପ୍‌ଷ୍ଟିକ୍‌ରେ ମିଶୁଥିବା କେମିକାଲ୍ ଯଥା ସୀସା ଓଠର ନମନୀୟତା ହ୍ରାସ କରିବା ସହ ପାଟିବାଟେ ଯାଇ ମସ୍ତିଷ୍କକୁ ପ୍ରଭାବିତ କରି ସ୍ମରଣଶକ୍ତି ହ୍ରାସ କରିଥାଏ। କେବଳ ଏତିକି ନୁହେଁ ଡିଓ ବା ପରଫ୍ୟୁମ୍ ବ୍ୟବହାର ପ୍ରତି ଆଜିର ଯୁବପିଢ଼ି ଖୁବ୍ ଆଗ୍ରହୀ। ହେଲେ ଏଭଳି ପ୍ରଡକ୍ଟରେ ମିଶୁଥିବା ଆଲୁମିନିୟମ୍, ପ୍ରୋପିଲିନ୍ ଗ୍ଲାଇକଲ, ଥାଲେଟ୍‌ସ ଓ ଟ୍ରାଇକ୍ଲୋସାନ୍ ଭଳି ମାରାତ୍ମକ ରାସାୟନିକ ଦ୍ରବ୍ୟ ଚର୍ମ ସହିତ ମାଂସପେଶୀ ସଙ୍କୁଚିତ ହୋଇ ରହିଥାଏ ଏବଂ ଆବଶ୍ୟକ ମାତ୍ରାରେ

## ଜାଣି ରଖନ୍ତୁ

ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବା ଭଲ, ହେଲେ ଏଥିପାଇଁ ଘଣ୍ଟା ଘଣ୍ଟା ମୋବାଇଲ୍ କିମ୍ବା କମ୍ପ୍ୟୁଟର ବ୍ୟବହାର ଆଳରେ ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା ମଧ୍ୟ ଅନେକଙ୍କଠାରେ ବିଭିନ୍ନ ସମସ୍ୟା ଉପୁଜୁଛି। କାରଣ ଏହାଦ୍ୱାରା ଶାରୀରିକ ପରିଶ୍ରମ ନ ହେବାରୁ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା, ଆଖିତଳ କଳାପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣ ଶକ୍ତି, ଦୃଷ୍ଟି ଶକ୍ତି, ଶ୍ରବଣ ଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ତା'ଛଡା କେତେକଙ୍କଠାରେ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ମଧ୍ୟ ଦେଖାଦେଉଛି। ସର୍ବୋପରି ଏହାଦ୍ୱାରା ସମୟ ନଷ୍ଟ ହେବା ସହ ନିଜ କର୍ମମୟ ଜୀବନରେ ମଧ୍ୟ ଅବହେଳା ହେବାର ଆଶଙ୍କା ରହିଛି।

କିଡ୍‌ନୀ ଓ ହୃତ୍‌ପିଣ୍ଡ ଉପରେ ବି ପ୍ରଭାବ ପକାଇଥାଏ।

**ଫ୍ୟାଶନ୍ କେଜ୍ ବି କ୍ଷତିକାରକ:** ସୋସିଆଲ୍ ମିଡିଆରେ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡ ସହ ଅପ୍‌ଡେଟ୍ ରହିବା ଲାଗି ଆଜିର ଯୁବପିଢ଼ି ଯେଉଁଭଳି ପୋଷାକ ଏବଂ ଆସେସୋରିଜ୍ ବ୍ୟବହାର କରୁଛନ୍ତି ତାହାହିଁ ଅପରପକ୍ଷେ ସେମାନଙ୍କ ଲାଗି ବିପଦ ଡାକି ଆଣୁଛି। ଉଦାହରଣ ସ୍ୱରୂପ ଟାଇଟ୍ ପୋଷାକକୁ ନିଆଯାଇପାରେ। ଯାହାକି ସ୍ଲିମ୍‌ଫିଟ୍ ଏବଂ ଆକର୍ଷଣୀୟ ଦେଉଥିଲେ ହେଁ ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ବିଶେଷକରି ଟାଇଟ୍ ଜିନ୍ସ ପିନ୍ଧିବା ଯୋଗୁ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ସ୍ଥାନରେ ଅମ୍ଳଜାନ ପହଞ୍ଚି ପାରି ନ ଥାଏ। ଫଳରେ ଉକ୍ତ ସ୍ଥାନଗୁଡ଼ିକରେ ଥିବା ସ୍ନାୟୁ ଦୁର୍ବଳ ହୋଇପଡେ ଏବଂ ଧୀରେ ଧୀରେ ଗୋଡ଼ର କାର୍ଯ୍ୟକ୍ଷମତା ହ୍ରାସ ପାଇ ଆଣ୍ଠୁ, ଅଣ୍ଟା, ପାଦ ଏବଂ ପିଠିରେ ମଧ୍ୟ ଯନ୍ତ୍ରଣା ଅନୁଭବ ହୋଇଥାଏ। ସେହିପରି ବର୍ତ୍ତମାନ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଥିବା ଭଳିକି ଭଳି ସିନ୍ଥେଟିକ୍ ପୋଷାକ ସ୍କିନ୍ ଫ୍ରେଣ୍ଡଲୀ ହୋଇ ନ ଥିବାରୁ ଝାଳ ଲାଗି କୁଣ୍ଡାଇହୋଇ ଫଳିଯିବା ବା ଫଲିକ୍ୟୁଲିଟିସ୍, ଅନ୍ୟ ଫଙ୍ଗାଲ ଇନ୍‌ଫେକ୍ସନର କାରଣ ସାଜିଥାଏ। ତେବେ ଫ୍ୟାଶନ୍ ଆଳରେ ଅଧିକରୁ ଅଧିକ ଏସବୁ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ନା କେବଳ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି ବରଂ ଏସବୁ କିଣିବାରେ ମଧ୍ୟ ଅନେକ ଟଙ୍କା ନଷ୍ଟ ହେଉଛି।



## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ରିଜିଓନାଲ ର୍‍ୟାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍‌କୁ ............ କମ୍ପାନୀ ଡିଜାଇନ୍ କରିଛି ?
୨– ୪ର୍ଥ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୨ର ମାସ୍କଟ୍ ............ ?
୩– 'ପିଏମ୍ ମିତ୍ର' ସ୍କିମ୍ ........ କେନ୍ଦ୍ର ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି।
୪– ରୁକୈୟା ସୁଲ୍‌ତାନ ବେଗମ୍ ମୋଗଲ ସମ୍ରାଟ୍ .........ଙ୍କ ପତ୍ନୀ ଥିଲେ ?
୫– ନ୍ୟାଶନାଲ୍ ଆଚିଭ୍‌ମେଣ୍ଟ ସର୍ଭେ ........ ବର୍ଷରେ ଥରେ କରାଯାଇଥାଏ।

## ଗତ ଥରର ଉତ୍ତର

୧ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ
୨ ବେଙ୍ଗାଲୁରୁ
୩ ଏଲିଶା ଓଟିସ୍
୪ ଜେନେଭା
୫ ୧୯୧୫ ମସିହା

## ଉତ୍ତରଦାତା



ଧର୍ମପଦ ତ୍ରିପାଠୀ, ଭୁବନେଶ୍ୱର



ପ୍ରମିଳା ତ୍ରିପାଠୀ, ଭଦ୍ରକ



ଭୁବନ ଆନନ୍ଦ ରାଉତ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଦୀର୍ଘତମ ହାଇୱେ



୧– ପାନ୍ ଆମେରିକାନ୍ ହାଇୱେ.............................. ୪୮,୦୦୦ କି.ମି.
୨– ହାଇୱେ ୧, ଅଷ୍ଟ୍ରେଲିଆ.............................. ୧୪, ୫୦୦ କି.ମି.
୩– ଟ୍ରାନ୍ସ ସାଇବେରିଆନ୍ ହାଇୱେ.............................. ୧୧,୦୦୦ କି.ମି.
୪– ଟ୍ରାନ୍ସ କାନାଡା ହାଇୱେ.............................. ୭,୮୨୧ କି.ମି.
୫– ଗୋଲ୍ଡେନ୍ କ୍ୱାଡ୍ରିଲାଟେରାଲ୍ ହାଇୱେ ନେଟ୍‌ୱର୍କ ଇଣ୍ଡିଆ..... ୫,୮୪୬ କି.ମି.
୬– ଚାଇନା ନ୍ୟାଶନାଲ୍ ହାଇୱେ ୦୧୦.............................. ୫,୭୦୦ କି.ମି.
୭– ୟୁଏସ୍ ରୁଟ୍ ୨୦.............................. ୫, ୪୧୫ କି.ମି.
୮– ୟୁଏସ୍ ରୁଟ୍ ୬ .............................. ୫, ୧୫୮ କି.ମି.
୯– ଇଣ୍ଟରଷ୍ଟେଟ୍ ୯୦, ୟୁଏସ୍.............................. ୪,୮୬୦ କି.ମି.
୧୦– ଇଣ୍ଟରଷ୍ଟେଟ୍ ୮୦, ୟୁଏସ୍.............................. ୪, ୬୬୬ କି.ମି.

# ଗାଁଠୁ ଛୋଟ ଦେଶ

**ଏଇ ପୃଥିବୀରେ ଏମିତି ବି ଦେଶ ରହିଛି ଯାହାର କ୍ଷେତ୍ରଫଳ ଗୋଟିଏ ଛୋଟ ଗାଁଠାରୁ ବି କମ୍। ସେଭଳି ଏକ ଦେଶ ହେଉଛି ମୋନାକୋ। ଜାଣିବା ଏହି ଦେଶ ସମ୍ପର୍କରେ କିଛି ରୋଚକ ତଥ୍ୟ...**

- ମାନବ ବିକାଶ ସୂଚୀ ୧ରୁ ଅଧିକ ଥିବାରେ ଏହା ହେଉଛି ପୃଥିବୀର ଏକମାତ୍ର ଦେଶ।
- ଭାଟିକାନ ସିଟି ପରେ ପୃଥିବୀର ସବୁଠୁ କ୍ଷୁଦ୍ରତମ ଦେଶ ହେଉଛି ମୋନାକୋ। ଯାହାର କ୍ଷେତ୍ରଫଳ ମାତ୍ର ୨.୦୨ ବର୍ଗ କିଲୋମିଟର।
- ୨୦୧୬ ଜନଗଣନା ଅନୁଯାୟୀ ଏହାର ଜନସଂଖ୍ୟା ୩୮,୪୯୯। ସାନ୍ଦ୍ରତା ବା ସ୍ଥାନ ପ୍ରତି ଜନସଂଖ୍ୟା ଅନୁସାରେ ଏହା ପୃଥିବୀର ଜନଗହଳି ଦେଶ। ତେବେ ପ୍ରତିଦିନ ଏଠାରକୁ ଇଟାଲୀ ଏବଂ ଫ୍ରାନ୍ସରୁ ୫୦,୦୦୦ କର୍ମୀ ଆସୁଥିବାରୁ ଏହାର ଜନସଂଖ୍ୟା ଦୁଇଗୁଣ ହୋଇଯାଏ।
- ପୃଥିବୀର ଧନିକ ଶ୍ରେଣୀୟ ବ୍ୟକ୍ତିମାନଙ୍କ ଲାଗି ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ। ବିଶେଷକରି ଏଠାରେ ଥିବା କ୍ୟାସିନୋ ଡେ ମଣ୍ଟେକାର୍ଲୋରେ ବସି ଜୁଆ ଏବଂ ଅନ୍ୟାନ୍ୟ ଖେଳର ମଜା ନେବା ଏବଂ ଓସେନୋଗ୍ରାଫିକ ମ୍ୟୁଜିୟମ୍‌ରେ ଗଭୀର ସମୁଦ୍ରର ବିଭିନ୍ନ ଦୃଶ୍ୟକୁ ଉପଭୋଗ ଲାଗି ପର୍ଯ୍ୟଟକ ବେଶି ଆକୃଷ୍ଟ ହୋଇଥାନ୍ତି। ଏହି ଜୁଆଖେଳ ଟେବୁଲ୍‌ଗୁଡିକ ୧୮୫୬ ମସିହାରୁ ରହିଥିବା କୁହାଯାଏ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏଠାକାର ବାସିନ୍ଦାଙ୍କୁ କ୍ୟାସିନୋ ମଧ୍ୟରେ ଜୁଆ ଖେଳିବାର ଅନୁମତି ନାହିଁ।
- ଏହି ଦେଶର ସମସ୍ତ ରାଜକୋଶ ଏହାର ପର୍ଯ୍ୟଟନ ଏବଂ କ୍ୟାସିନୋରୁ ଆସିଥାଏ।
- ଏଠାରେ ଆୟୋଜିତ ଗ୍ରାଣ୍ଡ ପ୍ରିକ୍ସ କାର୍ ରେସ୍ ବିଶ୍ୱ ପ୍ରସିଦ୍ଧ।
- ଏଠାକାର ସ୍ଥାୟୀ ବାସିନ୍ଦାଙ୍କୁ ମୋନେଗାସ୍କ୍ କୁହାଯାଉଥିବା ବେଳେ ବାହାର ଦେଶରେ ଜନ୍ମିତ କିନ୍ତୁ ଏଠାରେ ଘର କରି ରହୁଥିବା ବାସିନ୍ଦାଙ୍କୁ ମୋନାକୋଇଆନ୍ ବୋଲି କୁହାଯାଇଥାଏ।



**ୟୁଥ୍ ଫ୍ୟାଶନ୍**

# କାଓ ପ୍ରିଣ୍ଟ ଫ୍ୟାଶନ୍

**ଯୁବପିଢ଼ିଙ୍କ ଫ୍ୟାଶନ୍ ମାନିଆକୁ ଦେଖି ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ପ୍ରକାର ଷ୍ଟାଇଲିସ୍ ପ୍ରିଣ୍ଟର ଡ୍ରେସ୍ ଓ ଆସେସରିଜ୍ ମିଳୁଛି। ଏମିତିରେ ଡିଫରେଣ୍ଟ ଲୁକ୍ ପାଇଁ ବର୍ତ୍ତମାନ କାଓ ପ୍ରିଣ୍ଟ ଫ୍ୟାଶନ୍ ଏହି ଲିଷ୍ଟରେ ଯୋଡ଼ି ହୋଇଯାଇଛି। ଯାହା ପ୍ରତି ଯୁବପିଢ଼ିଙ୍କ କ୍ରେଜ୍ ବଢୁଥିବା ଦେଖିବାକୁ ମିଳୁଛି...**



**କାଓ ପ୍ରିଣ୍ଟ ଡ୍ରେସ୍:** ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କିମ୍ବା ବ୍ରାଉନ୍ ଆଣ୍ଡ ହ୍ୱାଇଟ୍ କଲର କାଓ ପ୍ରିଣ୍ଟ ଡ୍ରେସ୍ ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଏହି ପ୍ରିଣ୍ଟର ଟପ୍ସ, ଜ୍ୟାକେଟ୍, ପ୍ୟାଣ୍ଟ, ପ୍ଲାଜୋ, ସ୍କର୍ଟ, ଶାଢ଼ି ଇତ୍ୟାଦି ମାର୍କେଟ୍‌ରେ ଉପଲବ୍ଧ। ଏହାକୁ ପିନ୍ଧିଲେ ଫ୍ୟାଶନେବଲ୍ ଏବଂ ଟ୍ରେଣ୍ଡି ଲୁକ୍ ପାଇପାରିବେ।

**ନେଲ୍ ଆର୍ଟ:** ଆପଣ ନଖକୁ ସୁନ୍ଦର ଦେଖାଯିବା ପାଇଁ ବିଭିନ୍ନ ପ୍ରକାର ନେଲ୍ ଆର୍ଟ ଟ୍ରାଏ କରିଥିବେ। ତେବେ ବର୍ତ୍ତମାନ ଲାଟେଷ୍ଟ କାଓ ପ୍ରିଣ୍ଟ ନେଲ୍ ଆର୍ଟ ଥରେ ଟ୍ରାଏ କରନ୍ତୁ। ଏଥିରେ ନଖ ସୁନ୍ଦର ଦେଖାଯିବା ସହ ସମସ୍ତଙ୍କଠାରୁ ଡିଫରେଣ୍ଟ ଲାଗିବ।

**ବ୍ୟାଗ୍ ଓ ପର୍ସ:** ଯୁବତୀ ହୁଅନ୍ତୁ କି ଯୁବକ ବିଭିନ୍ନ ପ୍ରକାରର ଷ୍ଟାଇଲିସ୍ ବ୍ୟାଗ୍ କିମ୍ବା ପର୍ସ କ୍ୟାରି କରନ୍ତି। ବର୍ତ୍ତମାନ କାଓ ପ୍ରିଣ୍ଟର ବ୍ୟାଗ୍ ଓ ପର୍ସ ଟ୍ରାଏ କରନ୍ତୁ। ଏହି ପ୍ରିଣ୍ଟର ୱାଲେଟ୍ ଠାରୁ ଆରମ୍ଭ କରି କାର୍ଡ ହୋଲଡର୍ ପକେଟ୍ ୱାଲେଟ୍, ସୋଲଡର୍ ବ୍ୟାଗ୍, ହ୍ୟାଣ୍ଡ ବ୍ୟାଗ୍, ହ୍ୟାଣ୍ଡ ପର୍ସ ଇତ୍ୟାଦି ମାର୍କେଟରେ ଓ ଅନଲାଇନ୍ ସାଇଟ୍‌ରେ ମଧ୍ୟ ଉପଲବ୍ଧ। ଟ୍ରିପ୍ କିମ୍ବା ପିକ୍‌ନିକ୍‌ରେ ଯାଉଥିଲେ କାଓ ପ୍ରିଣ୍ଟର ବ୍ୟାଗ୍‌ପ୍ୟାକ୍ କ୍ୟାରି କଲେ ୟୁନିକ୍ ଲୁକ୍ ପାଇପାରିବେ।

**ସ୍କାର୍ଫ:** ଖରାଦିନ ହେଉ କି ବର୍ଷାଦିନ ସ୍କାର୍ଫ ସବୁବେଳେ ଫ୍ୟାଶନ୍‌ରେ ରହିଥାଏ। ତେବେ ଆପଣଙ୍କ ସିମ୍ପଲ୍ ଲୁକ୍‌କୁ ଷ୍ଟାଇଲିସ୍ କରିବା ପାଇଁ କାଓ ପ୍ରିଣ୍ଟର ସ୍କାର୍ଫ ବ୍ୟବହାର କରନ୍ତୁ। ଟ୍ରାଡିଶନାଲ୍ କୁର୍ତ୍ତି ହେଉ ଅବା ଜିନ୍ସରେ କାଓ ପ୍ରିଣ୍ଟର ସ୍କାର୍ଫ ବ୍ୟବହାର କଲେ ଡିଫରେଣ୍ଟ ଓ ଫ୍ୟାଶନେବଲ୍ ଲାଗିବେ।

**ଆସେସରିଜ୍:** ଲେଦର୍, ଭିସ୍କସ୍ କିମ୍ବା ୱେଭିଂ ବେଲ୍ଟ ପିନ୍ଧି ବୋର୍ ହୋଇଗଲେଣି କି, ତେବେ ଆପଣଙ୍କ ପାଇଁ କାଓ ପ୍ରିଣ୍ଟେଡ୍ ବେଲ୍ଟ ଏବେ ବେଷ୍ଟ ଅପ୍ସନ। ଏହା ପାର୍ଟି ଫଙ୍କଶନ୍ କିମ୍ବା ସାଙ୍ଗମାନଙ୍କ ସହ ଗେଟ୍ ଟୁଗେଦର୍ ଗଲା ବେଳେ ପିନ୍ଧିଲେ ଫଙ୍କି ଲୁକ୍ ଦେବ। କଳା କିମ୍ବା ଧଳା କଲର୍ ଡ୍ରେସ୍ ସହ ଏହି ବେଲ୍ଟ ଟିମ୍‌ଅପ୍ କରିପାରିବେ। ସେହିପରି ଏହି ପ୍ରିଣ୍ଟର ବୁଟ୍‌ରୁ ଆରମ୍ଭ କରି ହାଇ ହିଲ୍, ଫ୍ଲାଟ୍ ହିଲ୍ ଭଳି ବିଭିନ୍ନ ପ୍ରକାରର ଫୁଟ୍‌ୱେର୍



ମିଳୁଛି, ଯାହାକୁ ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇ ପାରିବେ। ଏଥିସହ ଏହି ପ୍ରିଣ୍ଟର ଫେସ୍ ମାସ୍କ, ମୋବାଇଲ୍ କଭର୍, କ୍ୟାପ୍ ଇତ୍ୟାଦି ମଧ୍ୟ ଉଭୟ ମାର୍କେଟ ଓ ଅନଲାଇନ୍ ସାଇଟ୍‌ରେ ମିଳୁଛି।

**ଜୁଏଲେରି:** ଏହି ପ୍ରିଣ୍ଟର ଇୟରିଂ, ନେକଲେସ୍, ପେଣ୍ଡେଣ୍ଟ, ବ୍ରେସଲେଟ୍ ଓ ରିଙ୍ଗ୍ ଟ୍ରାଏ କରନ୍ତୁ। ଟ୍ରାଡିଶନାଲ୍ ହେଉ କି ୱେଷ୍ଟର୍ନ ସବୁ ପ୍ରକାର ଡ୍ରେସ୍‌ରେ ଏସବୁ ଜୁଏଲେରି ପେୟାର୍ ଅପ୍ କଲେ ସମସ୍ତଙ୍କଠାରୁ ୟୁନିକ୍ ଲୁକ୍ ପାଇପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୫ ମେ, ୨୦୨୨ Sambalpur, Sunday, May 15/2022

# ଷଷ୍ଠ ସ୍ଥାନରେ କେକେଆର୍

**ପୁଣେ,୧୪।୫:** ଆଣ୍ଡ୍ରେ ରସେଲଙ୍କ ଅଲାରଉଣ୍ଡ ପ୍ରଦର୍ଶନ ବଳରେ ସନରାଇଜର୍ସ ହାଇଦ୍ରାବାଦ୍‌କୁ ୫୪ ରନ୍‌ରେ ହରାଇ ଦେଇଛି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)। ଏହି ବିଜୟ ଯୋଗୁ ୧୨ ପଏଣ୍ଟ ସହିତ କୋଲକାତା ପଏଣ୍ଟ ଟେବୁଲରେ ୬ଷ୍ଠ ସ୍ଥାନକୁ ଉଠିବା ସହ ତା'ର ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍‌କୁ ଓପନର ଅଜିଙ୍କ୍ୟ ରାହାନେ(୨୮ ରନ୍, ୩ ଛକା) ଓ ନୀତୀଶ ରାଣା(୨୬ ରନ୍, ୧ ଚୌକା ଓ ୩ ଛକା) ୪୮ ରନ୍‌ର ଭଲ ଆରମ୍ଭ ଦେଇଥିଲେ। ଦୁଇ ସେଟ୍ ବ୍ୟାଟରଙ୍କୁ ଉମ୍ରାନ ଗୋଟିଏ ଓଭରରେ ପ୍ୟାଭିଲିଅନ ପଠାଇ ଥିଲେ। ପରବର୍ତ୍ତୀ ଓଭରରେ ଅଧିନାୟକ ଆୟାର(୧୫)ଙ୍କୁ ଉମ୍ରାନ ଆଉଟ୍ କରି କେକେଆରକୁ ସଙ୍କଟରେ ପକାଇ ଦେଇଥିଲେ। ତା' ପରେ ରସେଲ(୪୯* ରନ୍, ୩ ଚୌକା ଓ ୪ ଛକା) ଓ ସାମ ବିଲିଂସ(୩୪ ରନ୍, ୩ ଚୌକା ଓ ୧ ଛକା) ୬ଷ୍ଠ ଉଇକେଟ ଲାଗି ୭୩ ରନ୍ ଯୋଡ଼ିଥିଲେ। ଫଳରେ କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୧୭୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ହାଇଦ୍ରାବାଦ୍ ପାଇଁ ଉମ୍ରାନ ୩ ଉଇକେଟ ନେଇଥିଲେ। ଜବାବରେ ହାଇଦ୍ରାବାଦ୍ ଲଗାତର ବ୍ୟବଧାନରେ ଉଇକେଟ ହରାଇବାରୁ ମ୍ୟାଚ୍ ଜିତିବା ପରିସ୍ଥିତି ସୃଷ୍ଟି କରିପାରି ନ ଥିଲା। ଓପନର ଅଭିଷେକ ଶର୍ମା ୪୩(୪ ଚୌକା ଓ ୨ ଛକା) ଓ ଏଡେନ ମାରକ୍ରାମ ୩୨(୩ ଛକା) ରନ୍ କରିଥିଲେ। ହାଇଦ୍ରାବାଦ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା।


ଆଣ୍ଡ୍ରେ ରସେଲ

### ସଂକ୍ଷିପ୍ତ ସ୍କୋର

**କୋଲକାତା ନାଇଟ୍ ରାଇଡର୍ସ:** ୨୦ ଓଭରରେ ୧୭୭/୬ (ରସେଲ-୪୯*, ବିଲିଙ୍ଗ୍ସ-୩୪, ଉମ୍ରାନ-୩/୩୩, ଭୁବନେଶ୍ୱର-୧/୨୭)।

**ସନରାଇଜର୍ସ ହାଇଦ୍ରାବାଦ୍:** ୨୦ ଓଭରରେ ୧୨୩/୮(ଅଭିଷେକ-୪୩, ମାରକ୍ରାମ-୩୨, ରସେଲ-୩/୨୨, ସୌଦି-୨/୨୩)।

## ଆଇପିଏଲ୍-୧୫

### ଆଜିର ମ୍ୟାଚ

**ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଗୁଜରାଟ ଟାଇଟାନ୍ସ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ରାଜସ୍ଥାନ ରୟାଲ୍ସ**
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୨ | ୯ | ୩ | ୧୮ | +୦.୩୭୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୨ | ୮ | ୪ | ୧୬ | +୦.୩୮୫ |
| ରାଜସ୍ଥାନ ରୟାଲ୍ସ | ୧୨ | ୭ | ୫ | ୧୪ | +୦.୨୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | -୦.୩୨୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | +୦.୨୧୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | +୦.୦୨୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୫ | ୭ | ୧୦ | -୦.୨୭୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୪ | ୮ | ୮ | +୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୩ | ୯ | ୬ | -୦.୬୧୩ |

# ଓଡ଼ିଶା ସେମିଫାଇନାଲରେ

### ଜାତୀୟ ସିନିୟର ମହିଳା ହକି

**ଭୋପାଳ, ୧୪।୫ (ପି.ଟି.)**

ଝାଡ଼ଖଣ୍ଡ, ହରିୟାଣା, କର୍ନାଟକ ଓ ଓଡ଼ିଶା ଦ୍ୱାଦଶ ହକି ଇଣ୍ଡିଆ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ଓଡ଼ିଶା ୨-୦ ଶୁଟଆଉଟରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ମଧ୍ୟ ପ୍ରଦେଶ ତରଫରୁ ପ୍ରଶୁ ସିଂ ପରିହାର (୧୦ମ ମିନିଟ) ଏବଂ ଓଡ଼ିଶା ପକ୍ଷରୁ ନେହା ଲାକ୍ରା (୩୮ତମ) ଗୋଲ ଦେଇଥିଲେ। ଶୁଟ୍‌ଆଉଟ୍‌ରେ ନେହା ଲାକ୍ରା ଓ ରୋଜିତା କୁଜୁର ଗୋଲ ସ୍କୋର କରି ଓଡ଼ିଶାକୁ ବିଜୟୀ କରାଇଥିଲେ। ସେହିପରି ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ହରିୟାଣା ୩-୨ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି। ପଞ୍ଜାବ ଓ କର୍ନାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିବା ପରେ ଶୁଟ୍ ଆଉଟରେ କର୍ନାଟକ ୫-୪ ଗୋଲରେ ବିଜୟୀ ହୋଇଥିଲା। ଝାଡ଼ଖଣ୍ଡ ମଧ୍ୟ ୫-୪ ଶୁଟ୍‌ଆଉଟରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା।

# ସେରେନାଙ୍କ ସମକକ୍ଷ ହେଲେ ସ୍ୱିଟେକ

**ରୋମ୍, ୧୪।୫ (ଏପି)**

ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ତଥା ପୋଲାଣ୍ଡର ଇଗା ସ୍ୱିଟେକ୍ ୬-୨, ୬-୧ରେ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଇଟାଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ତାଙ୍କ କ୍ରମାଗତ ମ୍ୟାଚ ବିଜୟ ସଂଖ୍ୟା ୨୭ରେ ପହଞ୍ଚିଥିବା ବେଳେ ସେ ୭ ବର୍ଷ ପୂର୍ବେ ସେରେନା ୱିଲିୟମ୍ସ କରିଥିବା ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ୱିଲିୟମ୍ସ ଲଗାତର ସମାନ ସଂଖ୍ୟକ ମ୍ୟାଚ ୨୦୧୪ ଓ ୨୦୧୫ରେ ଜିତିଥିଲେ। ୨୦ ବର୍ଷୀୟା ସ୍ୱିଟେକ ୫୪ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ମଧ୍ୟ ୨୦୨୦ରେ ଫ୍ରେଞ୍ଚ ଓପନ ଜିତି ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୋଲାଣ୍ଡ ଗାରୋସରେ ଏଥର ମଧ୍ୟ ତାଙ୍କୁ ଟାଇଟଲ ଫେଭରାଇଟ୍ ବିବେଚନା କରାଯାଉଛି। ସ୍ୱିଟେକ ରବିବାର ଫାଇନାଲରେ ଓନସ ଜାବେଉର କିମ୍ବା ରୁଷିଆର ଡାରିଆ କାସାଟକିନାଙ୍କୁ ଭେଟିବେ।


ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିବା ପରେ ଉତ୍‌ଫୁଲ୍ଲିତ ଇଗା ସ୍ୱିଟେକ୍।




# ସେମିଫାଇନାଲରୁ ଓଡ଼ିଶାର ବିଦାୟ

### ଜାତୀୟ ସବ୍‌ଜୁନିୟର ପୁରୁଷ ହକି

**ଗୋଆ, ୧୪।୫**

ଏଠାରେ ଚାଲିଥିବା ଦ୍ୱାଦଶ ହକି ଇଣ୍ଡିଆ ଜାତୀୟ ସବ୍ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ୨୦୨୨ର ସେମିଫାଇନାଲ ପର୍ଯ୍ୟାୟରୁ ହକି ଆସୋସିଏଶନ ଅଫ୍ ଓଡ଼ିଶା ବିଦାୟ ନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ ସମୟ ଖେଳ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଓଡ଼ିଶା ଦଳ ତରଫରୁ ସଞ୍ଜୀତ ତିର୍କୀ (୩୮ତମ ମିନିଟ) ଗୋଲ ସ୍କୋର କରି ଦଳକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ଝାଡ଼ଖଣ୍ଡର ଅଭିଷେକ ଟିଗା (୩୯ତମ) ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ପରେ ପେନାଲ୍ଟି ଶୁଟଆଉଟରେ ଝାଡ଼ଖଣ୍ଡ ୩-୧ ଗୋଲରେ ବିଜୟ ଲାଭ କରିଥିଲା। ବିଜୟୀ ଦଳ ପକ୍ଷରୁ ରୋହିତ ତିର୍କୀ, ଅସିମ ଏକ୍କା ଓ ଅଭିଷେକ ଟିଗା ଗୋଲ ସ୍କୋର କରିଥିବାବେଳେ ଓଡ଼ିଶା ପକ୍ଷରୁ ଏକମାତ୍ର ଗୋଲ ଅଧିନାୟକ ଅର୍ବିନ ଟପ୍ପୋ ସ୍କୋର କରିଥିଲେ। ଝାଡ଼ଖଣ୍ଡ ଫାଇନାଲରେ ଉତ୍ତର ପ୍ରଦେଶକୁ ଭେଟିବ। ଉତ୍ତର ପ୍ରଦେଶ ସେମିଫାଇନାଲରେ ହକି ହରିୟାଣାକୁ ୮-୦ ଗୋଲରେ ପରାସ୍ତ କରିଛି।

# ଆଇସିୟୁରେ ଓଡ଼ିଶାର ମହାନ୍ ଖେଳାଳି ଅରୂପାନନ୍ଦ

**ଭୁବନେଶ୍ୱର,୧୪।୫(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରୀଡ଼ାର ଲିଜେଣ୍ଡ ତଥା ମହାନ୍ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଏବେ ରାଜଧାନୀର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ୫ଦିନ ତଳେ ପାହାଳ ପାଖ ଜୟପୁର ଗାଁରେ ଥିବା ନିଜ ଘରେ ସେ ପଡି ଯାଇଥିଲେ। ଓଡ଼ିଶା ଖେଳ ଇତିହାସରେ ସେ ଜଣେ କିମ୍ବଦନ୍ତୀ ଖେଳାଳି। ଅରୂପାନନ୍ଦ ପ୍ରଥମ ଓଡ଼ିଆ ଖେଳାଳି ଭାବେ ଭାରତୀୟ ସିନିୟର ବାସ୍କେଟବଲ ଦଳ ପାଇଁ ଖେଳିବାର ଗୌରବ ହାସଲ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ଭାରତୀୟ ସିନିୟର ଦଳର କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଘରୋଇ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅରୂପାନନ୍ଦ ସର୍ଭିସେସ ସାଙ୍ଗକୁ ଓଡ଼ିଶା ପକ୍ଷରୁ ମଧ୍ୟ ଖେଳିଥିଲେ। ଓଡ଼ିଶାର ବାସ୍କେଟବଲ ପ୍ରସାର ଦିଗରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ଦୁଇ ଦଶନ୍ଧି ତଳୁ ସେ ବିଜୁ ପଟ୍ଟନାୟକ ଲାଇଫ୍ ଟାଇମ୍ କ୍ରୀଡ଼ା ପୁରସ୍କାର ହାସଲ କରିସାରିଛନ୍ତି। ଗତ ମାର୍ଚ୍ଚ ୨୧ରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବରେ ତାଙ୍କୁ ଲାଇଫ୍ ଟାଇମ୍ ପୁରସ୍କାର ମିଳିଥିଲା। ତାଙ୍କ ଚିକିତ୍ସା ଭାର ପରିବାର ଲୋକେ ବୁଝୁଥିଲା ବେଳେ ଓଡ଼ିଶା ସରକାରଙ୍କ ପାଖରୁ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି। ଚିକିତ୍ସା ପରବର୍ତ୍ତୀ ସମୟରେ ତାଙ୍କୁ କିପରି ଉନ୍ନତ ସେବା ମିଳିବ ସେ ଦିଗରେ ଓଡ଼ିଶା ସରକାରଙ୍କ ଠାରୁ ସହାୟତା ଲୋଡ଼ିଛନ୍ତି।

# ରାୟୁଡୁଙ୍କ ୟୁ ଟର୍ନ

**ମୁମ୍ବାଇ,୧୪।୫:** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟର ଅମ୍ବାତି ରାୟୁଡୁ ଶନିବାର ଚଳିତ ଆଇପିଏଲ ତାଙ୍କର ଅନ୍ତିମ ସିଜନ ହେବ ବୋଲି ଟୁଇଟ୍ କରିବାର ଘଣ୍ଟାକ ପରେ ଡିଲିଟ୍ କରି ଦେଇଥିଲେ। ଏଥି ନେଇ ପ୍ରଶଂସକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି। "ମୁଁ ଖୁସିର ସହିତ ଘୋଷଣା କରୁଛି ଯେ, ଏହା ମୋ ପାଇଁ ଅନ୍ତିମ ଆଇପିଏଲ୍। ୧୩ ବର୍ଷ ଧରି ଦୁଇଟି ମହାନ୍ ଦଳର ମୁଁ ଅଂଶ ଥିଲି। ଆନ୍ତରିକତା ସହିତ ମୁଁ ମୁମ୍ବାଇ ଇଣ୍ଡିଆନ୍ସ ଓ ସିଏସ୍‌କେକୁ ଏହି ଚମତ୍କାର ଅଭିଯାନ ପାଇଁ ଧନ୍ୟବାଦ୍ ଜଣାଉଛି" ବୋଲି ରାୟୁଡୁ ତାଙ୍କ ଅଫିସିଆଲ ଟୁଇଟର ଆକାଉଣ୍ଟରୁ ପୋଷ୍ଟ କରିଥିଲେ। ଏହା ଉପରେ ପ୍ରତିକ୍ରିୟା ଦେଇ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନ ଟୁଇଟ୍ କରି ଲେଖିଥିଲେ, ତୁମ ସହିତ ୧୯ ବର୍ଷରୁ କମ୍ ଦିନରୁ ଖେଳିଛି। ସର୍ବଦା ତୁମ ବ୍ୟାଟିଂ ଏବଂ ତୁମେ ଯେଉଁ ଏନର୍ଜି ସହିତ ଖେଳ, ତାହାକୁ ମୁଁ ପ୍ରଶଂସା କରେ। ଆଗକୁ ତୁମ ଅଭିଯାନ ଲାଗି ଶୁଭକାମନା।

# ଆଇପିଏଲ୍ ବେଟିଂ ର୍‍ୟାକେଟ୍: ୩ ଅଟକ

**ନୂଆଦିଲ୍ଲୀ,୧୪।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମ୍ୟାଚ୍ ଫିକ୍ସିଂ ର୍‍ୟାକେଟ୍ ଚଳାଇବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଦିଲ୍ଲୀ ଓ ହାଇଦ୍ରାବାଦ୍‌ରୁ ୩ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଏମାନେ ପାକିସ୍ତାନରୁ ମିଳିଥିବା ଇନ୍‌ପୁଟ୍ ଆଧାରରେ ୨୦୧୯ ଆଇପିଏଲ୍‌ର କିଛି ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରିବା ସହ ମ୍ୟାଚ୍ ଫିକ୍ସିଂ ର୍‍ୟାକେଟ୍ ଚଳାଇଥିଲେ। ଏହି ର୍‍ୟାକେଟ୍ ସାମ୍ନାକୁ ଆସିବା ପରେ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ଦେଶବ୍ୟାପୀ ତଦନ୍ତ ଆରମ୍ଭ ହୋଇଥିବା କୁହାଯାଇଛି।

ଏଫ୍‌ଆଇଆର୍ ଅନୁଯାୟୀ, ପାକିସ୍ତାନରୁ ମିଳୁଥିବା ଟିପ୍ସ ଆଧାରରେ ଆଇପିଏଲ ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରୁଥିବା କ୍ରିକେଟ ବେଟିଂରେ କିଛି ବ୍ୟକ୍ତିଙ୍କ ନେଟ୍‌ୱର୍କ ସକ୍ରିୟ ଥିବା ସିବିଆଇକୁ ସୂଚନା ମିଳିଥିଲା। ଏଥିରେ ଅଭିଯୁକ୍ତ ଭାବେ ଦିଲ୍ଲୀର ରୋହିଣୀ ଅଞ୍ଚଳର ଦିଲୀପ କୁମାର, ହାଇଦ୍ରାବାଦ୍‌ର ଗୁରାମ ବାସୁ ଏବଂ ଗୁରାମ ସତିଶ୍‌ଙ୍କ ନାମ ଉଲ୍ଲେଖ ରହିଛି। ଏହି ନେଟ୍‌ୱର୍କ ୨୦୧୩ରୁ ସକ୍ରିୟ ରହିବା ସହ ଲୋକଙ୍କୁ ବେଟିଂରେ ସାମିଲ କରି ଠକୁଥିବା କୁହାଯାଇଛି। ବେଟିଂ ଉଦ୍ଦେଶ୍ୟରେ ଏହି ର୍‍ୟାକେଟର ସଦସ୍ୟମାନେ ଅଜଣା ବ୍ୟାଙ୍କ ଅଧିକାରୀଙ୍କ ସହ ମିଳିତ ଭାବେ ମିଛ ପ୍ରମାଣପତ୍ର ବ୍ୟବହାର କରି ଆକାଉଣ୍ଟ ମଧ୍ୟ ଖୋଲିଥିଲେ ବୋଲି କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ କୁହାଯାଇଛି।

"ବେଟିଂ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବ୍ୟାଙ୍କ ଆକାଉଣ୍ଟକୁ ଭାରତର ଜନସାଧାରଣଙ୍କ ଠାରୁ ଆସିଥିବା ଟଙ୍କାକୁ ହାୱାଲା କାରବାର ମାଧ୍ୟମରେ ବିଦେଶରେ ଥିବା ସେମାନଙ୍କ ସହଯୋଗୀଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ମିଳିଥିବା ସୂଚନା ମୁତାବକ, ଏହି ତଥାକଥିତ ବେଟିଂ ନେଟ୍‌ୱର୍କ ୨୦୧୦ରୁ କ୍ରିକେଟ ବେଟିଂରେ ସମ୍ପୃକ୍ତ ରହିଛି" ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।




# ଏସ୍‌ଏସ୍‌ବି ସହ ଡ୍ର ରଖିଲା ସ୍ପୋର୍ଟ୍ସ ଓଡ଼ିଶା

**ଭୁବନେଶ୍ୱର, ୧୪।୫ (ପି.ଟି.)**

ସ୍ଥାନୀୟ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର ଏକ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ପଶ୍ଚିମବଙ୍ଗର ଏସ୍‌ଏସ୍‌ବି ମହିଳା ଦଳ ସହ ଏହାର ମ୍ୟାଚକୁ ୧-୧ ଗୋଲରେ ଡ୍ର ରଖିଛି। ଓଡ଼ିଶା ସ୍ପୋର୍ଟ୍ସ ତରଫରୁ ପ୍ୟାରୀ ଖାଖା ୨୯ତମ ମିନିଟରେ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ।। ପଶ୍ଚିମବଙ୍ଗ ଦଳର ସନ୍ଧ୍ୟା କାଛାପ ୪୧ତମ ମିନିଟରେ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। କ୍ୟାପିଟାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଗୋକୁଲମ କେରଳ ୫-୦ ଗୋଲରେ କିକ୍‌ଷ୍ଟାର୍ଟ ଦଳକୁ ପରାସ୍ତ କରିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୫ ମେ, ୨୦୨୨



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ସିନାପାଲି,୧୪।୫(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ନଙ୍ଗଲବୋଡ ପଞ୍ଚାୟତ ଭୋଲିଆଭଟାଠାରେ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ତଳେ ପଡିଯାଇ ମୃତ୍ୟୁବରଣ କରିଛନ୍ତି। ସେ ହେଲେ କେନ୍ଦୁମୁଣ୍ଡା ପଞ୍ଚାୟତ ଜାମପାଣି ଗ୍ରାମର ଯୋଗେସ ମାଝି (୪୦)। ପ୍ରକାଶଯୋଗ୍ୟ ଯେ, ନିଜ ଗ୍ରାମ ଜାମପାଣିରୁ ସେ ସିଜି ୦୪ ସିଏକ୍ସ ୦୬୪୪ ନଂ. ବାଇକ୍ ଯୋଗେ ନଙ୍ଗଲବୋଡ ଯାଉଥିବାବେଳେ ଭୋଲିଆଭଟା ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ବାଇକ୍ ଦୁର୍ଘଟଣା ହୋଇଥିବାବେଳେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ପହଞ୍ଚି ଦେଖିବା ପରେ ତୁରନ୍ତ ପରିବାର ଲୋକ ସମେତ ସିନାପାଲି ପୋଲିସଙ୍କୁ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବେଆଇନ ପଥର ବୋଝେଇ ହାଇୱା ଜବତ

ଗୋଲାମୁଣ୍ଡା,୧୪।୫(ଡି.ଏନ.ଏ): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲଦାର ଶନିବାର ଏକ ବେଆଇନ ପଥର ବୋଝେଇ ହାଇୱାକୁ ଜବତ କରି ୨୫ ହଜାର ଟଙ୍କା ଫାଇନ କାଟିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ବିଜୁ ଏକ୍ସପ୍ରେସ ୱେରେ ପଥର ବୋଝେଇ ହୋଇ ଯାଉଥିବା ଏକ ହାଇୱା(ନଂ ଓଡି୦୮ଜି୨୫୧୩)କୁ ଗୋଲାମୁଣ୍ଡା ତହସିଲଦାର ସର୍ବେଶ୍ୱର ଜାଲ ସନ୍ଦେହରେ ଅଟକାଇଥିଲେ । ଏହି ଗାଡିରେ ଯାଞ୍ଚ ବେଳେ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜଣାପଡିବାରୁ ୨୫ ହଜାର ଟଙ୍କା ଫାଇନ କାଟିଥିଲେ । ଉକ୍ତ ହାଇୱାରେ କୋକସରା ନିକଟସ୍ଥ ସର୍ଗିଗୁଡାରୁ ପଥର ବୋଝେଇ ହୋଇ ନୂଆପଡା ଜିଲାର ହାତିବନ୍ଧାକୁ ଯାଉଥିଲା। ଏହି ଗାଡିର ମାଲିକ ରାୟଗଡା ଅଞ୍ଚଳର ବୋଲି ତହସିଲଦାର ଜାଲ ସୂଚନା ଦେଇଛନ୍ତି।

### ଓଲଟିଲା ପିକଅପ୍: ଜଣେ ମୃତ , ୭ ଗୁରୁତର

**ବିବାହ ଭୋଜିରୁ ଫେରିବା ବେଳେ ଅଘଟଣ**

ଭବାନୀପାଟଣା,୧୪।୫(ସ୍ୱ.ପ୍ର.)- ହସଖୁସିରେ ବିବାହ ଭୋଜିରେ ଯୋଗଦେଇ ଫେରିବା ସମୟରେ ବାଟରେ ଭାରସାମ୍ୟ ହରାଇ ଓଲଟିଲା ପିକଅପ୍ ଭ୍ୟାନ। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହାତୀରାମ ରାଉତଙ୍କ ମୃତ୍ୟୁ ଘଟିଥିବା ବେଳେ ୭ଜଣ ଗୁରୁତର ହୋଇଥିବା ଜଣାପଡିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲାର ଧର୍ମଗଡ ବ୍ଲକରେ। ଏହି ବ୍ଲକ ଅଧୀନ ବିକ୍ରମଗୁଡା ଗ୍ରାମର କେତେଜଣ ବ୍ୟକ୍ତି ଶନିବାର ବଡଫୁର୍ଲା ଗାଁକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ସେମାନେ ପିକଅପ୍‌ରେ ଫେରୁଥିବା ବେଳେ ବାଟରେ ରଙ୍ଗାବାହାଲ ଛକ ନିକଟରେ ଗାଡିଟି କେନାଲ ପୋଲରେ ପିଟି ହୋଇ ଓଲଟି ପଡିଥିଲା। ଫଳରେ ଏଥିରେ ବସିଥିବା କୁଟୁରୁ ଗାଁର ହାତୀରାମଙ୍କ ମୃତ୍ୟୁ ହୋଇଥିଲା। ଆହତ ୭ ଜଣଙ୍କୁ ଉଦ୍ଧାର କରାଯାଇ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଅବ୍ୟବସ୍ଥାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

**ଶିଶୁର ମୂଳଦୁଆ ପଡେ ଅଙ୍ଗନୱାଡି କେନ୍ଦ୍ରରୁ। ହେଲେ ଯେଉଁଠି ପିଲାମାନେ ବସିବା ପାଇଁ ଘର ନାହିଁ ସେଠି ସେମାନଙ୍କ ଭବିଷ୍ୟତ ବିଷୟରେ କିଏ ପଚାରେ। ଏହାର ଜ୍ୱଳନ୍ତ ଉଦାହରଣ ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଡତୋର ଗ୍ରାମରେ ଦେଖିବାକୁ ମିଳିଛି। ଗାଁରେ ଥିବା ୨ଟି ଯାକ ଅଙ୍ଗନୱାଡି କେନ୍ଦ୍ରର ଘର ନାହିଁ। ଦୀଘଦିନ ବିତି ଯାଇଥିଲେ ବି ନିର୍ମାଣ କରିବା ଦିଗରେ ପଦକ୍ଷେପ ନିଆଯାଉନି। କର୍ମୀମାନେ କୋମଳମତୀ ଶିଶୁଙ୍କ ପ୍ରିକ୍ଲାସ ନାନା ଅବ୍ୟବସ୍ଥା ମଧ୍ୟରେ କରୁଛନ୍ତି।**



ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ କର୍ମୀ ଓ ଶିଶୁମାନେ।

- ଗୋଟିଏ କେନ୍ଦ୍ରର କୋଠା ବିପଦସଙ୍କୁଳ ଘୋଷିତ
- ଅନ୍ୟ କେନ୍ଦ୍ରର ନିର୍ମାଣ ୮ବର୍ଷ ହେଲା ସରୁନି
- ନିଜସ୍ୱ ଉଦ୍ୟମରେ ନିର୍ମାଣ କରିବେ ଗଡତୋରବାସୀ

ନୂଆପଡ଼ା ଅଫିସ,୧୪।୫

ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଡତୋର ୱାର୍ଡ ନଂ-୨ରେ ରହିଛି ୨ଟି ଅଙ୍ଗନୱାଡି କେନ୍ଦ୍ର । ୧ନଂ. କେନ୍ଦ୍ରରେ ୩୨, କେନ୍ଦ୍ର ୨ରେ ୪୦ଜଣ ଶିଶୁ ଅଧ୍ୟୟନ କରୁଛନ୍ତି। ୧ନଂ କେନ୍ଦ୍ରର ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସେଠାରେ ପ୍ରିକ୍ଲାସ କରିବାକୁ ବାରଣ କରାଯାଇଛି। ସେହିପରି ଅଙ୍ଗନୱାଡି କେନ୍ଦ୍ର(୨)ର ସ୍ଥାୟୀ ଘର ନାହିଁ। ନିର୍ମାଣ ଆରମ୍ଭ ହେବା ୮ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାମ ସରୁନାହିଁ। ଫଳରେ ଉଭୟ କେନ୍ଦ୍ରର ପିଲାମାନେ ନାନା ଅବ୍ୟବସ୍ଥା ମଧ୍ୟରେ ଏଣେତେଣେ ବୁଲି ପାଠ ପଢୁଛନ୍ତି। ପିଲାଙ୍କ ପାଇଁ ଆସୁଥିବା ସରଞ୍ଜାମ ରଖିବା ପାଇଁ ସ୍ଥାନ ନାହିଁ। ଏ ନେଇ ଗ୍ରାମବାସୀ ପ୍ରଶାସନକୁ ଲିଖିତଭାବେ ଜଣାଇଥିଲେ। ହେଲେ ପ୍ରଶାସନ ନ ଶୁଣିବାରୁ ଶେଷରେ ଗାଁରେ ଏକ ସଭା କରି ୨ଟି ଯାକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ଗୋଡତୋରବାସୀ। ସେମାନେ ନିଜେ ପାଣ୍ଠି ସଂଗ୍ରହ କରି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁଙ୍କୁ ପଚାରିବାରୁ ଯଦି ତାଲିକାରେ ନାମ ଥିବ ତେବେ ନୂଆ କେନ୍ଦ୍ର ନିର୍ମାଣ ହେବ। ତେବେ ଅର୍ଦ୍ଧନିର୍ମିତ କେନ୍ଦ୍ର କାମ ତୁରନ୍ତ ଶେଷ କରିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଲୋଇସିଂହା,୧୪।୫(ଡି.ଏନ.ଏ)

- ତାମିଲନାଡୁ ଦାଦନ ଖଟିବାକୁ ଯାଇଥିଲେ
- ମାନସିକ ସ୍ଥିତି ବିଗିଡିଯିବା ପରେ ଗାଁକୁ ଫେରୁଥିଲେ
- ଫାଟକ ପଡିଥିବା ବେଳେ ହଠାତ୍ ଚଳନ୍ତା ଗାଡି ଆଗକୁ ଡେଇଁପଡିଲେ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା-ମେଣ୍ଡା ରାସ୍ତା ରେଳ ଫାଟକଠାରେ ଏକ ମାଲଗାଡି ଆଗକୁ ଡେଇଁ ଜଣେ ଯୁବକ ଶୁକ୍ରବାର ରାତିରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ହେଲେ ସୁବର୍ଣ୍ଣପୁର ଜିଲା ଲଛିପୁର ନିକଟ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ କୁଡାଡେରା ଗ୍ରାମର ଚନ୍ଦ୍ରଭାନୁ ଭୋଇ। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

କୁଡାଡେରା ଗ୍ରାମର ଚନ୍ଦ୍ରଭାନୁ ଭୋଇ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ତାଙ୍କର ମାନସିକ ସ୍ଥିତି କୁଆଡେ ବିଗିଡି ଯାଇଥିଲା। ପରିବାର ଲୋକେ ଜାଣିଲା ପରେ ଏଠାରେ ତାଙ୍କୁ ଚିକିତ୍ସା କରିବା ପାଇଁ ଗାଁକୁ ଅଣାଯାଉଥିଲା। ଶୁକ୍ରବାର ସନ୍ଧ୍ୟାରେ ସାଙ୍ଗରେ ଅସୁଥିବା ଜଣେ ଯୁବକଙ୍କ ସହ ଚନ୍ଦ୍ରଭାନୁ ବଲାଙ୍ଗୀର ଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ଏକ ବାଇକରେ ତାଙ୍କୁ ଘରକୁ ଅଣାଯାଉଥିଲା। ବୁର୍ଡା ଫାଟକ ନିକଟରେ ସେମାନେ ରାତି ପ୍ରାୟ ୧୦ଟାରେ ପହଞ୍ଚିଲା ବେଳକୁ ଗେଟ୍ ପଡିଥିଲା। ଏହି ସମୟରେ ଟ୍ରାକରେ ଆସୁଥିବା ଏକ ମାଲଗାଡି ଫାଟକ ସମ୍ମୁଖରେ ପହଞ୍ଚିଲା ବେଳେ ଚନ୍ଦ୍ରଭାନୁ ବାଇକରୁ ଓହ୍ଲାଇ ହଠାତ୍ ଧରିଥିବା ବ୍ୟାଗ ପକାଇ ଦେଇ ଚଳନ୍ତା ଟ୍ରେନ ଆଗକୁ ଡେଇଁ ଦେଇଥିଲେ। ଟ୍ରେନ ଧକ୍କାରେ ତାଙ୍କର ଡାହାଣ ହାତ କହୁଣିରୁ ଛିଣ୍ଡି ପଡିଥିଲା। ଏଥିସହ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା।

# ଆରମ୍ଭ ହେଲା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା


ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

ଖପ୍ରାଖୋଲ, ୧୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଶନିବାର ଆରମ୍ଭ ହୋଇଛି। ପ୍ରଥମେ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପାପନାଶିନି ଝରଣାରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ପାଣି ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ଶଙ୍ଖ, ଘଣ୍ଟ ସହ ପବିତ୍ର ବେଦମନ୍ତ୍ରରେ ଝରଣାକୂଳ ମୁଖରିତ ହୋଇଥିଲା। ଯଜ୍ଞକର୍ତ୍ତାଭାବେ ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତ ଓ ତାଙ୍କ ପତ୍ନୀ ଶ୍ରୀଲଗ୍ନା ଶ୍ରୀସମ୍ବିତା କାର୍ଯ୍ୟ ସମ୍ପାଦନ କରିଥିଲେ। ପାଟଣାଗଡ଼ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ପଞ୍ଚାୟତ ସମିତି ଅଧକ୍ଷା ନିରୁପମା ପଟେଲ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଜିପିଇଓ ସୁଶାନ୍ତ କୁମାର ପାଣି, ଏଡ଼ିଡବ୍ଲ୍ୟୁଓ ଦୀପ୍ତିମନ୍ତ ଭୋଇ, ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜୟପୁରିଆ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୂଝାରି, ମହରାପଦର ସରପଞ୍ଚ ସୁମତି ପଧାନ, ନନ୍ଦୁପଲା ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ମନ୍ଦିର ପରିଚାଳନା କମିଟିର ଅଭୟ ତ୍ରିପାଠୀ, ପଞ୍ଚୁଦେବ ସାହୁ, ଶଶୀ ପୂଝାରୀ, ରୋହିତ ମେହେର, ବିପ୍ର ବିଶି, ସବ୍ କମିଟି ସଦସ୍ୟ ଜ୍ୟୋତିରଞ୍ଜନ ପଣ୍ଡା, ସଦାନନ ଭୋଇ, ପ୍ରହଲ୍ଲାଦ ଚାନ୍ଦ, ଇନ୍ଦ୍ରମଣି ସାହୁ, ଜୟକୃଷ୍ଣ ସାହୁ, ମନ୍ଦିର ପରିଚାଳକ ଗୁପ୍ତେଶର କୁଅଁର ଏହି ଅବସରରେ ଉପସ୍ଥିତ ଥିଲେ। ସେହିପରି କୁଲୁଡା ଯୁବ ସମାଜ ଓ ଭୁଲିଆ ସମାଜ ପକ୍ଷରୁ ମାଗଣା ଅନ୍ନଛତ୍ରକୁ ପାଟଣାଗଡ଼ ବିଧାୟକ ସରୋଜ ମେହେର ଉଦ୍‌ଘାଟନ କରିଥିଲେ।

ଅପରାହ୍ଣରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ ପ୍ରଜ୍ଞାପନ ମେଢ଼କୁ ମୁଖ୍ୟ ଅତିଥି ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ହରିଶଙ୍କର ମହୋତ୍ସବକୁ ମୁଖ୍ୟଅତିଥି ଜିଲାପରିଷଦ ଅଧକ୍ଷା ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ମେହେର, ବ୍ଲକ ଅଧକ୍ଷା ପଟେଲ, ଉପାଧକ୍ଷା ସୁଖିରାମ ସାଣ୍ଢ, ବେଲପଡା ବ୍ଲକ ଅଧକ୍ଷା ଟିନା କୁମ୍ଭାର, ଉପାଧକ୍ଷା ଦୁର୍ଯ୍ୟୋଧନ କୁମ୍ଭାର,ପାଟଣାଗଡ଼ ଏନଏସି ଅଧକ୍ଷ୍ୟା ମାନସୀ ବିଶ୍ୱାଳ, ଉପାଧକ୍ଷ ପ୍ରଫୁଲ୍ଲ ମେହେର, ବ୍ଲକ ଉପାଧକ୍ଷ୍ୟା ଲକ୍ଷ୍ମୀ ମାଝି, ଜିଲା ପରିଷଦ୍ ସଭ୍ୟା ପ୍ରମିଳା ପାଥର, ସଂଯୁକ୍ତା ମେହେର, କସ୍ତୁରୀ ସେଠ, ଜୟ ଧରିଆ, ନନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରୀ ପୂଝାରୀ, ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପଟଣାଗଡ଼ ଉପଜିଲାପାଳ ବିଜୟାନନ୍ଦ ସେଠୀ ଏଥିରେ ଅଧକ୍ଷତା କରିଥିବାବେଳେ ଅଧାପକ ବଳଭଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ମନ୍ଦିର ପରିସର ପ୍ରଥମ ମଞ୍ଚରେ ସଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ ନୃତ୍ୟ, ଶ୍ରୀକ୍ଷେତ୍ର ଭଜନ, ଲୋକନୃତ୍ୟ ସାତ କୁଆଁରୀ,ଏବଂ ଦଣ୍ଡ ନୃତ୍ୟପରିବେଷଣ ହେଇଥିଲା। ସେହିପରି ଯାତ୍ରା ପଡିଆ ମଞ୍ଚରେ ଗୋଟିପୁଅ ନୃତ୍ୟ ପୁରୀ, ଲୋକନୃତ୍ୟ ଅର୍ଜୁନ ନନ୍ଦ ହାତୀସରା, ସୁର ସନ୍ଧ୍ୟା ପାଟଣାଗଡ଼ ଏବଂ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା।

### ବାଞ୍ଜିପାଲି ଜଗନ୍ନାଥ ମନ୍ଦିରରୁ ଚୋରି

ଖପ୍ରାଖୋଲ, ୧୪।୫(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ବାଞ୍ଜିପାଲି ଜଗନ୍ନାଥ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରିହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟଦ୍ୱାର ତାଲାକାଟି ଭିତରକୁ ପଶିଥିଲେ। ଜଗନ୍ନାଥ ମହାପ୍ରଭୁଙ୍କ ବ୍ୟବହୃତ ଜିନିଷ ଓ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ସେମାନେ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସବୁଦିନ ପରି ମନ୍ଦିର ପୂଜକ ପ୍ରୀତମ ମିଶ୍ର ସନ୍ଧ୍ୟା ଆଳତୀ ସାରି ଘରକୁ ଯାଇଥିଲେ। ଶନିବାର ସକାଳେ ସେ ପୂଜା କରିବା ପାଇଁ ମନ୍ଦିରକୁ ଆସିବା ସମୟରେ କବାଟ ତାଲା ତଳେ ପଡିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖପ୍ରାଖୋଲ ଥାନା ପୋଲିସ ଓ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି।

### ପିଇଓ, ବ୍ୟାଙ୍କ ପ୍ରତିନିଧିଙ୍କ ବୈଠକ

ଜୁନାଗଡ,୧୪।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସ୍ଥାନୀୟ ପିଇଓ ଓ ବ୍ୟାଙ୍କ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକକୁ ବିଏସଏସଓ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ। ଏଣିକି ହିତାଧିକାରୀମାନେ ସିଏସପି କେନ୍ଦ୍ରରୁ ସିଧାସଳଖ ଭତ୍ତା ଟଙ୍କା ଉଠାଇ ପାରିବେ। ସେହିପରି ୯୦ବର୍ଷରୁ ଉର୍ଦ୍ଧ୍ୱ ଓ ଶଯ୍ୟାଶାୟୀଙ୍କୁ ବ୍ୟାଙ୍କ ମିତ୍ର ନିଜେ ଘରକୁ ଯାଇ ଭତ୍ତା ଟଙ୍କା ପ୍ରଦାନ କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକ ପରିଚାଳନାରେ କନିଷ୍ଠ ସହାୟିକା ସନ୍ଧ୍ୟାରାଣୀ ବାଡତ୍ୟା, ଜିଆରଏସ୍ ଆଶୁତୋଷ ପଣ୍ଡା, ଡିଇଓ ପ୍ରେମାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଧୋବେନପଡ଼ା ମା' ହିଙ୍ଗୁଳା ଦେବୀଙ୍କ ଝାଞ୍ଜିମଡ଼ା ଯାତ୍ରା

କୋକସରା,୧୪।୫(ଡି.ଏନ.ଏ.)

ବିଶ୍ୱାସ ଅଛି ମା'ଙ୍କୁ ମନାସିଲେ ଦୁଃଖ ଦୂର ହୋଇ ସୁଖ ମିଳେ। ଏଥିପାଇଁ ହିଙ୍ଗୁଳା ଦେବୀଙ୍କୁ ପୂଜା କରାଯାଇଥାଏ ବୋଲି ମୂଳକିଆ ପରିବାର ଲୋକେ କୁହନ୍ତି। କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଧୋବେନପଡାଠାରେ ମୂଳକିଆ ପରିବାରର ଆୟୋଜନ କ୍ରମେ ମା'ଙ୍କ ଝାଞ୍ଜିମଡା ଯାତ୍ରା ମହୋତ୍ସବ ଶୁକ୍ରବାର ଓ ଶନିବାର ୨ ଦିନ ଧରି ପାଳିତ ହୋଇଯାଇଛି। ପ୍ରତି ୫ ବର୍ଷ ଅନ୍ତରରେ ଯାତ୍ରା ପାଳିତ ହୋଇଥାଏ। ଚଳିତବର୍ଷ ଶୁକ୍ରବାର ସକାଳେ କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ବାସ କରୁଥିବା ସମସ୍ତ ମୂଳକିଆ ପରିବାର ନିଜ ନିଜର ଦେବା ଦେବୀ ଲାଠି କୁର୍ଚି ଧରି ଧୋବେନପଡାରେ ପହଞ୍ଚି ଥିଲେ। ପରେ ଦେବାଦେବୀଙ୍କ କୁର୍ଚି ଓ ଲାଠିକୁ ସ୍ଥାନୀୟ ପୂଝାରୀ ସହ ବଂଶଜମାନେ ବନ୍ଦାପନା କରି ହିଙ୍ଗୁଳା ଦେବୀ ମା'ଙ୍କ ମନ୍ଦିର ପରିସରକୁ ପାଛୋଟି ନେଇଥିଲେ। ପରେ ମନ୍ଦିର ନିକଟରେ ଝାଞ୍ଜିମଡ଼ା ପଡ଼ିଆରେ ମାଟି ଖୋଳି ତିଆରି କରିଥିବା ଖନ୍ଦାରେ ନିଆଁ ଜାଳିଥିଲେ। ଅପରାହ୍ଣରେ ଦେବାଦେବୀଙ୍କ କାଳସୀମାନେ ନିଆଁରେ ଚାଲିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ଆସିଥିବା ସମସ୍ତ ଦେବାଦେବୀଙ୍କ ଲାଠିକୁ ରଖି ପୂଜାର୍ଚ୍ଚନା କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶନିବାର ସକାଳୁ ପୁନର୍ବାର ସମସ୍ତ ଦେବାଦେବୀଙ୍କୁ ବିଧିମତେ ପୂଜା କରାଯାଇଥିଲା । ମାନସିକଧାରୀମାନେ ଭୋଗ ଦେଇ ମା'ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ଅପରାହ୍ଣରେ ନିଜ ନିଜ ଗ୍ରାମକୁ ଦେବାଦେବୀଙ୍କ ଲାଠି କୁର୍ଚି ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଝାଞ୍ଜିମଡ଼ା ଯାତ୍ରାରେ ନବରଙ୍ଗପୁର ଜିଲାର କୋକ, ପୁଝାରୀଗୁଡା, ଛାରଗାଁ, ମୋଏଲୀ, ଚନ୍ଦ୍ରପୁର, ଉଷାଗାଁ, କଳାହାଣ୍ଡି ଜିଲା ଜୟପାଟଣା ବ୍ଲକର ସାରଦାପୁର, ପିପଲଗୁଡା, ଲୁହାବାହାଲ, ସୁବିଗୁଡା ଓ କୋକସରା ବ୍ଲକର ଘଣ୍ଟିଗୁଡା, ମାଲପଡା, କର୍ଲାପଡା, ଭୁର୍ଷାଗୁଡା ଗ୍ରାମର ଦେବାଦେବୀଙ୍କ ଲାଠି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଦେବିସିଂ ମୂଳକିଆ, ଡମ୍ବରୁଧର ମୂଳକିଆ, ଫକୀର ମୂଳକିଆ, ବାଦେବ ମୂଳକିଆ ପରିଚାଳନା କରିଥିଲେ। ଶୁକ୍ରୁ ପୂଝାରୀ, ନୀଳାମ୍ବର ମାଝୀ, ସଞ୍ଜୀବ ମୂଳକିଆ ଦାୟିତ୍ୱ ତୁଲାଇଥିଲେ। ପୂଜା କମିଟିର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।


ଝାଞ୍ଜିମଡ଼ା ଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ।

# ଚୋରି ଘଟଣାର ଅଭିଯୁକ୍ତ ଗିରଫ

ଜୁନାଗଡ,୧୪।୫(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ଶନିବାର ଏକ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଗଞ୍ଜାମ ଜିଲା ଆସ୍କା ଥାନା ପାକଲାପାଲି ଗ୍ରାମର ଏ.ଅଜଣା ରାଓ(୩୦)ଙ୍କୁ ପୋଲିସ ଗିରଫ କରିବା ସହ ସ୍ଥାନୀୟ ଜେଏମ୍ଏଫସି କୋର୍ଟ ଚାଲାଣ କରିଛି। ଅଭୁଯୁକ୍ତଙ୍କଠାରୁ ପୋଲିସ ନଗଦ ୮୪ହଜାର ୯୫୦ଟଙ୍କା, ହୋଣ୍ଡା ବାଇକ୍, ମୋବାଇଲ ଫୋନ୍, ବ୍ୟାଗ୍, ହଳଦିଆ ଶାର୍ଟ, ବାଇକ ଡିକି ଭାଙ୍ଗିବା ପାଇଁ ବ୍ୟବହୃତ ୨ଟି ଲୁହା ଛଡ ଜବତ କରିଛି। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଡି.ଚନ୍ତି ଫେରାର ଥିବା ଜୁନାଗଡ ଆଇଆଇସି ଉତ୍ତମ କୁମାର ସାହୁଙ୍କଠାରୁ ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ଗତ ୯ ତାରିଖ ଅପରାହ୍ଣ ସାଢେ ୫ଟାରେ ଜୁନାଗଡ ସହର ଏସବିଆଇ ମୁଖ୍ୟ ଶାଖା ନିକଟରେ ସ୍ଥାନୀୟ ବଜାରପଡାର ପ୍ରଭାକର ସାହୁ ନିଜ ବୋଲେରୋ ରଖି ରାସ୍ତା ପାର୍ଶ୍ୱକୁ ପାଣି ପିଇବାକୁ ଯାଇଥିଲେ। ସେ ବୋଲେରୋ ଗାଡିରେ ୭୦ ହଜାର ଟଙ୍କା ରଖିଦେଇ ଯାଇଥିଲେ। ତେବେ ପୂର୍ବରୁ ସେଠାରେ ଛକି ରହିଥିବା ଉପରୋକ୍ତ ୨ ଅଭିଯୁକ୍ତ ହଠାତ୍ ଉକ୍ତ ଟଙ୍କାକୁ ଧରି ଚମ୍ପଟ ମାରିଥିଲେ। ଏ ନେଇ ପ୍ରଭାକର ଜୁନାଗଡ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ( ୨୧୪/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଅପରାହ୍ଣ ସାଢେ ୬ଟାରେ ଜୁନାଗଡ ସହରର ଏକ୍ସିସ ବ୍ୟାଙ୍କ ନିକଟରେ ଅଭିଯୁକ୍ତ ଅଜଣା ରାଓଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣା ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ଅଜଣା ଓ ଫେରାର ଥିବା ଅଭିଯୁକ୍ତ ଡି.ଚନ୍ତି ଜିଲାର ବିଭିନ୍ନ ସ୍ଥାନରେ ୬ଟି ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି।




- ୮୪ହଜାର ୯୫୦ଟଙ୍କା, ବାଇକ୍, ଅନ୍ୟାନ୍ୟ ସାମଗ୍ରୀ ଜବତ
- ଅଭିଯୁକ୍ତଙ୍କ ନାମରେ ରହିଛି ଏକାଧିକ ମାମଲା

# ଝଡ଼ବର୍ଷା, କୁଆପଥର ମାଡ଼: ଫସଲ ନଷ୍ଟ

ନୂଆପଡ଼ା ଅଫିସ,୧୪।୫

ନୂଆପଡ଼ା ଜିଲାରେ ଦିନ ତମାମ ମେଘୁଆ ପାଗ ରହିଥିବାବେଳେ ଅପରାହ୍ଣରେ ସ୍ଥାନେ ସ୍ଥାନେ ଘଡଘଡି ସହ ବର୍ଷା ହୋଇ କୁଆପଥର ମାଡ଼ ହୋଇଛି। ପ୍ରାପ୍ତ ସୂଚନାନୁସାରେ ଜିଲାରେ ଅନେକ ସ୍ଥାନରେ ଘୂର୍ଣ୍ଣିଝଡ, ଘଡଘଡି, ବିଜୁଳି ସହିତ ବର୍ଷା ଓ କୁଆପଥର ମାଡରେ ବିଲରେ ଥିବା ରବି ଧାନ ନଷ୍ଟ ହେବାର ସମ୍ଭାବନା ରହିଛି। କୁଆପଥର ମାଡରେ ଅନେକ ସ୍ଥାନରେ ଧାନ ଝଡି ଯାଇଥିବା ଅଭିଯୋଗ ହେଉଛି। ପନିପରିବା ଚାଷ ଅଧିକ ନଷ୍ଟ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସମୟରେ ଜିଲାରେ ଚାଷ ଜମିରୁ ପିଆଜ, ତରଭୂଜ, କଲରା, ଭେଣ୍ଡି, ବାଇଗଣ, ଝୁଲେର ଆଦି ଉତ୍ପାଦନ କରି ଚାଷୀ ବେଶ୍ ଦୁଇ ପଇସା ରୋଜଗାର କରୁଥିବାବେଳେ ଅଦିନିଆ ବର୍ଷା ସବୁ କ୍ଷତି କରିବାରେ ଲାଗିଛି। ପନିପରିବା କିଆରିରେ ବର୍ଷାପାଣି ଜମି ରହିଲେ ଅଧିକ ରୋଗପୋକ ହେବାର ସମ୍ଭାବନା ରହିଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଗତବର୍ଷ ତରଭୂଜ ଉତ୍ପାଦନ ସମୟରେ ଅତ୍ୟଧିକ ବର୍ଷା ହେବାରୁ ବହୁତ ତରଭୂଜ ନଷ୍ଟ ହେବାରୁ କ୍ଷତି ସହିବାକୁ ପଡିଥିଲା। ଚଳିତବର୍ଷ ଗତ ବର୍ଷର କ୍ଷତିପୂରଣ ହେବ ବୋଲି ଆଶା ରଖିଥିବା ବେଳେ ପୁଣି ବର୍ଷା ହେବାରେ ଲାଗିଲାଣି। ବର୍ତ୍ତମାନ ପୋଟଳ ଉତ୍ପାଦନ ହେବା ସମୟ। ଘୂର୍ଣ୍ଣିଝଡରେ ଫୁଲ ସବୁ ଝଡିଯିବାର ସମ୍ଭାବନା ରହିଛି। ଚିନାବାଦାମ ଓ ପିଆଜ କିଆରିରେ ବର୍ଷାପାଣି ଜମି ରହିଲେ ଗଜା ହେବାର ସମ୍ଭାବନା ରହିଛି। ମେଘୁଆ ପାଗରେ କଲରା, ଝୁଲେର, ପୋଟଳ, ବାଇଗଣ ଫୁଲ ଝଡି ଉତ୍ପାଦନ କମ ଆସେ । ଚଳିତବର୍ଷ ଆମ୍ବ କମ ପରିମାଣରେ ହୋଇଥିବାବେଳେ ଘୂର୍ଣ୍ଣିଝଡରେ ଆମ୍ବ ସବୁ ଝଡିବାରେ ଲାଗିଛି। ଫଳରେ ଆମ୍ବ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଅତ୍ୟଧିକ ବର୍ଷାପବନ ହେଲେ ସବୁ ଆମ୍ବ ଝଡି ଯିବାର ସମ୍ଭାବନା ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ସବୁକୁ ଦୃଷ୍ଟିରେ ରଖି କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ପାଇଁ ଦାବି ହେଉଛି।


ବର୍ଷାରେ ନଷ୍ଟ ହେଉଥିବା ତରଭୁଜ ଚାଷ।

## ସଂକ୍ଷେପରେ

### ୭୦ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ




**ଅମରପାଲି,୧୪।୫(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଦୀନବନ୍ଧୁ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରାଧାପିକା ରାଜେଶ୍ୱରୀ କର, ଗୀତାଞ୍ଜଳି ପୂଜାରୀ, ପ୍ରାଧାପକ ସୁଦାମ ଚରଣ ସାହୁ, ଅଧାପିକା ସନ୍ତୋଷିନୀ ନାୟକ ଅତିଥିଭାବେ ଯୋଗଦେଇଥିଲେ। ଅଧାପିକା ତଥା ଆତ୍ମରକ୍ଷା ତାଲିମ ଶିବିରର ପରିଚାଳିକା ଯାମିନୀ ଦାଶ ସଭା ସଂଯୋଜନା, ସୁବାଷ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଠଦିନ ଧରି ଚାଲିଥିବା ଉକ୍ତ ଶିବିରରେ ୭୦ଜଣ ଛାତ୍ରୀ ତାଲିମ ନେଇଥିଲେ। ଦୃଢ଼ ମନୋବଳ, ଆତ୍ମବିଶ୍ୱାସ ଓ ଆତ୍ମସୁରକ୍ଷା କୌଶଳ ମାଧମରେ ଛାତ୍ରୀମାନେ ସମସ୍ତ ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା କରିପାରିବେ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। କଲ୍ୟାଣମୟୀ ତ୍ରିପାଠୀ ଓ ମାମି ଘିଭେଲା ମାଷ୍ଟର ଟ୍ରେନରଭାବେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ସିନାପାଲି,୧୪।୫(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ନଙ୍ଗଲବୋଡ ପଞ୍ଚାୟତ ଭୋଲିଆଭଟାଠାରେ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ତଳେ ପଡିଯାଇ ମୃତ୍ୟୁବରଣ କରିଛନ୍ତି। ସେ ହେଲେ କେନ୍ଦୁମୁଣ୍ଡା ପଞ୍ଚାୟତ ଜାମପାଣି ଗ୍ରାମର ଯୋଗେସ ମାଝି (୪୦)। ପ୍ରକାଶଯୋଗ୍ୟ ଯେ, ନିଜ ଗ୍ରାମ ଜାମପାଣିରୁ ସେ ସିଜି ୦୪ ସିଏକ୍ସ ୦୬୪୪ ନଂ. ବାଇକ୍ ଯୋଗେ ନଙ୍ଗଲବୋଡ ଯାଉଥିବାବେଳେ ଭୋଲିଆଭଟା ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ବାଇକ୍ ଦୁର୍ଘଟଣା ହୋଇଥିବାବେଳେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ପହଞ୍ଚି ଦେଖିବା ପରେ ତୁରନ୍ତ ପରିବାର ଲୋକ ସମେତ ସିନାପାଲି ପୋଲିସଙ୍କୁ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବେଆଇନ ପଥର ବୋଝେଇ ଟ୍ରକ୍ ଜବତ

**ଗୋଲାମୁଣ୍ଡା,୧୪।୫(ଡି.ଏନ.ଏ):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲଦାର ଶନିବାର ଏକ ବେଆଇନ ପଥର ବୋଝେଇ ହାଇୱାକୁ ଜବତ କରି ୨୫ ହଜାର ଟଙ୍କା ଫାଇନ କାଟିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ବିଜୁ ଏକ୍ସପ୍ରେସ ୱେରେ ପଥର ବୋଝେଇ ହୋଇ ଯାଉଥିବା ଏକ ହାଇୱା(ନଂ ଓଡି୦୮ଜି୨୫୧୩)କୁ ଗୋଲାମୁଣ୍ଡା ତହସିଲଦାର ସର୍ବେଶ୍ୱର ଜାଲ ସନ୍ଦେହରେ ଅଟକାଇଥିଲେ । ଏହି ଗାଡିରେ ଯାଞ୍ଚ ବେଳେ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜଣାପଡିବାରୁ ୨୫ ହଜାର ଟଙ୍କା ଫାଇନ କାଟିଥିଲେ । ଉକ୍ତ ହାଇୱାରେ କୋକସରା ନିକଟସ୍ଥ ସର୍ଗିଗୁଡାରୁ ପଥର ବୋଝେଇ ହୋଇ ନୂଆପଡା ଜିଲାର ହାତିବନ୍ଧାକୁ ଯାଉଥିଲା। ଏହି ଗାଡିର ମାଲିକ ରାୟଗଡା ଅଞ୍ଚଳର ବୋଲି ତହସିଲଦାର ଜାଲ ସୂଚନା ଦେଇଛନ୍ତି।

### ଓଲଟିଲା ପିକଅପ୍ ଭ୍ୟାନ୍: ଜଣେ ମୃତ, ୭ ଗୁରୁତର

**ଭବାନୀପାଟଣା,୧୪।୫(ସ୍ୱ.ପ୍ର.):** ବିବାହ ଭୋଜରୁ ଫେରିବା ସମୟରେ ଓଲଟିଲା ପିକଅପ୍ ଭ୍ୟାନ। ଏହି ଦୁର୍ଘଟଣାରେ ହାତୀରାମ ରାଉତଙ୍କ ମୃତ୍ୟୁ ଘଟିଥିବା ୭ଜଣ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକରେ। ବ୍ଲକ ଅଧୀନ ବିକ୍ରମଗୁଡା ଗ୍ରାମର କେତେଜଣ ବ୍ୟକ୍ତି ଶନିବାର ବଡଫୁର୍ଲା ଗାଁକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ସେମାନେ ପିକଅପ୍‌ରେ ଫେରୁଥିବା ବେଳେ ରଙ୍ଗାବାହାଲ ଛକ ନିକଟରେ ଗାଡିଟି କେନାଲ ପୋଲରେ ପିଟି ହୋଇ ଓଲଟି ପଡିଥିଲା। ଫଳରେ ଏଥିରେ ଥିବା କୁଟୁରୁ ଗାଁର ହାତୀରାମଙ୍କ ମୃତ୍ୟୁ ହୋଇଥିଲା। ଆହତ ୭ ଜଣଙ୍କୁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଆରମ୍ଭରୁ ସମସ୍ୟା, ଚାଷୀ ହଟହଟା

**ବରଗଡ଼ ଜିଲାରେ ରବିରତୁ ଧାନକିଣା**

- ଚାଷୀଙ୍କୁ ମିଳିଥିବା ଟୋକନରେ ତ୍ରୁଟି
- ଅମଳ ଧାନ ବିକ୍ରିରୁ ବଞ୍ଚିତ ଆଶଙ୍କା
- ଶିଥିଳ ଗତିରେ ଚାଲିଛି ଧାନ ଉଠାଣ
- ଚାଷୀଙ୍କୁ ଘାରିଛି କାଳବୈଶାଖୀ ଭୟ

ବରଗଡ଼ ଅଫିସ୍,୧୪।୫

ବରଗଡ଼ ଜିଲାରେ ଅତାବିରା ଏବଂ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡି ଗୁଡ଼ିକରେ ରବିରତୁ ଧାନ ସଂଗ୍ରହ ଚାଲିଛି। ତେବେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଚାଷୀମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ଚାଷୀଙ୍କ ଟୋକନରେ ତ୍ରୁଟି ପରିଲକ୍ଷିତ ହୋଇଛି। ଚାଷଜମି ତୁଳନାରେ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ୍ ଉଲ୍ଲେଖ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ମଣ୍ଡିକୁ ମିଲର୍ସ ଆସୁ ନ ଥିବାରୁ ଧାନ ଉଠାଣ ପ୍ରକ୍ରିୟା ଶିଥିଳ ହୋଇ ପଡ଼ିଛି। ଏଭଳି ସମସ୍ୟା ଜାରି ରହିଲେ ଆଗକୁ ମଣ୍ଡି ଗୁଡ଼ିକରେ ବିକ୍ରି ହୋଇ ନ ପାରି ଧାନ ଗଦା ହେବ ଏବଂ ଅନେକ ଚାଷୀ ମଣ୍ଡିକୁ ଧାନ ଆଣି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ରହିଛି। ସେହିପରି ଧାନ ଉଠାଣ ପ୍ରକ୍ରିୟା ଶିଥିଳ ହୋଇ ପଡ଼ିଲେ ସମ୍ଭାବ୍ୟ କାଳବୈଶାଖୀ କିମ୍ବା ମୌସୁମୀ ବର୍ଷାରେ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ କହିଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ଅତାବିରା ଓ ବରଗଡ଼ ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକ ଖୋଲିବା ପରେ ସେଠାରେ ଧାନ କିଣାବିକା ଚାଲିଛି। ସେହିପରି ରବିବାରରୁ ପଦ୍ମପୁର ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ମଣ୍ଡି ଖୋଲିବା ପରେ ଚାଷୀଙ୍କ ପାଖକୁ ପର୍ଯ୍ୟାୟକ୍ରମେ ଟୋକନ ଆସୁଛି। ହେଲେ ଟୋକନରେ ତ୍ରୁଟି ଯୋଗୁ ଅନେକ ଚାଷୀ ଅମଳ ଧାନ ମଣ୍ଡିକୁ ଆଣିବାରେ ବଞ୍ଚିତ ହେବା ଆଶଙ୍କା ଉପୁଜିଛି।

ଏଥର ଏକର ପ୍ରତି ବିକ୍ରିଯୋଗ୍ୟ ଧାନ ପରିମାଣ ୨୬ କୁଇଣ୍ଟାଲ ରହିଛି। ସୋହେଲା ବ୍ଲକ ସରକଣ୍ଡା ଗ୍ରାମର ଚାଷୀ ହର ବଣିଆଙ୍କ ୪ଏକର ଚାଷଜମି ରହିଛି। ତାଙ୍କ ଜମି ଅଣଜଳସେଚିତ ଏବଂ ସେ ଗଭୀର ନଳକୂପ ସାହାଯ୍ୟରେ ଚାଷ କରିଥିବାରୁ କେବଳ ଅଢ଼େଇ ଏକର ଚାଷଜମିକୁ ପଞ୍ଜୀକୃତ କରାଯାଇଛି । ଏହାସତ୍ତ୍ୱେ ତାଙ୍କୁ ମିଳିଥିବା ଟୋକନରେ ତ୍ରୁଟି ରହିଛି। ସରକାରଙ୍କ ନିଷ୍ପତ୍ତିକ୍ରମେ ତାଙ୍କ ବିକ୍ରିଯୋଗ୍ୟ ଧାନ ପରିମାଣ ୬୫ କୁଇଣ୍ଟାଲ ହେବା କଥା। ମାତ୍ର ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୪୧କୁଇଣ୍ଟାଲ ରହିଥିବା ବଣିଆ କହିଛନ୍ତି ।

ସେହିପରି ସୋହେଲା ବ୍ଲକ ଶ୍ରୀଗିଡ଼ା ଗ୍ରାମର ଦୁର୍ଗାପ୍ରସାଦ ବାରିକଙ୍କ ଅଢ଼େଇ ଏକର ଜମିକୁ ବିକ୍ରିଯୋଗ୍ୟ ଧାନ ପରିମାଣ ୫୨କୁଇଣ୍ଟାଲ ହେବା କଥା। କିନ୍ତୁ ଟୋକନରେ ତାହା ୧୦କୁଇଣ୍ଟାଲ ଥିବାରୁ ବାକି ୪୨କୁଇଣ୍ଟାଲ କେଉଁଠି ବିକିବେ ସେ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ଏହି ଗ୍ରାମର ଆନନ୍ଦ ଯୋଶୀ, ଚିତ୍ତରଞ୍ଜନ ବାରିକ, ଦୁର୍ଯ୍ୟୋଧନ ବାରିକ, ଦୟାନନ୍ଦ ସାହୁ, ରାଜେଶ ସାହୁ, ଗଙ୍ଗାଧର ବାରିକଙ୍କ ସମେତ ସୋହେଲାର ଗୋପାଳ ପ୍ରଧାନ, ପରୁଆଭାଡ଼ି ଗ୍ରାମର ସୁଦାମ ପ୍ରଧାନଙ୍କୁ ମିଳିଥିବା ଟୋକନରେ ଅନୁରୂପ ତ୍ରୁଟି ରହିଥିବା ସମ୍ପୃକ୍ତ ଚାଷୀମାନେ କହିଛନ୍ତି। କେବଳ ଅଣଜଳସେଚିତ ନୁହେଁ, ଜଳସେଚିତ ଅଞ୍ଚଳର ଅନେକ ଚାଷୀଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖାଯାଇଛି । ଭେଡ଼େନ ବ୍ଲକ ଖାଉପାଲି ଗ୍ରାମର ଗୁଣ୍ଡା ପ୍ରଧାନଙ୍କ ୫ଏକର ୨୬ ଡେସିମିଲ ଜମି ରହିଛି। ହେଲେ ତାଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ମାତ୍ର ୨୦.୮୦ କୁଇଣ୍ଟାଲ ଉଲ୍ଲେଖ ରହିଥିବା ସେ କହିଛନ୍ତି।

ଟୋକନ ତ୍ରୁଟି ଯୋଗୁ ଚାଷୀମାନେ ଅମଳ ଧାନ ବିକ୍ରିରୁ ଯେଭଳି ବଞ୍ଚିତ ହୋଇ ପଡ଼ିଛନ୍ତି, ମିଲର୍ସ ଆସୁ ନ ଥିବା ଯୋଗୁ ମଣ୍ଡିକୁ ଧାନ ଆଣୁଥିବା ଚାଷୀଙ୍କ ଚିନ୍ତା ମଧ୍ୟ ବଢ଼ି ଚାଲିଛି। ମଣ୍ଡିରେ ଯେଉଁ ଅନୁପାତରେ ସଂଗ୍ରହ ହେଉଛି, ସେହି ତୁଳନାରେ ଧାନ ଉଠାଣ ହେଉନାହିଁ। ବରଗଡ଼ ଆରଏମସି ଅଧୀନ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ସେ ୭୫୦ ପ୍ୟାକେଟ୍ ଧାନ କଲାପାଣି ମଣ୍ଡିକୁ ବିକ୍ରି ପାଇଁ ଆଣିଛନ୍ତି । ମାତ୍ର ୩୫୦ ପ୍ୟାକେଟ୍ ଧାନ ଉଠିଥିବାବେଳେ ଆହୁରି ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ସେ କହିଛନ୍ତି। ଅନେକ ଚାଷୀଙ୍କ କ୍ଷେତ୍ରରେ ଅନୁରୂପ ସ୍ଥିତି ଉପୁଜିଛି। ଅନ୍ୟପଟେ ଅତାବିରା ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକୁ ଏପର୍ଯ୍ୟନ୍ତ ୩୨ହଜାର ୧୪୦ ପ୍ୟାକେଟ୍ ଧାନ ଆସିଥିବାବେଳେ ସେଥିରୁ ୧୮ହଜାର ୫୩ ପ୍ୟାକେଟ୍ ବିକ୍ରି ହୋଇ ସାରିଥିବା ଜଣାପଡ଼ିଛି। ଏଭଳି ସମସ୍ୟା ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ତାଙ୍କ ମୋବାଇଲ ନମ୍ବର ୭୩୨୮୭୨୦୯୬ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା।


ବରଗଡ଼ ଆରଏମସି ଅଧୀନ କଲାପାଣି ମଣ୍ଡିରେ ଧାନ ଉଠାଣ ଚାଲିଛି।

## ୩ଜଣଙ୍କୁ ଧରିଲା ପୋଲିସ

**ଟେଭାପଦର ସ୍କୁଲରୁ ଚାଉଳ ଚୋରି ଘଟଣା**

- ଅଭିଯୁକ୍ତଙ୍କ ମଧରେ ଜଣେ ନାବାଳକ

ଅମରପାଲି,୧୪।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ଶିକ୍ଷାଧିକ କାର୍ଯ୍ୟାଳୟ ଅଧିନ ଟେଭାପଦର ୟୁପି ସ୍କୁଲରୁ ଚାଉଳ ଚୋରି ଘଟଣାରେ ସୁବଳୟା ପୋଲିସ ୩ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଜଣେ ନାବାଳକ। ସମ୍ପୃକ୍ତ ନାବାଳକଙ୍କୁ ସୁବର୍ଣ୍ଣପୁର ଜିଲା ଜୁଭିନାଇଲ ବୋର୍ଡ ପାଖରେ ହାଜର କରାଯାଇଛି । ଅନ୍ୟ ଦୁଇ ଅଭିଯୁକ୍ତ ଟେଭାପଦର ଗ୍ରାମର ରାଜେନ୍ଦ୍ର ପଧାନ( ୨୨) ଓ ନରହରି ମହଲା (୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନାମତେ ଟେଭାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନ ଭୋଜନ ପାଇଁ ୬୨ବସ୍ତା ଚାଉଳ ରଖାଯାଇ ଥିଲା। ଗତ ୭ ତାରିଖରେ ତାଲାଭାଙ୍ଗି ସେଥିରୁ ୪୫ବସ୍ତା ଚାଉଳ ଚୋରି ହୋଇ ଥିଲା। ଚୋରିର ୫ଦିନ ପରେ ଏନେଇ ପ୍ରଧାନଶିକ୍ଷକ ସନ୍ତୋଷ ସାହୁ ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା(୫୮/୨୨)ରୁଜୁ କରି ତଦନ୍ତ ଚଳାଇଥିଲେ ସବ ଇନ୍ସପେକ୍ଟର ଦୀପ୍ତିରଞ୍ଜନ ଦିଗାଲ। ଏହି ଚୋରି ଘଟଣାରେ ସମ୍ପୃକ୍ତ ଆଉ କେତେକ ବ୍ୟକ୍ତି ଫେରାର ଅଛନ୍ତି।

# ବ୍ୟକ୍ତିତ୍ୱକୁ ଶାଣିତ କରେ ପୁସ୍ତକ ଅଧ୍ୟୟନ



ପିଲାଙ୍କ ପାଠାଗାର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ବକ୍ତବ୍ୟ ରଖୁଛନ୍ତି।

**ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ**

ବରଗଡ଼ ଅଫିସ୍,୧୪।୫

ବରଗଡ଼ ବ୍ଲକ ବୀରମାଲ ହାଇସ୍କୁଲ ପରିସରରେ ଶନିବାର ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଭାପତି ମନୋରଞ୍ଜନ ମେହେର ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁସ୍ତକ ଅଧ୍ୟୟନ ବ୍ୟକ୍ତିତ୍ୱକୁ ଶାଣିତ କରିବା ସହିତ ବ୍ୟକ୍ତିଙ୍କୁ ଜ୍ଞାନବାନ୍, ବିବେକବାନ୍ ଭାବେ ଗଢ଼ି ତୋଳେ ବୋଲି ମତବ୍ୟକ୍ତ କରିଥିଲେ। ବୀରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ପିଲାମାନେ ଅଧିକ ମୋବାଇଲ ବ୍ୟବହାର କରିବା ବଦଳରେ ବନ୍ଧୁତା କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସାହୁ, ସଂସ୍କୃତ ଶିକ୍ଷକ ନନ୍ଦଲାଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ପଠନର ଉପାଦେୟତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପଠନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାନିନୀ ରଣା, ଗଜାନନ ସାହୁ, ତୃପ୍ତି ମେହେରଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁଶ୍ରୀର ଆବାହକ ଡଃ ରବିନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଏବଂ ଶିକ୍ଷକ ସୂର୍ଯ୍ୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁଙ୍କ ଓଜନ ଉତ୍ସବ

**ଅତାବିରା,୧୪।୫(ଡି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ସମନ୍ୱିତ ଶିଶୁ ବିକାଶ ଅଧୀନ ଡାଲବ ସେକ୍ଟର ସ୍ଥିତ ସାଲନା, ଉଦେପୁର(୧) ଅଙ୍ଗନୱାଡ଼ି କେନ୍ଦ୍ରରେ ଶନିବାର ଓଜନ ଉତ୍ସବ ପାଳିତ ହୋଇଛି। ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଶରୀର ବୃଦ୍ଧି, ଓଜନ, ଉଚ୍ଚତା ଆଦି ନିରୀକ୍ଷଣ କରାଯାଇଥିଲା। ଶିଶୁଙ୍କ ମା' ମାନଙ୍କର ଉପସ୍ଥିତିରେ ଏହା ହୋଇଥିଲା। ଡାଲବ ସେକ୍ଟର କ୍ଷେତ୍ର ପରିଦର୍ଶିକା ସେବତୀ ବାଗ, ସାଲନା ଅଙ୍ଗନୱାଡ଼ି କର୍ମୀ ଯଶୋବନ୍ତୀ ସାହୁ, ଉଦେପୁର ଅଙ୍ଗନୱାଡ଼ି କର୍ମୀ ରୀନା ଦନ୍ତା, ସହାୟିକା ସ୍ନେହଲତା ଝାଙ୍କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁମାନଙ୍କର ଶାରୀରିକ ବିକାଶ ପାଇଁ ଅଭିଭାବକଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା।

# ୨୪ଘଣ୍ଟା ବିଦ୍ୟୁତ୍ ବିଚ୍ଛିନ୍ନ

ଅମରପାଲି,୧୪।୫(ଡି.ଏନ.ଏ.)

ଦୀର୍ଘ ୨୪ ଘଣ୍ଟା ହେଲା ବୀରମହାରାଜପୁର ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି। ବିନା ବିଦ୍ୟୁତ୍‌ରେ ଲୋକେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ବ୍ଲକର ରାଣିପୁର ଓ ସୁବଳୟା ଗ୍ରୀଡ ଏବଂ ମୁର୍ଷୁଣ୍ଡୀ ଓ ବୀରମହାରାଜପୁର ସବଷ୍ଟେସନରୁ ବିଦ୍ୟୁତ୍ ଯୋଗାଯୋଗ ହୋଇପାରୁ ନାହିଁ। ଶୁକ୍ରବାର ରାତି ୯ଟାରେ ସାମାନ୍ୟ ପବନ ବହିବା ଆରମ୍ଭ ହେବା ପରେ ଉପାନ୍ତ ଅଞ୍ଚଳର ସରବରାହ ବିଚ୍ଛିନ୍ନ କରି ଦିଆଯାଇଥିଲା। ଦୁର୍ଜନଟେଲା, ବହଳପଦର, ଲୁଡୁରପଙ୍କ, କେନଝିରିଆପାଲି, ଖଣ୍ଡହତା, ମୁର୍ଷୁଣ୍ଡୀ, କମିରା, ପିତାମହୁଲ, ସଂଗ୍ରାମପୁର, ହିଲୁଙ୍ଗ, ବାଗବର ଆଦି ପଞ୍ଚାୟତର ଲୋକେ ରାତି ସାରା ଅନ୍ଧାରରେ ରହିଥିଲେ। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହୋଇଥିଲେ। ଶନିବାର ରାତି ୯ଟାଯାଏ ବୀରମହାରାଜପୁର ସଦର ମହକୁମା ଓ ସାଢେ ୧୦ଟା ଯାଏ ଗ୍ରାମାଞ୍ଚଳରେ ସରବରାହ ସ୍ୱାଭାବିକ ହୋଇ ନ ପାରିବାରୁ ଲୋକେ ଗରମରେ ଛଟପଟ ହୋଇଥିଲେ। ବିଦ୍ୟୁତ୍ ସେବା ବ୍ୟାଘାତ ଯୋଗୁଁ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଥିଲା। ଫଳରେ କୌଣସି ଗ୍ରାମରେ ଜଳ ଯୋଗାଣ ହୋଇ ପାରିନାହିଁ। ବୀରମହାରାଜପୁର ଜୋନ ୧ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ ଟାଟା ପାୱାରର ବିଫଳତା ଏବଂ ଏହାର ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଠିକ୍‌ରେ ବିଦ୍ୟୁତ୍ ସେବା ପାଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ନିରବଚ୍ଛିନ୍ନ ବିଦ୍ୟୁତ୍ ନ ସେବା ନ ମିଳିଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବିଭାଗୀୟ ଏସଡିଓ ବି. ସଞ୍ଜିବ ରାଓଙ୍କୁ ପଚାରିବାରୁ ବୀରମହାରାଜପୁର କଲେଜ ନିକଟରେ ଗତ ରାତିରେ ୯ଟି ପୋଲରୁ ତାର ଛିଣ୍ଡି ଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଥିବା କହିଥିଲେ। ଶନିବାର ରାତି ୯ଟାରେ ବୀରମହାରାଜପୁର ସଦର ମହକୁମାରେ ଓ ରାତି ପ୍ରାୟ ସାଢେ ୧୦ଟାରେ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

- ବିଦ୍ୟୁତ୍ ଅଭାବରୁ ହେଲାନି ପାନୀୟ ଜଳ ଯୋଗାଣ
- ଗରମ, ଗୁଳୁଗୁଳିରେ ଲୋକେ ଅତିଷ୍ଠ
- ବିଦ୍ୟୁତ୍ କାଟ୍‌କୁ ନେଇ ବୀରମହାରାଜପୁର ଅଞ୍ଚଳରେ ଅସନ୍ତୋଷ



## ବାଲ୍ୟବିବାହ ରୋକିଲା ପ୍ରଶାସନ

ତରଭା, ୧୪।୫(ଡି. ଏନ. ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସିଂହାରୀ ପଞ୍ଚାୟତ ଅନ୍ତର୍ଗତ ଝାରବଡୋଜୋର ଗ୍ରାମରେ ରବିବାର ହେବାକୁ ଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ ରୋକିଛି। ତରଭା ଶିଶୁ ପ୍ରକଳ୍ପ ଅଧିକାରୀ ସବିତା ଦୋରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁପରଭାଇଜର ତିଳୋତ୍ତମା ବରିହା, ଶ୍ରଦ୍ଧାଞ୍ଜଳି ଭୋଇ, ଚାଇଲ୍ଡଲାଇନ ସଦସ୍ୟା ଆନନ୍ଦିନୀ ଶାଣ୍ଡ ଓ ପୋଲିସ ଟିମ୍ ଶକ୍ତି ବେହେରା ଓ ପ୍ରମୋଦ ମଲ୍ଲିକ ଝାରବଡୋଜୋର ଗ୍ରାମରେ ଶନିବାର ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ନାବାଳିକା ବିବାହର କୁପରିଣାମ ଓ ଆଇନଗତ ଦିଗ ବିଷୟରେ ବୁଝାଇଥିଲେ। ପରେ ଉକ୍ତ ୧୭ବର୍ଷୀୟା ନାବାଳିକାଙ୍କୁ ସୁବର୍ଣ୍ଣପୁର ସିଡ଼ବ୍ଲୁସିକୁ ହସ୍ତାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ଶିଶୁଗୃହକୁ ପଠାଇ ଦିଆଯାଇଛି। ନାବାଳିକାଙ୍କର ବିବାହ ରବିବାର ବଲାଙ୍ଗୀର ଜିଲା ଡୁଙ୍ଗୁରା ଅଞ୍ଚଳରେ ହେବା ସ୍ଥିରୀକୃତ ହୋଇଥିଲା। ନିର୍ଦ୍ଦିଷ୍ଟଭାବେ ଖବର ପାଇବା ପରେ ପ୍ରଶାସନ ଏହି ପଦକ୍ଷେପ ନେଇଛି।

# ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବୌଦ୍ଧ,୧୪।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ନ୍ୟାୟାଳୟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ବିକ୍ରମ କୁମାର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ସର୍ବମୋଟ ୪୮ଗୋଟି ବିଚାରାଧୀନ ମାମଲା ଯଥା ମୋଟର ଗାଡି ଦୁର୍ଘଟଣା ଜନିତ ମୋକଦ୍ଦମା, ପାରିବାରିକ, ଦେୱାନୀ ସହିତ ବିଭିନ୍ନ ମାମଲାର ଶୁଣାଣି କରାଯାଇଥିଲା। ଏଥିସହିତ ୧୩ ଗୋଟି ପ୍ରାକ୍ ମୋକଦ୍ଦମାର ଫଇସଲା କରାଯାଇ ୧୭,୮୩,୬୦୦ ଟଙ୍କା ଆଦାୟ କରାଯାଇଥିଲା। ଏଥିରେ ପରିବାର ଅଦାଲତ ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ, ରେଜିଷ୍ଟ୍ରାର ସୁଚିତ୍ରା ପରମଗୁରୁ, ଆଇନ ସେବା ପ୍ରାଧିକରଣ ସଚିବ ଚରଣଜିତ ଓରାମ, ଏସଡିଜେଏମ ସୁମିତ୍ରା ସାହୁ ଏବଂ ପ୍ରୋବେସନ୍ ମାଜିଷ୍ଟ୍ରେଟ୍ ବିକାଶ କିରନ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଦୌରାଜଜ୍ ମାମଲାର ଫଇସଲା କରୁଛନ୍ତି।

# ବ୍ଲାଷ୍ଟିଂ, କୀଟନାଶକ ପ୍ରୟୋଗରୁ ନଦୀ ପ୍ରଦୂଷିତ

- କମୁଛି ମାଛ, ଚିଙ୍ଗୁଡି
- ସଙ୍କଟରେ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା

ସୋନପୁର,୧୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଦେଇ ଅନେକ ଛୋଟ ବଡ ନଦୀ, ନାଳ ପ୍ରବାହିତ ହେଉଛି। ଏହା ଜିଲାବାସୀଙ୍କ ପାଇଁ ପ୍ରକୃତିର ବରଦାନ ସଦୃଶ। ରାଜ୍ୟର ସବୁଠୁ ବଡ ନଦୀ ମହାନଦୀ ଜିଲା ମଧ ଦେଇ ପ୍ରାୟ ୧୦୦ କିଲୋମିଟରରୁ ଉର୍ଦ୍ଧ ପ୍ରବାହିତ ହେଉଛି। ଏହା ବ୍ୟତୀତ ତେଲ, ଅଙ୍ଗ, ସୁକତେଲ ନଦୀ, ନିବୃତ୍ତି ଯୋର ଭଳି ଛୋଟ ବଡ ନଦୀ ଓ ନାଳ ପ୍ରବାହିତ ହେଉଛନ୍ତି। ତେବେ ମହାନଦୀ ଓ ତେଲନଦୀ ଜଳ ଏବେ ବିଭିନ୍ନ କାରଣରୁ ପ୍ରଦୂଷିତ ହେବାରେ ଲାଗିଛି। ତଥାପି ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସେତେଟା ତତ୍ପରତା ପ୍ରକାଶ ପାଉନାହିଁ। ଅଶୀ ଦଶକରେ ମହାନଦୀରୁ ବହୁଳ ପରିମାଣରେ ରତ୍ନ ପଥର ମିଳୁଥିଲା। ଏଥିପାଇଁ କେତେକ ଲୋକ ମହାନଦୀ ଶଯ୍ୟାରେ ବ୍ଲାଷ୍ଟିଂ କରିବାକୁ ଲାଗିଲେ। ଅନ୍ୟପକ୍ଷେ ଅଣମତ୍ସ୍ୟଜୀବୀମାନେ ମଧ କମ୍ ପରିଶ୍ରମରେ ଅଧିକ ମାଛ ଧରିବା ପାଇଁ ମହାନଦୀରେ ଏବେ ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ କରୁଛନ୍ତି । ଉପର ମୁଣ୍ଡରେ ଥିବା ଶିଳ୍ପାନୁଷ୍ଠାନଗୁଡିକର ବର୍ଜ୍ୟବସ୍ତୁ ଓ ନଦୀକୂଳିଆ ସହରର ଡ୍ରେନ୍ ପାଣି ସିଧାସଳଖ ନଦୀରେ ମିଶୁଛି। ଫଳରେ ମହାନଦୀ ଜଳ ଅଧିକ ପ୍ରଦୂଷିତ ହେଉଛି। ଏହାର ପ୍ରଭାବରେ ଆଗ ପରି ନଦୀରୁ ବଡ ଚିଙ୍ଗୁଡି, ମାଗୁର, ସିଙ୍ଗି, ରୋହି, ଭାକୁର, ମିରକାଳୀ, ଜର୍ଡା ମାଛ ପର୍ଯ୍ୟାପ୍ତ ପରିମାଣରେ ମିଳୁନାହାନ୍ତି ।

ମହାନଦୀର କୂଳବର୍ତ୍ତୀ ଦାଦରପାଲି, ଝରାପଡା, ନାଚନିପଦର, ଦଶରାଜପୁର, ବାଘପାଲି, ବଡମାଲ, କେଉଟପାଲି, କେଲଗାଁ, ବିନିକା ଗୁଲାପଡା, ମଣିଗାଁ ଡେରା, ରହିଲା, ଡୁଣ୍ଡୁପାଲି ଝରାପଡା, ପଣ୍ଡକିଟାଲ ଆଦି ଗାଁ ଗୁଡିକରେ ଝରା ସମ୍ପ୍ରଦାୟର ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେହିପରି ସୋନପୁର ସହର ସମେତ ନିମ୍ନା, ଦଶରାଜପୁର ଓ ତେଲେଣ୍ଡାରେ ଗିଙ୍ଗିରା, କେଉଟ ପରିବାର ରହୁଛନ୍ତି। ଏହି ସମ୍ପ୍ରଦାୟର ଲୋକେ ପରୁଷାନୁକ୍ରମେ ମହାନଦୀ ଗର୍ଭରୁ ଡଙ୍ଗାରେ ପାରମ୍ପରିକ ଶୈଳୀରେ ମାଛ ଧରି ସ୍ଥାନୀୟ ବଜାରରେ ବିକ୍ରି କରି ନିଜର ପରିବାର ପୋଷଣ କରୁଥିଲେ। ଏବେ ଏହି ପରିବାରର ଜୀବିକା ସଙ୍କଟରେ ପଡିଛି। ପାରମ୍ପରିକ ପଦ୍ଧତିରେ ମାଛ ଧରି ସେମାନେ ଆଜିର ମହଙ୍ଗା ଯୁଗରେ ଆଉ ପରିବାର ଚଳାଇ ପାରୁନାହାନ୍ତି। ଅନ୍ୟପକ୍ଷେ ମହାନଦୀର ଦୂଷିତ ଜଳ ବ୍ୟବହାର କରି ନଦୀକୂଳିଆ ଅଧିବାସୀ ବିଭିନ୍ନ ପ୍ରକାର ଚର୍ମରୋଗରେ ପଡୁଛନ୍ତି। ମହାନଦୀରେ ରାସାୟନିକ ଔଷଧର ବହୁଳ ପ୍ରୟୋଗ ଓ ବ୍ଲାଷ୍ଟିଂ ଫଳରେ ଅନେକ ପ୍ରଜାତିର ମାଛ ବଂଶ ଲୋପ ପାଇ ସାରିଥିବା ବେଳେ ଆଉ କିଛି ଲୁପ୍ତ ହେବା ଅବସ୍ଥାରେ ଅଛନ୍ତି । ବିଭିନ୍ନ ସମୟରେ ସୋନପୁର, ବିନିକାର ମତ୍ସ୍ୟଜୀବୀମାନେ ବେଆଇନ ଭାବେ ବ୍ଲାଷ୍ଟିଂ କରି ଓ ବିସ୍ଫୋରକ ପ୍ରୟୋଗ କରି ମାଛ ଧରୁଥିବା ଅସାମାଜିକ ଲୋକଙ୍କୁ ଧରି ପୋଲିସ ଜିମା ଦେଉଛନ୍ତି । କିନ୍ତୁ ପୋଲିସ ନିଜ ଆଡୁ କେବେ ଠୋସ ପଦକ୍ଷେପ ନେଇନାହିଁ । ଯାହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଠୁଛି। ତେଣୁ ମହାନଦୀରେ ବେଆଇନ ବ୍ଲାଷ୍ଟିଂ ରୋକିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମତ୍ସ୍ୟଜୀବୀ ତଥା କାଉନସିଲର ଗଙ୍ଗାଧର ତରିଆ, ମତ୍ସ୍ୟଜୀବୀ ସୁରୁବାକୁ ସାହୁ, ବୈଦ୍ୟନାଥ ବେହେରା, ରାମେଶ୍ୱର ନାଏକ, ଧୁବେଇ ଗିଙ୍ଗିରା ଓ ଝରା ସଂଘର ସଭାପତି ଡିଗେଶ୍ୱର ନାଏକ ପ୍ରମୁଖ ଦାବି କରିଛନ୍ତି ।


ମହାନଦୀରେ ମତ୍ସ୍ୟଜୀବୀମାନେ ପାରମ୍ପରିକ ଦେଶୀ ଡଙ୍ଗାରେ ମାଛ ଧରୁଛନ୍ତି।